

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୨୩ ମଇ ୨୦୨୪ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 23 May 2024
Vol.No. 35 ■ No.137 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019

ଅସରନ୍ତି ଶୁଭେଚ୍ଛା ସହ...
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧

## ୨୬ରେ ପ୍ରକାଶ ପାଇବ ଯୁକ୍ତ ଦୁଇ ରେଜଲ୍ଟ

ଭୁବନେଶ୍ୱର, ୨୨/୫ (ନି.ପ୍ର): ମେ' ୨୬ ତାରିଖ ଅପରାହ୍ନରେ ପ୍ରକାଶ ପାଇବ ଦ୍ୱାଦଶ ବା ଯୁକ୍ତ ଦୁଇ ରେଜଲ୍ଟ। ଏଥର ଏକା ସାଙ୍ଗରେ କଳା, ବିଜ୍ଞାନ, ବାଣିଜ୍ୟ ଓ ଧନ୍ଦାମୂଳକ ପରୀକ୍ଷାର ଫଳାଫଳ ଘୋଷଣା କରାଯିବ। ଭୁବନେଶ୍ୱର ସ୍ଥିତ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ କାର୍ଯ୍ୟାଳୟ ପରିସରରେ ଫଳାଫଳ ପ୍ରକାଶ କରାଯିବ। ଉଏଁଝର ପକ୍ଷରୁ ଆଜି ଏହି ସୂଚନା ଦିଆଯାଇଛି। ସିଏଚ୍ଏସ୍ଇ ପକ୍ଷରୁ କୁହାଯାଇଛି । ଗତ ଫେବ୍ରୁଆରୀ ୧୬ରୁ ମାର୍ଚ୍ଚ ୨୦ ତାରିଖ ପର୍ଯ୍ୟନ୍ତ ଯୁକ୍ତ ଦୁଇ ପରୀକ୍ଷା ହୋଇଥିଲା। ଚଳିତ ବର୍ଷ ୩ ଲକ୍ଷ ୮୬ହଜାର ୨୫୦ ଛାତ୍ରଛାତ୍ରୀ ପରୀକ୍ଷା ଦେଇଛନ୍ତି।

## ସୃଷ୍ଟି ହେଲା ଲଘୁଚାପ କ୍ଷେତ୍ର: ମତ୍ସ୍ୟଜୀବୀଙ୍କୁ ସମୁଦ୍ର ମନା

ଭୁବନେଶ୍ୱର, ୨୨/୫ (ନି.ପ୍ର): ସକ୍ରିୟ ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ-ପଶ୍ଚିମ ପାର୍ଶ୍ୱବର୍ତ୍ତୀ ପଶ୍ଚିମ କେନ୍ଦ୍ରୀୟ ଓ ତତ୍ ସଂଲଗ୍ନ ଉତ୍ତର ତାମିଲନାଡୁ-ଦକ୍ଷିଣ ଆନ୍ଧ୍ର ପ୍ରଦେଶ ଉପକୂଳରେ ଆଜି ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଏହା ସହିତ ଜଡିତ ଘୂର୍ଣ୍ଣିବଳୟ ବାୟୁମଣ୍ଡଳର ୫.୮ କିଲୋମିଟର ଯାଏ ବ୍ୟାପିଛି। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁସାରେ, ଲଘୁଚାପ କ୍ଷେତ୍ରଟି ଉତ୍ତରପୂର୍ବ ଦିଗରେ ଗତି କରିବ। ପରେ ଏହା ଅଧିକ ଘନୀଭୂତ ହୋଇ ୨୪ ତାରିଖ ସକାଳେ ଡିପ୍ରେସନ୍ ବା ଅବପାତର ରୂପ ନେବ। ପରବର୍ତ୍ତୀ ସମୟରେ ଅଧିକ ଘନୀଭୂତ ହୋଇ ଉତ୍ତର-ପୂର୍ବ ଦିଗରେ ଗତି କରିପାରେ। ଏହାର ପ୍ରଭାବରେ ସମୁଦ୍ର ଅଶାନ୍ତ ରହିବ। ଆଜିଠାରୁ ଦକ୍ଷିଣ ବଙ୍ଗୋପସାଗରରେ ଘଣ୍ଟାପ୍ରତି ୩୫ରୁ ୪୫ କିଲୋମିଟର ବେଗରେ ବହିବ ପବନ। ୨୪ ତାରିଖ ସକାଳ ▶▶ପୃଷ୍ଠା ୭

# ବିଜେପି ଓ କଂଗ୍ରେସକୁ କଡ଼ା ଚେତାବନୀ ଦେଲେ ନିର୍ବାଚନ କମିଶନ




ନୂଆଦିଲ୍ଲୀ, ୨୨/୫ : ଦେଶରେ ୫ଟି ପର୍ଯ୍ୟାୟର ମତଦାନ ଶେଷ ହୋଇଯିବା ପରେ ନିର୍ବାଚନ କମିଶନ ବିବାଦୀୟ ଭାଷଣକୁ ନେଇ ଆଜି ଅସନ୍ତୋଷ ପ୍ରକାଶ କରିଛନ୍ତି। କ୍ଷମତାସୀନ ବିଜେପି ଓ ଦେଶର ପ୍ରମୁଖ ବିରୋଧୀ କଂଗ୍ରେସକୁ କମିଶନ କଡ଼ା ଚେତାବନୀ ଦେଇଛନ୍ତି। ଦୁଇ ଦଳର ଷ୍ଟାର ପ୍ରଚାରକମାନେ ଉତ୍ତେଜନାପୂର୍ଣ୍ଣ ଭାଷଣ ଦେଉଥିବାରୁ ନିର୍ବାଚନ କମିଶନ ସେମାନଙ୍କୁ ତାଗିଦ କରିଛନ୍ତି। ବିଜେପି ରାହୁଲ ଗାନ୍ଧିଙ୍କ ବିରୋଧରେ ଓ କଂଗ୍ରେସ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିରୋଧରେ ଏକାଧିକ ଅଭିଯୋଗ କମିଶନରେ କରିଥିଲା। ଏହାପରେ କମିଶନଙ୍କ ନୋଟିସ ସାମ୍ନାକୁ ଆସିଛି। ଏହାପରେ ନିର୍ବାଚନ କମିଶନ ବିଜେପି ଅଧ୍ୟକ୍ଷ ଜେପି ନଡ୍ଡା ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେଙ୍କୁ ନୋଟିସ କରି ସେମାନଙ୍କର ଷ୍ଟାର ପ୍ରଚାରକମାନଙ୍କୁ ସୀମା ଭିତରେ ରହିବାକୁ କହିଛନ୍ତି। ଦେଶର ସାମଜିକ ଓ ସାଂସ୍କୃତି ପରମ୍ପରା ନିର୍ବାଚନ ଯୋଗୁ ଆଘାତ ପ୍ରାପ୍ତ ହେବା କଥା ନୁହେଁ ବୋଲି କମିଶନ ମତ ରଖିଛନ୍ତି। ପ୍ରଚାର ବେଳେ ଷ୍ଟାର ପ୍ରଚାରକମାନେ ସତର୍କତା ଅବଲମ୍ୱନ କରନ୍ତୁ ଓ ଯେମିତି ମର୍ଯ୍ୟାଦା ମଧ୍ୟରେ ରହିବେ, ସେଥିପାଇଁ ଦୁଇ ଦଳର ମୁଖିଆ ସେମାନଙ୍କ ଷ୍ଟାର ପ୍ରଚାରକମାନଙ୍କୁ ଔପଚାରିକ ଭାବେ ଚିଠି ଲେଖନ୍ତୁ ବୋଲି ମଧ କମିଶନ ପରାମର୍ଶ ଦେଇଛନ୍ତି। କମିଶନ କହିଛନ୍ତି, ନିର୍ବାଚନ ଏମିତ ଏକ ପ୍ରକ୍ରିୟା ଯେଉଁଠାରେ ରାଜନୀତିକ ଦଳଗୁଡ଼ିକ କେବଳ ଜିତିବା ପାଇଁ ଲଢ଼ନ୍ତି ନାହିଁ। ନିଜର ବିଚାରଧାରାକୁ ଭୋଟରମାନଙ୍କ ଆଗରେ ଉପସ୍ଥାପନ କରିନ୍ତି ଓ ଆଶା ସୃଷ୍ଟି କରିବାର ଅଭିଜ୍ଞତା ହାସଲ କରନ୍ତି। ଦ୍ୱିତୀୟ କଥାର ହେଲା, କେହି ବି ନିର୍ବାଚନକୁ ନେଇ ଭାରତୀୟ ଭୋଟରଙ୍କ ଐତିହ୍ୟ ଗୁଣବତ୍ତାପୂର୍ଣ୍ଣ ଅଭିଜ୍ଞତା ଓ ଆମ ଗଣତନ୍ତ୍ରକୁ ଦୁର୍ବଳ କରିପାରିବେ ନାହିଁ। କେହି ବି ଧାର୍ମିକ ଓ ସାଂପ୍ରଦାୟିକ ବୟାନ ଦେଇ ପାରିବେ ନାହିଁ। ନିର୍ବାଚନ କମିଶନ ବିଜେପିକୁ ସମାଜରେ ବିଦ୍ୱେଷ ସୃଷ୍ଟି କରିବା ଭଳି ବୟାନ ଠାରୁ ଦୂରରେ ରହିବାକୁ କହିଛନ୍ତି। ସେହିପରି ଅଗ୍ନିବୀର ଯୋଜନା ଉପରେ କମିଶନ କଂଗ୍ରେସର ଷ୍ଟାର ପ୍ରଚାରକ ଓ ପ୍ରାର୍ଥୀମାନଙ୍କୁ ସୁରକ୍ଷାବଳକୁ ନେଇ ରାଜନୀତି ନ କରିବାକୁ କହିଛନ୍ତି। ▶▶ପୃଷ୍ଠା ୭

## ନବୀନ ଓ ଅପରାଜିତା ମୁହାଁମୁହିଁ



ଭୁବନେଶ୍ୱର, ୨୨/୫ (ନି.ପ୍ର): ପୁଣି ମୁହାଁମୁହିଁ ହୋଇଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଭୁବନେଶ୍ୱର ସାଂସଦ ତଥା ଚଳିତ ଥରର ବିଜେପି ଲୋକସଭା ପ୍ରାର୍ଥୀ ଅପରାଜିତା ଷଡ଼ଙ୍ଗୀଙ୍କୁ ସଭାମଞ୍ଚରୁ ଟାର୍ଗେଟ୍ କରିଛନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ଖୋର୍ଦ୍ଧାରେ ଜନସଭାକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଭୁବନେଶ୍ୱର ସାଂସଦ ପୁରୀ ଓ ଲିଙ୍ଗରାଜ କାମ ବନ୍ଦ କରିବାକୁ ଚେଷ୍ଟା କରିଥିଲେ। ବିରୋଧୀ ଦଳ ନେତା ମିଛ କହୁଛନ୍ତି ଓ କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି ବୋଲି କହିଛନ୍ତି ନବୀନ। ଅନ୍ୟପକ୍ଷରେ ଏହାର ଜବାବ ରଖିଛନ୍ତି ଅପରାଜିତା ଷଡ଼ଙ୍ଗୀ। ସେ କହିଛନ୍ତି, ଜଣେ ୨୪ ବର୍ଷର ମୁଖ୍ୟମନ୍ତ୍ରୀ ପ୍ରଥମ ଥରର ସାଂସଦଙ୍କୁ ଅଙ୍ଗୁଳି ନିର୍ଦ୍ଦେଶ କରିବା ହାସ୍ୟାସ୍ପଦ କଥା। ମୁଁ ତାଙ୍କୁ ୨୪ ଘଣ୍ଟା ତଳେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ରର ବିକାଶ ସଂପର୍କରେ ବିତର୍କ ପାଇଁ ଆହ୍ୱାନ ଦେଇଥିଲି। ଏବେ ସୁଦ୍ଧା ତାଙ୍କଠୁ କୌଣସି ଉତ୍ତର ଆସିନି। ମୁଁ ଅପେକ୍ଷାରେ ଅଛି। ▶▶ପୃଷ୍ଠା ୭

## ୨୫ରେ ଆସିବେ ଶାହ୍, ୨୯ରେ ମୋଦି



ଭୁବନେଶ୍ୱର, ୨୨/୫ (ନି.ପ୍ର): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଓଡ଼ିଶା ଗସ୍ତରେ ଆସିବେ। ମେ' ୨୯ ତାରିଖରେ ସେ ଆସିବେ। କେନ୍ଦ୍ରାପଡ଼ା ଓ ବାଲେଶ୍ୱରରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିବେ ପ୍ରଧାନମନ୍ତ୍ରୀ। ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର ଏହି ସୂଚନା ଦେଇଛନ୍ତି। ଏହା ପୂର୍ବରୁ ପ୍ରଧାନମନ୍ତ୍ରୀ ଏକାଧିକ ଥର ଓଡ଼ିଶା ଆସି ନିର୍ବାଚନ ପ୍ରଚାର କରି ସାରିଛନ୍ତି। ସେ ବ୍ରହ୍ମପୁର, ନବରଙ୍ଗପୁର, କନ୍ଧମାଳ, ବରଗଡ଼, ବଲାଙ୍ଗିର, କଟକ ଓ ଅନୁଗୋଳରେ ନିର୍ବାଚନୀ ସଭାକୁ ସମ୍ବୋଧିତ କରିଥିବା ବେଳେ ଭୁବନେଶ୍ୱର ଓ ପୁରୀରରେରୋଡ୍ ଶୋ' କରିଥିଲେ। ରାଜ୍ୟର ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁଣି ଥରେ ଓଡ଼ିଶା ଆସୁଥିବା ବେଳେ ଗତକାଲି ରାଜ୍ୟର ୪ଟି ସ୍ଥାନରେ ପ୍ରଚାର କରି ଫେରିଥିବା କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ ମେ' ୨୫ ତାରିଖରେ ପୁନର୍ବାର ଓଡ଼ିଶା ଗସ୍ତରେ ଆସୁଛନ୍ତି। ତାଙ୍କ ଗସ୍ତ ନେଇ ମଧ ରାଜ୍ୟ ବିଜେପି ନିର୍ବାଚନ ପ୍ରଭାରୀ ବିଜୟପାଲ ସିଂହ ତୋମାର ସୂଚନା ଦେଇଛନ୍ତି। ଶ୍ରୀ ଶାହ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦା, ଭଦ୍ରକର ଚାନ୍ଦବାଲି, ଯାଜପୁରର କୋରେଇ ଓ ପୁରୀ ଜିଲ୍ଲା ନିମାପଡ଼ା ଗସ୍ତରେ ଆସି ପ୍ରଚାର କରିବେ। ଗତକାଲି ଅମିତ ଶାହ ସମ୍ବଲପୁର, କେନ୍ଦୁଝର, ଢେଙ୍କାନାଳ ଜିଲ୍ଲାର ପରଜଙ୍ଗ ଓ ନୟାଗଡ଼ ଆସି ପ୍ରଚାର କରିଥିଲେ। କେନ୍ଦ୍ରାପଡ଼ା ଲୋକସଭା ଆସନରୁ ବିଜେପି ତରଫରୁ ଦଳର ରାଷ୍ଟ୍ରୀୟ ଉପାଧ୍ୟକ୍ଷ ବୈଜୟନ୍ତ ପଣ୍ଡା ପ୍ରାର୍ଥୀ ହୋଇଥିବା ବେଳେ ବାଲେଶ୍ୱର ଲୋକସଭା ଆସନରୁ ପ୍ରାର୍ଥୀ ହୋଇଛନ୍ତି ପ୍ରତାପ ଷଡ଼ଙ୍ଗୀ।

## କାରରୁ ମିଳିଲା ୫ ଲକ୍ଷ: ହିସାବ ଦେଇ ପାରିଲେନି ମାଲିକ



ଭୁବନେଶ୍ୱର, ୨୨/୫ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରେ ଏକ କାରରୁ ଜବତ ହୋଇଛି ୫ ଲକ୍ଷ ଟଙ୍କା। ନିର୍ବାଚନ ପାଇଁ ପୁଲିସ୍ ପକ୍ଷରୁ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିବା ବେଳେ ଆଜି ମଧ୍ୟାହ୍ନରେ ଏହି ଟଙ୍କା ଜବତ ହୋଇଛି। ନ୍ୟୁ ଫରେଷ୍ଟ ପାର୍କ ରାସ୍ତାରେ ଏହି କାରଟି ଯାଉଥିବା ବେଳେ ପୁଲିସ୍‌କୁ ସନ୍ଦେହ ହେବାରୁ ଅଟକାଇ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ଗାଡ଼ିରୁ ୫ ଲକ୍ଷ ଟଙ୍କା ସନ୍ଦେହଜନକ ଅବସ୍ଥାରେ ମିଳିଥିଲା। ପଚରାଉଚରା ବେଳେ ଉକ୍ତ ଟଙ୍କା ସଂପର୍କରେ ଗାଡ଼ିର ମାଲିକ ରାଜେନ୍ଦ୍ର କୁମାର ଚମ୍ପତିରାୟ କିମ୍ବା ଡ୍ରାଇଭର ହୃଦାନନ୍ଦ ସିଂହ କୌଣସି ସନ୍ତୋଷଜନକ ଉତ୍ତର ▶▶ପୃଷ୍ଠା ୭

## ପୁଣି ବିଜେଡିକୁ ଝଟକା: ଦଳକୁ ବାଏ ବାଏ କହିଲେ ସିମୁଳିଆ ବିଧାୟକ



ସିମୁଳିଆ, ୨୨/୫ (ନି.ପ୍ର): ରାଜ୍ୟରେ ତୃତୀୟ ପର୍ଯ୍ୟାୟ ନିର୍ବାଚନ ପୂର୍ବରୁ ବିଜେଡି ଛାଡ଼ିଲେ ପୁଣି ଜଣେ ନେତା। ୫ ଦିନ ପୂର୍ବେ ନିମାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେଡି ଛାଡ଼ିଥିଲେ। ଆଜି ସିମୁଳିଆ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜ୍ୟୋତିପ୍ରକାଶ ପାଣିଗ୍ରାହୀ ବିଜେଡିକୁ ବାଏ ବାଏ କହିଛନ୍ତି। ନିଜ ଭିଡିଓ ବାର୍ତ୍ତାରେ ଏନେଇ ସୂଚନା ଦେଇଛନ୍ତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ । ସେ ତାଙ୍କ ଇସ୍ତଫାପତ୍ର ମୁଖ୍ୟମନ୍ତ୍ରୀଙ୍କ

## ସିଦ୍ଧାର୍ଥ ସ୍ପଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ୍‌ର ନିର୍ଦ୍ଦେଶକ ଗିରଫ

ଭୁବନେଶ୍ୱର , ୨୨/୫ (ନି.ପ୍ର): ସିଦ୍ଧାର୍ଥ ସ୍ପଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲଙ୍କୁ ଗିରଫ କରିଛି ଭୁବନେଶ୍ୱର ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ବା ଇଡି। ପ୍ରାପ୍ତ ଅନୁମତିଠାରୁ ଅଧିକ ଆଇରନ ଓର ଉତ୍ତୋଳନ ଅଭିଯୋଗରେ ତାଙ୍କୁ ଇଡି ଗିରଫ କରିଛି। ଇଡି ପକ୍ଷରୁ ଜାରି କରାଯାଇଥିବା ପ୍ରେସ୍ ରିଲିଜ୍ ଅନୁଯାୟୀ, ଆନନ୍ଦ ଅଗ୍ରୱାଲଙ୍କୁ ମେ' ୧୮ ତାରିଖରେ ଗିରଫ କରାଯାଇଥିଲା। ଏହାପରେ ତାଙ୍କୁ ଭୁବନେଶ୍ୱରର ଏକ ସ୍ୱତନ୍ତ୍ର କୋର୍ଟରେ ହାଜର କରାଯାଇଥିଲା। କୋର୍ଟ ତାଙ୍କୁ ମେ' ୨୨ ଅର୍ଥାତ୍ ଆଜି ପର୍ଯ୍ୟନ୍ତ ଇଡି ହେପାଜତକୁ ପଠାଇ ଦେଇଥିଲେ। ଇଡିର ସୂଚନା ଅନୁଯାୟୀ, ମୟୂରଭଞ୍ଜ ଜିଲ୍ଲାର କାଶିବେଡ଼ାରେ ଥିବା ମାଇନ୍ସରୁ ବେଆଇନ ଭାବେ ଅଧିକ ଖନନ କରିଛନ୍ତି ସିଦ୍ଧାର୍ଥ ସ୍ପଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡର ନିର୍ଦ୍ଦେଶକ ଆନନ୍ଦ ଅଗ୍ରୱାଲ ଓ ଅନ୍ୟମାନେ। ୨୦୨୩ରେ ଇଡି ପକ୍ଷରୁ ସେମାନଙ୍କର ବିଭିନ୍ନ ଠିକଣାରେ ଚଢ଼ାଉ କରାଯାଇଥିଲା। ସେମାନଙ୍କ ଯୋଗୁ ରାଜକୋଷକୁ ୨୧ କୋଟି ଟଙ୍କାର କ୍ଷତି ସହିବାକୁ ପଡ଼ିଥିବା ବେଳେ ସେମାନେ ମଧ ବେଆଇନ ଭାବେ ୩୫ କୋଟି ଟଙ୍କାର ଆଇରନ ଓର ଉତ୍ତୋଳନ କରିଛନ୍ତି। ଅଧିକ ଖଣି ଖନନ ମାମଲାରେ ଇଡିର ତନାଘନା ଜାରି ରହିଛି। ପ୍ରାପ୍ତ ଅନୁମତିଠାରୁ ଅଧିକ ଖଣି ଖନନ ନେଇ ପ୍ରଥମେ ଭିଜିଲାନ୍ସ ପକ୍ଷରୁ ସିଦ୍ଧାର୍ଥ ସ୍ପଞ୍ଜ ଆଣ୍ଡ ପାୱାର ପ୍ରାଇଭେଟ୍ ଲିମିଟେଡ ବିରୋଧରେ ମାମଲା ରୁଜୁ କରାଯିବା ସହ ଘଟଣାର ତନାଘନା କରାଯାଇଥିଲା।

## ପଶ୍ଚିମବଙ୍ଗ ମମତା ସରକାରକୁ ହାଇକୋର୍ଟଙ୍କ ବଡ ଝଟକା



ନୂଆଦିଲ୍ଲୀ, ୨୨/୫ : ଓବିସି ସାର୍ଟିଫିକେଟକୁ ନେଇ କୋଲକାତା ହାଇକୋର୍ଟଙ୍କ ବଡ ଫୈସଲା । ୨୦୧୦ ମସିହା ପରେ ପ୍ରସ୍ତୁତ ହେଇଥିବା ଓବିସି ସୂଚୀକୁ ରଦ୍ଦ କଲେ ପଶ୍ଚିମବଙ୍ଗ ହାଇକୋର୍ଟ । କୋଲକାତା ହାଇକୋର୍ଟ କହିଛନ୍ତି ଯେ, ଏବେ କୌଣସି ବି ନୂଆ ପ୍ରମାଣପତ୍ର ଜାରି କରାଯିବନି । ତେବେ କୋଲକାତା ହାଇକୋର୍ଟ ଏହାସହିତ ଆଉ ଗୋଟିଏ କଥା ମଧ ସ୍ପଷ୍ଟ କରିଛନ୍ତି ଯେ, ଓବିସି ସୂଚୀକୁ ରଦ୍ଦ କଲେ ବି, ଏହା ଆଧାରରେ ଚାକିରି ପାଇଥିବା ଲୋକଙ୍କର କୌଣସି ଅସୁବିଧା ହେବ ନାହିଁ । ଯେଉଁମାନେ ଏହି ଆଧାରରେ ଚାକିରି ପାଇଥିବେ, ସେମାନଙ୍କର ଚାକିରି ପୂର୍ବଭଳି ଜାରି ରହିବ ବୋଲି କୋଲକାତା ହାଇକୋର୍ଟ ସ୍ପଷ୍ଟ କରିଛନ୍ତି । କୋର୍ଟ କହିଥିଲେ ଯେ, ୨୦୧୧ରୁ ୨୦୨୪ ଭିତରେ ରାଜ୍ୟ ଦ୍ୱାରା ଜାରି କରାଯାଇଥିବା ସମସ୍ତ ଓବିସି ପ୍ରମାଣପତ୍ରକୁ ରଦ୍ଦ କରାଯାଉଛି । ୨୦୧୦ ପରେ ସମସ୍ତ ଓବିସି ସଂରକ୍ଷଣ ସୂଚୀକୁ ରଦ୍ଦ କରିଦିଆଯାଉଛି । ତେବେ ୨୦୧୦ ପୂର୍ବରୁ ପଞ୍ଜୀକୃତ ହେଇଥିବା ଓବିସି ସୂଚୀକୁ ରଦ୍ଦ କରିନାହାଁନ୍ତି କୋର୍ଟ । ଯାହାକି ପଶ୍ଚିମବଙ୍ଗର ମମତା ସରକାରକୁ ଏକ ବଡ ଝଟକା ବୋଲି କୁହାଯାଉଛି । ଖାଲି ସେତିକି ନୁହେଁ, କୋର୍ଟଙ୍କ ଏଭଳି ରାୟ ପଶ୍ଚିମବଙ୍ଗ ରାଜନୀତିକୁ ମଧ ସରଗରମ କରିଛି ।

## ଗିରିରାଜଙ୍କ ସିଧା ହମଲା: ନବୀନ ବାବୁ ନଜରବନ୍ଦୀ



ଭୁବନେଶ୍ୱର, ୨୨/୫ (ନି.ପ୍ର): ସମ୍ବଲପୁରରେ ବିଶାଳ ରୋଡ୍ ଶୋ' କରିଛନ୍ତି କେନ୍ଦ୍ରମନ୍ତ୍ରୀ ଗିରିରାଜ ସିଂହ। ଏହି ରୋଡ୍ ଶୋ' ମାଧ୍ୟମରେ ବିଜେପି ସମର୍ଥିତ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ? ଭିକ୍ଷା କରିଛନ୍ତି। ଏହି ସମୟରେ ନବୀନଙ୍କୁ ସିଧା ହମଲା କରିଛନ୍ତି ଗିରିରାଜ ସିଂହ। ସେ କହିଛନ୍ତି, ଓଡ଼ିଶାରେ ଶାସନ ହିଁ ନାହିଁ। ନବୀନ ବାବୁ ନଜର ବନ୍ଦୀ ହୋଇ ରହିଛନ୍ତି। ତାଙ୍କୁ ଅପହରଣ କରି ନିଆଯାଇଛି। ନବୀନ ବାବୁ କିଛି ସମୟ ପାଇଁ ବାହାରକୁ ଆସନ୍ତି। ସଭା ସମିତିରେ ୨ ମିନିଟ୍ ଭାଷଣ ଦେବା ପରେ ପୁଣି ପଳାନ୍ତି। ଗିରିରାଜ ସିଂହ ଆହୁରି କହିଛନ୍ତି, ନବୀନ ବାବୁଙ୍କୁ ୭୭ବର୍ଷ ହେଲାଣି। ନବୀନ ବାବୁ ଓଡ଼ିଆ ଅସ୍ମିତାକୁ ଶେଷ କରି ନିର୍ବାଚନ ପରେ ପାଣ୍ଡିଆନଙ୍କୁ ମୁଖ୍ୟମନ୍ତ୍ରୀ କରିବେ। ଓଡ଼ିଶାବାସୀ ଏହାକୁ ବିରୋଧ ▶▶ପୃଷ୍ଠା ୭

## ସ୍ୱାତୀ ମାଲିୱାଲ ମାମଲା: ମୁହଁ ଖୋଲିଲେ ମୁଖ୍ୟମନ୍ତ୍ରୀ କେଜ୍ରିୱାଲ

ନୂଆଦିଲ୍ଲୀ, ୨୨/୫ : ଆପ୍‌ର ରାଜ୍ୟସଭା ସାଂସଦ ସ୍ୱାତୀ ମାଲିୱାଲଙ୍କୁ ମାଡ଼ ମରାଯିବା ଘଟଣାରେ ଆଜି ପ୍ରତିକ୍ରିୟା ରଖିଛନ୍ତି ଦଳର ସୁପ୍ରିମୋ ତଥା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ। ସେ ପୂରା ଘଟଣାରେ ନିରପେକ୍ଷ ତଦନ୍ତ ହେବ ବୋଲି ଆଶା ରଖିଥିବା କହିଛନ୍ତି। କେଜ୍ରିୱାଲଙ୍କୁ ଦେଖା କରିବାକୁ ସ୍ୱାତୀ ତାଙ୍କ ବାସଭବନକୁ ଯାଇଥିବା ବେଳେ ସେଠାରେ ମୁଖ୍ୟମନ୍ତ୍ରୀଙ୍କ ପିଏ ତାଙ୍କୁ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ କେଜ୍ରିୱାଲଙ୍କ ପିଏ ବୈଭବ କୁମାରଙ୍କୁ ପୁଲିସ୍ ଗିରଫ ମଧ କରି ସାରିଛି। ଆଜି କେଜ୍ରିୱାଲ କହିଛନ୍ତି, "ଘଟଣା ଏବେ ତଦନ୍ତ ପର୍ଯ୍ୟାୟରେ ରହିଛି। ଏହା ଉପରେ ମତ ରଖିବା ଠିକ ନୁହେଁ। କିନ୍ତୁ ମୁଁ ନିରପେକ୍ଷ ତଦନ୍ତ ଆଶା କରୁଛି। ନ୍ୟାୟ ମିଳିବା ଦରକାର। ଘଟଣାରେ

## ହେମନ୍ତ ସୋରେନ୍‌ଙ୍କୁ ଝଟ୍‌କା: କେଜ୍ରିୱାଲଙ୍କ ଭଳି ମଳିଲାନି ବେଲ୍



ଝାଡଖଣ୍ଡ, ୨୨/୫: ଝାଡଖଣ୍ଡର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଝାଡଖଣ୍ଡ ମୁକ୍ତି ମୋର୍ଚ୍ଚା ନେତା ହେମନ୍ତ ସୋରେନ୍‌ଙ୍କୁ ସୁପ୍ରିମକୋର୍ଟରୁ ମିଳିଛି ବଡ଼ ଝଟ୍‌କା। ତାଙ୍କ ଅନ୍ତରୀଣ ଜାମିନ ଆବେଦନକୁ ଖାରଜ କରିଦେଇଛନ୍ତି କୋର୍ଟ। ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କ ଭଳି ତାଙ୍କୁ ଜାମିନ୍ ଦେବାକୁ ସର୍ବୋଚ୍ଚ ଅଦାଲତ ମନା କରିଦେଇଛନ୍ତି। କୋର୍ଟଙ୍କ ଏହି ରାୟ ଆସିବା ପରେ ସୋରେନ୍‌ଙ୍କ ଓକିଲ ନିଜ ଆବେଦନକୁ ପ୍ରତ୍ୟାହର କରି ନେଇଛନ୍ତି। ଶୁଣାଣି ବେଳେ ଜଷ୍ଟିସ୍ ଦୀପଙ୍କୀ ଦତ୍ତା ଓ ଜଷ୍ଟିସ ସତୀଶ ଚନ୍ଦ୍ରଙ୍କ ଖଣ୍ଡପୀଠ ନିମ୍ନ ଅଦାଲତରେ ଜାମିନ ଆବେଦନ କରିଥିବା ତଥ୍ୟ ଲୁଚାଇବାକୁ ନେଇ ପୂର୍ବତନ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ୍‌ଙ୍କ ଉପରେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ସୋରେନଙ୍କ ତରଫରୁ ହାଜର ହୋଇଥିବା ଓକିଲ କପିଲ ସିବଲଙ୍କୁ କୋର୍ଟ କହିଛନ୍ତି, 'ତୁମର ଆଚରଣ ଅନେକ କଥା କହୁଛି, ଆମେ ଆଶା କରିଥିଲୁ ତୁମର ମହକିଲ୍ ସ୍ୱଷ୍ଟତା ସହିତ ଆଗକୁ ଆସିବେ କିନ୍ତୁ ତୁମେ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଲୁଚାଇଛ। ଆବେଦନର ଗୁଣବତ୍ତା ଉପରେ ବିଚାର ନକରି ଆମେ ଗିରଫଦାରୀ ବିରୋଧରେ କରିଥିବା ତାଙ୍କ ଆବେଦନକୁ ଖାରଜ କରିବୁ। ଯଦି କୋର୍ଟ ଏହାର ଯୋଗ୍ୟତା ବିବେଚନା କରନ୍ତି, ତେବେ ଏହା ପୂର୍ବତନ ମୁଖ୍ୟମନ୍ତ୍ରୀଙ୍କ ପାଇଁ ହିଁ କ୍ଷତିକାରକ ହେବ ବୋଲି ସର୍ବୋଚ୍ଚ ଅଦାଲତ କହିଛନ୍ତି। ▶▶ପୃଷ୍ଠା ୭

# ବଢୁଛି ନକଲି ପୁଲିସର ଦୌରାତ୍ମ୍ୟ: ରାଜ୍ୟରେ 'ଫେଡ୍‌ଏକ୍ସ' କେଳେଙ୍କାରୀ




କଟକ, ୨୨/୫ (ନି.ପ୍ର): ଦେଶର ପ୍ରମୁଖ କୋରିଅର୍ ସଂସ୍ଥା ମାଧ୍ୟମରେ ପାର୍ସଲ୍ ଆସିଥିବା କହି ସାଇବର୍ ଠକ ଲୋକଙ୍କୁ ଫୋନ୍ କରୁଛନ୍ତି। ପାର୍ସଲରେ ବ୍ରାଉନସୁଗାର ଥିବା କହି ଡରାଉଛନ୍ତି। ନିଜକୁ ଏହି ଠକ ମୁମ୍ବାଇ ବିମାନ ବନ୍ଦରର କଷ୍ଟମ ଅଧିକାରୀ ପରିଚୟ ଦେଇ ଡରାଉଛନ୍ତି। ଟଙ୍କା ନଦେଲେ ବନ୍ଧା ହେବାର ଧମକ ଦେଇ ଲୋକଙ୍କୁ ଲୁଟୁଥିବା ଭଳି ଠକେଇ ଘଟଣା କ୍ରାଇମବ୍ରାଞ୍ଚ ଦୃଷ୍ଟିକୁ ଆସିଛି। ଏହି ଟଙ୍କା ଫେରସ୍ତରେ ସମସ୍ୟା ହେଉଥିବାରୁ ଏଥିପାଇଁ ସତର୍କ ରହିବାକୁ ପରାମର୍ଶ ଦିଆଯାଇଛି। ସୂଚନା ଅନୁଯାୟୀ, ଫେଡଏକ୍ସ, ଡିଏଚଏଲ, ବ୍ଲୁଡାର୍ଟ, ଡିଟିଡିସି ଇତ୍ୟାଦି କୋରିଅର୍ ସଂସ୍ଥା ନାଁରେ ଠକେଇ ଏବେ ସାଧାରଣ ଲୋକଙ୍କ ଚିନ୍ତା ବଢ଼ାଇ ଦେଇଛି। ଏକ ଅଜଣା ନମ୍ବରରୁ ଫୋନ୍ କଲ୍ ଆସୁଛି। ଏହି କୋରିଅର ସଂସ୍ଥା ମାଧ୍ୟମରେ ଡ୍ରଗସ୍ ଆସିଥିବା କହି ଜଣେ ବ୍ୟକ୍ତି ନିଜକୁ କଷ୍ଟମ ଅଧିକାରୀ ପରିଚୟରେ ଫୋନ୍ କରୁଛନ୍ତି। ଏହି ପ୍ୟାକେଟ୍ ଆଧାର କାର୍ଡ ସହିତ ସଂଯୋଗ ଥିବା କହୁଛନ୍ତି। ସମ୍ପୃକ୍ତ ବ୍ୟକ୍ତି ନିଜକୁ କଷ୍ଟମ୍ ଅଧିକାରୀଙ୍କ ପରିଚୟ ଦେଇ ଏଭଳି କହୁଛନ୍ତି। ଏହି ପ୍ୟାକେଟ୍ ଯାଞ୍ଚ ବେଳେ ଜବତ ହୋଇଥିବା କହିବା ସହିତ ଏଥିରେ ବ୍ରାଉନସୁଗାର ଥିବା ସମ୍ପର୍କରେ ସୂଚନା ଦେଉଛନ୍ତି। ମୁମ୍ବାଇ ବିମାନ ବନ୍ଦରର କଷ୍ଟମ ବିଭାଗ ଏହାକୁ ଯାଞ୍ଚ ବେଳେ ଧରାପଡ଼ିଛି। ଏଥିପାଇଁ ଫୋନ୍ କଲ୍ ମୁମ୍ବାଇ ସାଇବର୍ ପୁଲିସକୁ ଟ୍ରାନସଫର୍ କରାଯାଉଥିବା କହୁଛନ୍ତି। କିଛି ସମୟ ପରେ ଆଉ ଏକ ନମ୍ବରରୁ ଫୋନ୍ କଲ୍ ଆସୁଛି। ସମ୍ପୃକ୍ତ ବ୍ୟକ୍ତି ନିଜକୁ ମୁମ୍ବାଇ ସାଇବର୍ ପୁଲିସର ପରିଚୟ ଦେଇ କଥା ହେଉଛନ୍ତି। ସ୍କାଏପି' କିମ୍ବା ହ୍ୱାଟସଆପରେ ସେ ଫୋନ୍ କରୁଛନ୍ତି। ଏଥିରେ ଜଣେ ବ୍ୟକ୍ତି ପୁଲିସ ପୋଷାକରେ ଥାଇ ଫୋନ୍ କଲ୍ କରୁଛି। ଗିରଫ କରିବାକୁ ସମ୍ପୃକ୍ତ ଅଧିକାରୀ ଧମକ ଦେଉଛନ୍ତି। ଆଧାର ଓ ପ୍ୟାନ୍ କାର୍ଡ ଦେବାକୁ କହୁଛନ୍ତି। ଗିରଫଦାରୀରୁ ବଞ୍ଚିବାକୁ ହେଲେ ସମ୍ପୃକ୍ତ ବ୍ୟାଙ୍କ୍ ଆକାଉଣ୍ଟ ମାଧ୍ୟମରେ ୧ ଲକ୍ଷରୁ ୧୦ ଲକ୍ଷ ଯାଏ ଟଙ୍କା ମାଗୁଛନ୍ତି। ତେଣୁ ଲୋକେ ଭୟରେ ଟଙ୍କା ଦେଉଛନ୍ତି। ଟଙ୍କା ଉକ୍ତ ବ୍ୟାଙ୍କ ଆକାଉଣ୍ଟକୁ ଟ୍ରାନସଫର ହେବା ପରେ ସାଇବର୍ ଅପରାଧୀମାନେ ଫୋନ୍ ସୁଇଚ ଅଫ୍ କରିଦେଉଛନ୍ତି। ଠକେଇର ଶିକାର ହୋଇଥିବା ସାଇବର୍ ଅପରାଧୀ ଟଙ୍କା ଫେରି ନପାଇବାରୁ ଅସହାୟ ହୋଇପଡୁଛି। ତେଣୁ ଏଭଳି ପରିସ୍ଥିତିରେ କ୍ରାଇମବ୍ରାଞ୍ଚ ପକ୍ଷରୁ ଠକେଇର ଶିକାର ହୋଇଥିବା ବ୍ୟକ୍ତି ଜାତୀୟ ସାଇବର୍ ଅପରାଧ ରିପୋର୍ଟିଂ ପୋର୍ଟାଲ (ଏନ୍‌ସିଆରପି)ର ଯୋଗାଯୋଗ ନମ୍ବର ୧୯୩୦ରେ ଫୋନ୍ କରି ଘଟଣା ସମ୍ପର୍କରେ ସୂଚନା ଦେବାକୁ କ୍ରାଇମବ୍ରାଞ୍ଚ ପକ୍ଷରୁ ପରାମର୍ଶ ଦିଆଯାଇଛି। କିମ୍ବା ଯଦି ଏଭଳି କୋରିଅର୍ ଆସିଥିବା କେହି କହୁଛନ୍ତି, ସମ୍ପୃକ୍ତ କୋରିଅର୍ ସଂସ୍ଥାର ୱେବସାଇଟ୍‌ରେ ଏହାକୁ ଟ୍ରାକ୍ କରାଯାଇପାରିବେ। କୌଣସି ଏସ୍‌ଏମ୍‌ଏସ୍, ଇମେଲ କିମ୍ବା ହ୍ୱାଟସଆପ୍‌ରେ ଆସିଥିବା ଲିଙ୍କ୍ ଖୋଲି ଏହି କୋରିଅରକୁ ଟ୍ରାକ୍ କରାଯିବା ଅନୁଚିତ। ନଚେତ ଠକେଇରେ ପଡ଼ିବାର ଆଶଙ୍କା ଥିବା ଚେତାଇ ଦିଆଯାଇଛି।

# ମା' ନାରାୟଣୀ ଠାକୁରାଣୀଙ୍କ ଯାତ୍ରାର ତ୍ରୟୋଦଶ ଦିବସ

କନ୍ଧମାଳ, ୨୨/୫ (ନି.ପ୍ର): ଆଜି ଶ୍ରୀ ଶ୍ରୀ ମା ନାରାୟଣୀ ଠାକୁରାଣୀ ଙ୍କ ଯାତ୍ରାର ତ୍ରୟୋଦଶ ଦିବସ ।ଏହି ଅବସରରେ ମା ନାରାୟଣୀ ଠାକୁରାଣୀଙ୍କ ସହ ମା ବରାଳ ଦେବୀ, ମା ବ୍ୟାଘ୍ର ଦେବୀ, ମା ବ୍ରାହ୍ମଣୀ ଦେବୀ, ମା ଗ୍ରାମ ଦେବତୀ ଏବଂ ସର୍ବାଗ୍ରେ ମା କାଳୀ ନଗର ଭ୍ରମଣରେ ବାହାରିଛନ୍ତି । ବିଭିନ୍ନ ଜାଗାରେ ବାଟ ପୂଜା ହୋଉଛି ଭକ୍ତଙ୍କ ଭିଡ ଧୀରେ ଧୀରେ ବଢ଼ି ବାରେ ଲାଗିଛି। ଆଜି ଗମ୍ଭୀରାରୁ ବାହାରି ଶ୍ରୀରାମ ନଗର ରାସ୍ତା ଦେଇ କାଚରା ସାହି ପୂଜା ସାରି, ହାଟପଦା ସ୍କୁଲ ଛକକୁ ବାହାରି ନୃସିଂହ ମନ୍ଦିର ଭୋଗ ଆଳତି ସାରି ନାରାୟଣୀ ରୋଡ୍ କାର୍ମେଲ ସ୍କୁଲ ପର୍ଯ୍ୟନ୍ତ ପୂଜା ପାଇଁ ଯିବେ । ସେଠାରୁ ପୂଜା ସାରି ଲକ୍ଷ୍ମୀ ନୃସିଂହ ବଜାର ଛକକୁ ଆସି ନୂଆ ସାହି ଭିତରକୁ ଯିବେ । ସେଠାରୁ ଭୋଗ ଆଳତୀ ସାରି ମୁଖ୍ୟ ରାସ୍ତାକୁ ଆସି ପ୍ରକୃତି ବିହାର ପୂଜା ପାଇଁ ଯିବେ । ସେଠାରୁ ପୂଜା ସାରି ଆପନା ବଜାର ପଛ ସାହି ରାସ୍ତା ଦେଇ ଆଇସିଆଇ ସିଆଇ ବ୍ୟାଙ୍କ ପାଖକୁ ପହଂଚି ଲକ୍ଷ୍ମୀ ମାର୍କେଟ୍ ରାସ୍ତା ଦେଇ ଗମ୍ଭୀରାକୁ ବିଜେ କରିବେ ।ଗତକାଲି ମା ଗମ୍ଭିରାରୁ ବାହରି ମୁଖ୍ୟ ରାସ୍ତା ଦେଇ ପୋଷ୍ଟାଲ କଲୋନି ଦେଇ କବର ଖାନା ସାହି, ସାଇ ନଗର, ଚିଦାନନ୍ଦ ନଗର ଏବଂ ଶାସ୍ତ୍ରୀ ନଗର ଦେଇ ଯାତ୍ରା ପଡିଆ ଗମ୍ଭିରାକୁ ଫେରିଥିଲେ । ସନ୍ଧ୍ୟାରେ ମଣ୍ଡପରେ କନିଷ୍ଠ ବର୍ଗର ପିଲାମାନଙ୍କ ପାଇଁ ଡେନସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କୃତି ପ୍ରତିଯୋଗୀମାନଙ୍କୁ ମୁଖ୍ୟ ଅତିଥି ଭାବେ କଳାକାର ଅନନ୍ତ ଚରଣ ପରିଡାଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ଆଜିର ସାଂସ୍କୃତିକ କାର୍ଯ୍ୟକ୍ରମ ୧୩ ରୁ ୧୮ ବର୍ଷ ଛୁଆଙ୍କ ନୃର୍ତ୍ୟ ପ୍ରତିଯୋଗିତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଅଛି । ଅନ୍ୟ ମାନଙ୍କ ମଧ୍ୟରେ ସଭାପତି ସୁଧାଂଶୁ ସେନାପତି, ସମ୍ପାଦକ ଦୂର୍ଗା ପ୍ରସାଦ ତ୍ରିପାଠୀ, ସାଂସ୍କୃତିକ ସମ୍ପାଦକ ଭି. ଲୋକନାଥ ରାଜୁ, କାବଲା ସେନାପତି, ଜଗନ୍ନାଥ ରାଜୁ, ସନିଆ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ଅଶୋକ ମହାନ୍ତି ପରିଚାଳନା କରିଥିଲେ । ସେହିପରି ମା ଙ୍କ ନଗର ଭ୍ରମଣରେ ବରିଷ୍ଠ ଆଇନଜୀବୀ ବିଜୟ ମହାନ୍ତି, ହରିଶ୍ଚନ୍ଦ୍ର ମହାରଣା, ଆଦିତ୍ୟ ପ୍ରସାଦ ତ୍ରିପାଠୀ, ମହେନ୍ଦ୍ର ସୁବୁଦ୍ଧି ଏବଂ ପୂଜକ ସନ୍ତୋଷ ଦାସ, ପିତାମ୍ବର ପଣ୍ଡା, ନୀଳକଣ୍ଠ ମିଶ୍ର, ସୂର୍ଯ୍ୟ ନାରାୟଣ ପଣ୍ଡା ଶ୍ରୀକାନ୍ତ ପଣ୍ଡା, ପ୍ରକାଶ ପାଢୀ ପ୍ରମୁଖ ସହଯୋଗ କରିଥିଲେ । ସେହିପରି ମାଁଙ୍କ ଚତୁଃପାର୍ଶ୍ୱରେ କନ୍ଧମାଳ ଜିଲ୍ଲାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଟିମ୍ ହ୍ୟୁମାନିଟ୍ ସଦସ୍ୟ ସଦସ୍ୟା ମାନେ ହାତକୁ ହାତ ଧରା ଧରି ହୋଇ ସୁରକ୍ଷା ଦେଉଥିବା ଦେଖିବାକୁ ମିଳୁଛି । ଫଳରେ ଆଜି ପର୍ଯ୍ୟନ୍ତ ଶାନ୍ତି ଶୃଙ୍ଖଳାର ସହ ଯାତ୍ରା ଆଗେଇ ଚାଲିଛି ।

# ଅନୁଗୁଳ-ନୟାଗଡ଼ ରେଳପଥର ଚୂଡ଼ାନ୍ତ ସର୍ଭେ ଆରମ୍ଭ



ଭୁବନେଶ୍ୱର, ୨୨/୫ (ନି.ପ୍ର): ନରସିଂହପୁର-କଣ୍ଟିଲୋ-ଖଣ୍ଡପଡ଼ା ମାର୍ଗ ଦେଇ ପ୍ରସ୍ତାବିତ ଅନୁଗୁଳ-ନୟାଗଡ଼ ରେଳପଥ ଏବଂ ଖୋର୍ଦ୍ଧା ଟାଉନ ଓ କାଇପଦର ମଧ୍ୟରେ ପ୍ରସ୍ତାବିତ କର୍ଡ ଲାଇନ(୧୨୦ କିମି) ପ୍ରକଳ୍ପର ଚୂଡ଼ାନ୍ତ ଲୋକେସନ ସର୍ଭେ ଆରମ୍ଭ ହୋଇଛି। ଏହି ପ୍ରକଳ୍ପର ଚୂଡ଼ାନ୍ତ ଲୋକେସନ ସର୍ଭେକୁ ଫେବ୍ରୁଆରି ୭ରେ ରେଳ ମନ୍ତ୍ରଣାଳୟ ଅନୁମୋଦିତ କରିଥିଲା। ଆଲାଇନମେଣ୍ଟ୍‌କୁ ଅନ୍ତିମ ରୂପ ଦେବାକୁ ଏବେ ସର୍ଭେ ଚାଲିଛି। ଏଥିସହ ଡିପିଆର କାର୍ଯ୍ୟ ମଧ୍ୟ ଚାଲୁରହିଛି। ସର୍ଭେ ପରେ ତାହାକୁ ପରବର୍ତ୍ତୀ କାର୍ଯ୍ୟପନ୍ଥା ପାଇଁ ରେଳ ବୋର୍ଡ ନିକଟରେ ଦାଖଲ କରାଯିବ। ଏହି ପ୍ରସ୍ତାବିତ ରେଳ ପ୍ରକଳ୍ପ କଣ୍ଟିଲୋ ନୀଳମାଧବ ମନ୍ଦିରକୁ ରେଳ ନେଟ୍‌ୱାର୍କରେ ଯୋଡ଼ିବ। ଏହା ମାଧ୍ୟମରେ ପ୍ରକୃତି ପର୍ଯ୍ୟଟନର ବିକାଶ ସହ ବଣୁଆ ଜୀବଜନ୍ତୁ ଅଭୟାରଣ୍ୟକୁ ମଧ୍ୟ ସଂଯୋଗ କରିବ। କଣ୍ଟିଲୋ ଓ ଖଣ୍ଡପଡା ଅଞ୍ଚଳରେ ବ୍ରାସ୍ ଓ ଘଣ୍ଟି ଧାତୁ ହସ୍ତଶିଳ୍ପ ପାଇଁ ଏହା ନୂତନ ବଜାର ସୃଷ୍ଟି କରିବାରେ ସାହାଯ୍ୟ କରିବ, ଯାହାକି ସ୍ଥାନୀୟ କାରିଗରଙ୍କ ବିକାଶ ପାଇଁ ଏକ ପ୍ଲାଟଫର୍ମ ହେବ। ଏହାବ୍ୟତୀତ ବିଦ୍ୟୁତ୍ ପ୍ଲାଣ୍ଟ ଓ ବନ୍ଦରକୁ କୋଇଲା ପରିବହନରେ ସହାୟକ ହେବା ସହ ଆର୍ଥିକ ବିକାଶକୁ ସୁନିଶ୍ଚିତ କରିବ। ଏହି ପ୍ରସ୍ତାବିତ ରେଳ ଲାଇନ୍ ନୟାଗଡ଼ ଟାଉନ ଷ୍ଟେସନଠାରେ ଖୋର୍ଦ୍ଧା ରୋଡ-ବଲାଙ୍ଗୀର ରେଳ ଲାଇନ୍‌କୁ ସଂଯୋଗ କରିବ ଏବଂ ଖୋର୍ଦ୍ଧା ଟାଉନ୍ ଷ୍ଟେସନରୁ କାଇପଦର ଷ୍ଟେସନ ପର୍ଯ୍ୟନ୍ତ ଏକ କର୍ଡ ଲାଇନ ନିର୍ମାଣ କରାଯାଇ ଖୋର୍ଦ୍ଧା ରୋଡ-ବିଜୟନଗରମ୍ ମେନ୍ ଲାଇନଠାରେ ସଂଯୋଗ କରାଯିବ।

# ମାଲକାନଗିରିକୁ ବୁଡ଼ାଇବ ପୋଲାଭରମ: ହଜାରହଜାର ପରିବାର ବିସ୍ଥାପିତ ହେବା ଆଶଙ୍କା



ମାଲକାନଗିରି, ୨୨/୫ (ନି.ପ୍ର): ଚିତ୍ରକୋଣ୍ଡା ଜଳଭଣ୍ଡାର ଯୋଗୁଁ ଶହ ଶହ ପରିବାର ବିସ୍ଥାପିତ ହେଲେ। ଭିଟାମାଟି ଛାଡ଼ିବା ଯୋଗୁଁ ଯେଉଁ କ୍ଷତି ହୋଇଥିଲା ତାହାର ଭରଣା ଏଯାଏ ହୋଇପାରିନି। ଅନ୍ୟପଟେ ଆନ୍ଧ୍ରର ପୋଲାଭରମ ପ୍ରକଳ୍ପ ସମାନ ପରିସ୍ଥିତି ସୃଷ୍ଟି କରିବାକୁ ଯାଉଛି। ମାଲକାନଗିରି ଜିଲ୍ଲାର ଅନେକ ଗାଁକୁ ଏହି ମେଗା ପ୍ରକଳ୍ପ ସଂପୂର୍ଣ୍ଣ ବୁଡ଼ାଇବ। ଯାହାର ନମୁନା ଗତ କିଛି ବର୍ଷ ହେଲା ବାରମ୍ବାର ଦେଖିବାକୁ ମିଳୁଛି। ପ୍ରକଳ୍ପ ବର୍ତ୍ତମାନ ନିର୍ମାଣାଧୀନ ରହିଥିଲା ବେଳେ ବର୍ଷା ଦିନେ ଓଡ଼ିଶାର ଅନେକ ଗାଁକୁ ବୁଡ଼ାଉଛି। ପ୍ରକଳ୍ପ ସଂପୂର୍ଣ୍ଣ ହୋଇଗଲା ପରେ ପାଣି ବର୍ଷ ତମାମ ଗଚ୍ଛିତ ହୋଇ ରହିବ। ଯାହାଫଳରେ ଓଡ଼ିଶାର ଅନେକ ଜନବସତି ଏବଂ ଜଙ୍ଗଲ ଜଳମଗ୍ନ ବୋଲି ପରିବେଶବିତ୍ କହିଛନ୍ତି। ତେଣୁ ହଜାର ହଜାର ପରିବାର ପୁଣି ବିସ୍ଥାପିତ ହେବେ ବୋଲି ଆଶଙ୍କା କରିଛନ୍ତି। ପୋଲଭରମ ପ୍ରକଳ୍ପକୁ ଆରମ୍ଭରୁ ବିରୋଧ କରାଯାଉଛି। ଓଡ଼ିଶା ସମେତ ଛତିଶଗଡ଼ ଏବଂ ତେଲେଙ୍ଗାନା ପ୍ରତିବାଦ ଜାରି ରଖିଛନ୍ତି। ତଥାପି ଆନ୍ଧ୍ର ଉପରେ କୌଣସି ଫରକ ପଡୁନି। ଏକତରଫା ନିଷ୍ପତ୍ତି ନେଇ ପ୍ରକଳ୍ପକୁ ତ୍ୱରାନ୍ୱିତ କରିଚାଲିଛି। ଏପରିକି ପ୍ରକଳ୍ପ ଯୋଗୁଁ ଆନ୍ଧ୍ରପ୍ରଦେଶର ଏକ ଲକ୍ଷରୁ ଉର୍ଦ୍ଧ୍ୱ ଲୋକ ବିସ୍ଥାପିତ ହେବେ ବୋଲି ଆକଳନ କରାଯାଉଛି। ଯାହାକୁ ଆନ୍ଧ୍ର ସରକାର ଆଦୌ ଗୁରୁତ୍ୱ ଦେଉନାହାନ୍ତି। ଇନ୍ଦିରା ସାଗର ଡ୍ୟାମ ନାମରେ ପରିଚିତ ପୋଲାଭର ପ୍ରକଳ୍ପ ଗୋଦାବରୀ ନଦୀରେ ନିର୍ମାଣ ହେଉଛି। ପ୍ରତିବର୍ଷ ମୌସୁମୀରେ ଏହି ପ୍ରକଳ୍ପ ମାଲକାନଗିରି ଜିଲ୍ଲାକୁ ବନ୍ୟା ନେଇ ଆସୁଛି। ଗତବର୍ଷ ଗୋଦାବରୀ ନଦୀର ପଛୁଆ ପାଣି ଯୋଗୁଁ ଶାଖା ନଦୀ ଗୁଡ଼ିକରେ ବନ୍ୟାଜଳ ପ୍ରବେଶ କରିଥିଲା। ଯାହା ପରବର୍ତ୍ତୀ ସମୟରେ ମାଲକାନଗିରି ଜିଲ୍ଲାର ଅନେକ ଗାଁକୁ ବାହ୍ୟଜଗତରୁ ବିଚ୍ଛିନ୍ନ କରିଥିଲା। ହଜାର ହଜାର ହେକ୍ଟର ଜମିରେ ପାଣି ପଶି ଫସଲ କ୍ଷତିଗ୍ରସ୍ତ ହୋଇଥିଲା। ପ୍ରତିବର୍ଷ ଗୋଦାବରୀ ନଦୀର ପଛୁଆ ପାଣି ଯୋଗୁଁ ସୀମାନ୍ତ ମୋଟୁ ଅଞ୍ଚଳ ସର୍ବାଧିକ କ୍ଷତିଗ୍ରସ୍ତ ହେଉଛି। ସେହିପରି ସିଲେରୁ ଓ ସାବେରୀ ନଦୀରେ ଆସୁଥିବା ବନ୍ୟାଜଳ ନିଷ୍କାସନ ନହୋଇ ଦିନ ଦିନ ଧରି ଜନବସତିରେ ଜମା ହୋଇ ରହୁଛି। ୧୯୭୮ ମସିହାରେ ଆନ୍ଧ୍ର ସରକାର ଅନ୍ତଃରାଜ୍ୟ ଚୁକ୍ତି ଅନୁସାରେ ପୋଲାଭରମ ପ୍ରକଳ୍ପ ପରିକଳ୍ପନା କରିଥିଲେ। ସେତେବେଳେ ଡ୍ୟାମ୍‌ର ଉଚ୍ଚତା ୧୫୦ଫୁଟ୍ କରିବାକୁ ଡିଜାଇନ ହୋଇଥିଲା। ତେବେ ୧୯୯୭ ମସିହାରେ ଡିଜାଇନ୍ ପରିବର୍ତ୍ତନ କରି ୧୮୨ ଫୁଟ୍ କରିବାକୁ ନିଷ୍ପତ୍ତି ନିଆଗଲା। ୩୨ଫୁଟ୍ ଉଚ୍ଚତା ବଢ଼ିବାରୁ ବିଭିନ୍ନ ମହଲରେ ବିରୋଧ ଆରମ୍ଭ ହେଲା। କିନ୍ତୁ କେନ୍ଦ୍ର ସରକାର ବିରୋଧକୁ ବେଖାତିର କରି ଜାତୀୟ ପ୍ରକଳ୍ପ ମାନ୍ୟତା ଦେଲେ। ତେଣୁ ନିର୍ମାଣ କାର୍ଯ୍ୟ ବର୍ତ୍ତମାନ ଦ୍ରୁତଗତିରେ ଚାଲିଛି। ଓଡ଼ିଶା ସରକାର ସୁପ୍ରିମକୋର୍ଟରେ ମକଦ୍ଦମା କରିଥିଲେ। ଅନ୍ୟପଟେ କେନ୍ଦ୍ର ସରକାର କ୍ଷତିଗ୍ରସ୍ତ ହେବାକୁ ଥିବା ରାଜ୍ୟ ନିମନ୍ତେ କ୍ଷତିପୂରଣ ଆବଶ୍ୟକତା ନାହିଁ ବୋଲି କୋର୍ଟରେ ସତ୍ୟାପାଠ ଦାଖଲ କଲେ। କେନ୍ଦ୍ର ସରକାରଙ୍କ ଯୁକ୍ତି ହେଲା ସିଲେରୁ ଓ ସାବେରୀ ନଦୀ କୂଳରେ ଆଡିବନ୍ଧି ନିର୍ମାଣ କରାଯିବ। ଯାହାଫଳରେ ଓଡ଼ିଶା କିମ୍ବା ଛତିଶଗଡକୁ କୌଣସି ବନ୍ୟାଜଳ ପଶିବ ନାହିଁ। ପ୍ରକଳ୍ପ ସଂପୂର୍ଣ୍ଣ ହେଲେ ଓଡ଼ିଶାର ୩୦ରୁ ଉର୍ଦ୍ଧ୍ୱ ଗାଁ ଉପରେ ସିଧାସଳଖ ପ୍ରଭାବ ପଡ଼ିବ ବୋଲି ପ୍ରାଥମିକ ଆକଳନ କରାଯାଉଛି। ପରିମାଣ ଆହୁରି ଅଧିକ ହେବାର ମଧ୍ୟ ସମ୍ଭାବନା ରହିଛି। ଓଡ଼ିଶା, ଛତିଶଗଡ ଓ ତେଲେଙ୍ଗାନାର ୨୫୦ରୁ ଉର୍ଦ୍ଧ୍ୱ ଗାଁ ସଂପୂର୍ଣ୍ଣ ବୁଡ଼ିଯିବ ବୋଲି କୁହାଯାଉଛି। ସେହିପରି ୭୬୫୬ ହେକ୍ଟର ଚାଷ ଜମି ଏବଂ ୫୫୩୮ ହେକ୍ଟର ସଂରକ୍ଷିତ ଜଂଗଲ ଜମି କ୍ଷତିଗ୍ରସ୍ତ ହେବା ନିଶ୍ଚିତ। ଆଗକୁ ବର୍ଷା ଦିନ ଆସୁଥିବାରୁ ଗତଥର ଭଳି ଏଥର ମଧ୍ୟ ମାଲକାନଗିରି ଜିଲ୍ଲାର ଅନେକ ଅଞ୍ଚଳ ବୁଡ଼ିବା ଥୟ ବୋଲି ଆଶଙ୍କା କରାଯାଉଛି।

# ତାଲୁକ ଆଇନ ସେବା ସମିତି ପକ୍ଷରୁ ଆଇନ ସଚେତନତା ଶିବିର ଅନୁଷ୍ଠିତ

ପଟ୍ଟାମୁଣ୍ଡାଇ, ୨୨/୫ (ନି.ପ୍ର): ତାଲୁକ ଆଇନ ସେବା ସମିତି ଅଧକ୍ଷା ତଥା ସିନିଅର ସିଭିଲ ଜଜ ସୁଶ୍ରୀ ସଂଗୀତା ମଲ୍ଲିକଙ୍କ ନିର୍ଦ୍ଦେଶ କ୍ରମେ ବରିଷ୍ଠ ଆଇନଜୀବୀ ଭବାନୀ ଶଙ୍କର ପଣ୍ଡାଙ୍କ ଅଧକ୍ଷତାରେ ଓ ବରିଷ୍ଠ ଆଇନଜୀବୀ ପଟ୍ଟାମୁଣ୍ଡାଇ ବାର ଆସୋସିଏସନର ଉପସଭାପତି ସୁରେଶ କୁମାର ନରେନ୍ଦ୍ରଙ୍କ ସଂଯୋଜନାରେ ପଟ୍ଟାମୁଣ୍ଡାଇ ବେଲତଳ ପ୍ରକଳ୍ପ ୟୁପି ବିଦ୍ୟାଳୟରେ ଆଜି ଦିନ ୯ଟା ସମୟରେ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଅଛି ।ଏହି କାର୍ଯ୍ୟକ୍ରମରେ କୋଷାଧକ୍ଷ ଧୀରେନ୍ଦ୍ରନାଥ ସାହୁ ଶିଶୁମାନଙ୍କ ଠାରୁ ସମାଜର ସମସ୍ତ ଲୋକଙ୍କର ପାରିବାରିକ, ଜମିଜମା, ଆଇନଗତ ବିଭିନ୍ନ ସମସ୍ୟା ବିଷୟରେ ଆଲୋକପାତ କରିଥିଲେ ଓ ତାର ସମାଧାନ କିପରି ତାଲୁକ ଆଇନ ସେବା ସମିତି ସହଜରେ ଶୀଘ୍ର ଏବଂ ମାଗଣାରେ କରିପାରୁଛି ତାହା ବର୍ଣ୍ଣନା କରିଥିଲେ ଓ ସମାଜର ପରିବେଶ କିପରି ଦୂଷିତ ହେଉଛି ଓ ଗୋଟିଏ ସବୁଜ ଗଛ ଆମ୍ଭମାନଙ୍କୁ ଖାଦ୍ୟ, ବସ୍ତ୍ର, ଅମ୍ଳଜାନ, ଜଳୀୟ ବାଷ୍ପ ଓ ପୃଥିବୀ ପୃଷ୍ଠରେ ମିଳୁଥିବା ସମସ୍ତ ଶକ୍ତି କିପରି ଦେଉଛି ତାହା ବୁଝାଇଥିଲେ,ଆଇନଜୀବୀ ଜିତେନ୍ଦ୍ର କୁମାର ନନ୍ଦୀ , ପିଏଲଭି ସଭ୍ୟ ଧବଳେଶ୍ୱର ଖଣ୍ଡାଇ ଓ ବେଲତଳ ଗାଁ ର ମହିଳା,ବିଦ୍ୟାଳୟ କମିଟିର ସଭାପତି ଓ ଛାତ୍ରଛାତ୍ରୀ ମାନେ ଉପସ୍ଥିତ ରହି ସଭାଟିକୁ ସାଫଲ୍ୟ ମଣ୍ଡିତ କରିଥିଲେ ।

# ଜାଲ ସାର୍ଟିଫିକେଟ ପ୍ରଦାନ ଅଭିଯୋଗ ମାମଲା, ୨ ଭାଇ ଦଣ୍ଡିତ

ଜୟପୁର, ୨୨/୫ (ନି.ପ୍ର): ଜୟପୁର ଭିଜିଲାନ୍ସ କୋର୍ଟ ରେ ଆଜି ସୀପାହୀ ନିଯୁକ୍ତିରେ ଜାଲ ସାର୍ଟିଫିକେଟ ପ୍ରଦାନ ଅଭିଯୋଗ ମାମଲାର ଶୁଣାଣି ହୋଇଛି । ଭିଜିଲାନ୍ସ ଜଜ ରାଜେଶ ଏକ୍କା ସମସ୍ତ ସାକ୍ଷ୍ୟ ପ୍ରମାଣକୁ ଭିତି କରି ଢେଙ୍କାନାଳ ଜିଲାର ଦୁଇ ଭାଇ ଅଦିତ କୁମାର ବିଶ୍ୱାଳ ଓ ଅଜିତ କୁମାର ବିଶ୍ୱାଳକୁ ଦଣ୍ଡିତ କରିଛନ୍ତି । ଦୁଇ ଅଭିଯୁକ୍ତକୁ ଦୁଇ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ଜୋରିମାନାରେ ଦଣ୍ଡିତ କରିଛନ୍ତି । ଅର୍ଥ ଅନାଦୟ ହେଲେ ଅଧିକା ୩ ମାସ ଜେଲ ଦଣ୍ଡ ଭୋଗିବାକୁ ତାଙ୍କ ରାୟ ରେ ସ୍ପଷ୍ଟ କରିଛନ୍ତି । ୧୯୯୬ ମସିହାରେ କୋରାପୁଟ ଜିଲା ଓଏସଏପି ତୃତିୟ ବାଟାଲିୟନର ସିପାହୀ ନିଯୁକ୍ତି ବେଳେ ଜାଲ ସାର୍ଟିଫିକେଟ ପ୍ରଦାନ ଅଭିଯୋଗରେ ୭ ଜଣ ଗିରଫ ହୋଇଥିଲେ । ଦୁଇ ଭାଇ କୁ ଦଣ୍ଡିତ କରିଥିବା ବେଳେ ୫ ଜଣଙ୍କୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି । ଅଭିଯୁକ୍ତ ମାନେ ଶିକ୍ଷାଗତ ଯୋଗ୍ୟତା ଓ କ୍ରୀଡା ର ଜାଲ ପ୍ରମାଣ ପତ୍ର ପ୍ରଦାନ କରିଥିବା ନେଇ ୨୦.୧.୧୯୯୭ ରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରେ ମାମଲା ରୁଜୁ ହୋଇଥିଲା ।

# ୨୫ ତାରିଖରେ ମତଦାନକୁ ନେଇ ଖୋର୍ଦ୍ଧାରେ ବ୍ୟାପକ ପ୍ରସ୍ତୁତି

## ■ଜିଲ୍ଲାରେ ୧୯୨୩ ବୁଥରେ ମତଦାନ କରିବେ ପ୍ରାୟ ୧୯ ଲକ୍ଷ ମତଦାତା

## ■ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ସମସ୍ତ ବୁଥରେ ଆନୁସଙ୍ଗିକ ବ୍ୟବସ୍ଥା

ଖୋର୍ଦ୍ଧା, ୨୨/୫ (ନି.ପ୍ର): ଆସନ୍ତା ୨୫ ତାରିଖରେ ଖୋର୍ଦ୍ଧା ଜିଲ୍ଲାର ସମସ୍ତ ଆଠଟି ବିଧାନସଭା ନିର୍ବାଚନ ମଣ୍ଡଳୀରେ ମତଦାନ ହେବ । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି । ଆଜି ଏ ପ୍ରସଙ୍ଗରେ ଜିଲ୍ଲାପାଳଙ୍କ ସମିଳନୀ କକ୍ଷରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲାପାଳ ତଥା ଜିଲ୍ଲା ନିର୍ବାଚନ ଅଧିକାରୀ ଚଞ୍ଚଳ ରାଣା କହିଛନ୍ତି ଯେ, ଆସନ୍ତା ୨୩ ତାରିଖରେ ଜୟଦେବ, ଜଟଣୀ, ବେଗୁନିଆ ଓ ଚିଲିକା ନିମନ୍ତେ ପୁଲିଂ ପାର୍ଟିମାନେ ବୁଥ୍ ଅଭିମୁଖେ ଯାତ୍ରା କରିବେ । ସେହିଭଳି ୨୪ ତାରିଖରେ ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର ଏବଂ ଖୋର୍ଦ୍ଧା ନିର୍ବାଚନ ମଣ୍ଡଳୀ ନିମନ୍ତେ ପୁଲିଂ ପାର୍ଟିମାନେ ବୁଥ୍ ଅଭିମୁଖେ ଗସ୍ତ କରିବେ । ଜୟଦେବ, ଭୁବନେଶ୍ୱର (ମଧ୍ୟ), ଭୁବନେଶ୍ୱର (ଉତ୍ତର), ଏକାମ୍ର ଏବଂ ଜଟଣୀ ନିମନ୍ତେ ବିଜେବି ସ୍ୱୟଂଶାସିତ ମହାବିଦ୍ୟାଳୟ, ଚିଲିକା ନିର୍ବାଚନ ମଣ୍ଡଳୀ ନିମନ୍ତେ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ, ବେଗୁନିଆ ଓ ଖୋରଧା ନିମନ୍ତେ ଜିଲ୍ଲା ପଣ୍ୟାଗାରରେ ଷ୍ଟ୍ରଙ୍ଗରୁମ ବ୍ୟବସ୍ଥା କରାଯାଇଛି । ଏଠାରୁ ପୁଲିଂ ପାର୍ଟିମାନେ ସଂପୃକ୍ତ ବୁଥ୍ ନିମନ୍ତେ ଯାତ୍ରା କରି ମତଦାନ ପରେ ଇଭିଏମ୍ ଗୁଡ଼ିକୁ ଉକ୍ତ ସ୍ଥାନରେ ଦାଖଲ କରିବେ । ଚଳିତ ନିର୍ବାଚନ ନିମନ୍ତେ ମୋଟ ୯୫ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଜୟଦେବ ନିର୍ବାଚନ ମଣ୍ଡଳୀରେ ୮ ଜଣ, ଭୁବନେଶ୍ୱର (ମଧ୍ୟ)ରେ ୧୩ ଜଣ, ଭୁବନେଶ୍ୱର (ଉତ୍ତର)ରେ ୧୨ ଜଣ, ଏକାମ୍ରରେ ୧୨ ଜଣ, ଜଟଣୀରେ ୯ ଜଣ, ବେଗୁନିଆରେ ୧୧ ଜଣ, ଚିଲିକାରେ ୧୦ ଜଣ, ଖୋରଧାରେ ୮ ଜଣ ଏବଂ ଭୁବନେଶ୍ୱର ଲୋକସଭା ପାଇଁ ୧୨ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଜିଲ୍ଲାର ମୋଟ ୧୯ ଲକ୍ଷ ୬ ହଜାର ୫୧୮ ଜଣ ଭୋଟରଙ୍କ ମଧ୍ୟରେ ୯ ଲକ୍ଷ ୯୦ ହଜାର ୭୩୪ ଜଣ ପୁରୁଷ, ୯ ଲକ୍ଷ ୧୫ ହଜାର ୨୦୫ ଜଣ ମହିଳା ଏବଂ ୫୭୯ ଜଣ ତୃତୀୟ ଲିଙ୍ଗୀ ଭୋଟର ପ୍ରାର୍ଥୀମାନଙ୍କ ଭାଗ୍ୟ ନିର୍ଦ୍ଧାରଣ କରିବେ । ସେମାନଙ୍କ ମଧ୍ୟରେ ୧୮-୧୯ ବର୍ଷ ବୟସର ୪୨ ହଜାର ୧୦୦ ଯୁବ ଭୋଟର ଥିବାବେଳେ ୩୨ ହଜାର ୫୭ ଜଣ ଦିବ୍ୟାଙ୍ଗ ଭୋଟର ରହିଛନ୍ତି । ସେମାନଙ୍କ ମଧ୍ୟରେ ନିର୍ବାଚନରେ ନିୟୋଜିତ ଜିଲ୍ଲାର ୫୩୩୧ ଜଣ କର୍ମଚାରୀ ପୋଷ୍ଟାଲ ବାଲାଟ୍ରେ ନିଜ ମତାଧିକାର ସାବ୍ୟସ୍ତ କରିଥିବାବେଳେ ପ୍ରାୟ ଦେଢ଼ ହଜାରରୁ ଅଧିକ ୮୫ ବର୍ଷ ବୟସରୁ ଅଧିକ ବରିଷ୍ଠ ନାଗରିକ ଓ ଦିବ୍ୟାଙ୍ଗ ଭୋଟର ଘରେ ରହି ମତଦାନ କରିଛନ୍ତି । ଜିଲ୍ଲାର ୧୯୨୩ଟି ବୁଥ୍ ମଧ୍ୟରୁ ୫୨୫ଟି କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ସଖି ବୁଥ୍, ଭିନ୍ନକ୍ଷମ କର୍ମଚାରୀଙ୍କ ଦ୍ୱାରା ୮ଟି ଏବଂ ଯୁବ କର୍ମଚାରୀମାନଙ୍କ ଦ୍ୱାରା ପରିଚାଳିତ ୪୦ଟି ବୁଥ୍ ରହିଛି । ଏଥି ମଧ୍ୟରେ ୨୭ଟି ସମ୍ବେଦନଶୀଳ ଓ ୩୦୭ଟି ଅତିସମ୍ବେଦନଶୀଳ ବୁଥ୍ ରହିଛି । ଏଥି ସହ ୭ଟି ଇକୋ-ଫ୍ରେଣ୍ଡଲି ଏବଂ ୩୮୪ଟି ଆଦର୍ଶ ମତଦାନ କେନ୍ଦ୍ର ରହିଛି । ସୂଚନାଯୋଗ୍ୟ ଯେ ଭୁବନେଶ୍ୱର (ମଧ୍ୟ) ନିର୍ବାଚନ ମଣ୍ଡଳୀର ସମସ୍ତ ୨୦୦ଟି ମତଦାନ କେନ୍ଦ୍ର କେବଳ ମହିଳାମାନଙ୍କ ଦ୍ୱାରା ପରିଚାଳିତ ହେବ । ଉକ୍ତଦିନଗୁଡ଼ିକରେ ପୁଲିଂ ପାର୍ଟିମାନଙ୍କ ସହାୟତା ନିମନ୍ତେ ଭୁବନେଶ୍ୱର ଓ ଏହାର ଆଖପାଖ ଅଞ୍ଚଳ ଯଥା-ଜଟଣୀ, ପିପିଲି, ଖୋରଧା, ବାଲକାଟି, ବାଲିଅନ୍ତା ଓ ବାଲିପାଟଣାର ବିଭିନ୍ନ ରୁଟ୍ରେ ବସ୍ମାନ ଚଳପ୍ରଚଳ କରିବ । ଏହି ବସ୍ଗୁଡ଼ିକ ୨୫ ତାରିଖ ସନ୍ଧ୍ୟା ୭ ଘଟିକାରୁ ମଧ୍ୟରାତ୍ର ପର୍ଯ୍ୟନ୍ତ ଚଳପ୍ରଚଳ କରିବ । ପ୍ରତ୍ୟେକ ସଖି ବୁଥ୍ରେ ମହିଳାମାନଙ୍କ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ସହ ଆନୁଷଙ୍ଗିକ ସାମଗ୍ରୀ ମଧ୍ୟ ଯୋଗାଇ ଦିଆଯିବ । ଏଥି ମଧ୍ୟରେ ୧୧୪୪ଟି ବୁଥ୍ରେ ୱେବ୍କାଷ୍ଟିଂ କରାଯିବ । ପ୍ରାୟ ୧୫ ହଜାର ପୁଲିଂ ଅଧିକାରୀ ଏହି ମତାଦନ ପ୍ରକ୍ରିୟା ନିମନ୍ତେ ନିୟୋଜିତ ହୋଇଛନ୍ତି । ଏଥିନିମନ୍ତେ ୧୦ ପ୍ଲାଟୁନ ସିଏପିଏଫ ଯବାନଙ୍କ ସମେତ ପ୍ରାୟ ୨୨ ପ୍ଲାଟୁନ ସୁରକ୍ଷା କର୍ମଚାରୀ ମୁତୟନ କରାଯାଇଛି ।ଆସନ୍ତା ୨୫ ତାରିଖରେ ଜିଲ୍ଲାରେ ସକାଳ ୭ ଘଟିକାରୁ ସନ୍ଧ୍ୟା ୬ ଘଟିକା ପର୍ଯ୍ୟନ୍ତ ଭୋଟ ଗ୍ରହଣ ହେବ ।

# ମୌସୁମୀ ଆସିନି, ମୁଣ୍ଡ ଟେକିଲାଣି ଡେଙ୍ଗୁ: ରାଜ୍ୟରେ ୨ଶହ ପାର୍ କଲା ଡେଙ୍ଗୁ




ଭୁବନେଶ୍ୱର, ୨୨/୫ (ନି.ପ୍ର): ରାଜ୍ୟରେ ମୌସୁମୀ ବର୍ଷା ଆରମ୍ଭ ହେବାକୁ ଡେରି ଅଛି। କାଁ ଭାଁ କାଳବୈଶାଖୀ ବର୍ଷା ହେଉଛି। ହେଲେ ଏହାଭିତରେ ଡେଙ୍ଗୁ ମୁଣ୍ଡ ଟେକିବାକୁ ଆରମ୍ଭ କଲାଣି। ବର୍ତ୍ତମାନ ସୁଦ୍ଧା ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟା ୨ଶହ ପାର୍ କରିସାରିଲାଣି। ଯାହାକି ଗତବର୍ଷ ଏହି ସମୟ ତୁଳନାରେ ଦୁଇ ଗୁଣାରୁ ଅଧିକ। ତେଣୁ ଏ ବର୍ଷ ମଧ୍ୟ ଡେଙ୍ଗୁ ରାଜ୍ୟବାସୀଙ୍କୁ କଲବଲ କରିବା ନେଇ ଆଶଙ୍କା ଦେଖାଦେଲାଣି। ଗତ କିଛିବର୍ଷ ହେବ ରାଜ୍ୟରେ ଡେଙ୍ଗୁ ସ୍ଥିତି ନିୟନ୍ତ୍ରଣକୁ ଆସୁନାହିଁ। ମୌସୁମୀ ଓ ଏହାର ପରବର୍ତ୍ତୀ ମାସଗୁଡ଼ିକରେ ଡେଙ୍ଗୁ ଆକ୍ରାନ୍ତଙ୍କ ସଂଖ୍ୟାବୃଦ୍ଧି ଲାଗି ରହୁଛି। ଗତବର୍ଷ ୧୨,୮୪୫ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଯାହାକି ଆଜି ପର୍ଯ୍ୟନ୍ତ ରାଜ୍ୟରେ ସର୍ବାଧିକ। ହେଲେ ଚଳିତବର୍ଷ ଏହି ସ୍ଥିତି ଆହୁରି ସଙ୍ଗୀନ ହେବାର ଆଶଙ୍କା ଦେଖାଦେଲାଣି। କାରଣ ଗତବର୍ଷ ଏହି ସମୟରେ ରାଜ୍ୟରେ ୮୩ଜଣ ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ, ମାତ୍ର ଚଳିତବର୍ଷ ଏହା ୨୦୩ରେ ପହଞ୍ଚିଛି। ସବୁବର୍ଷ ଭଳି ଚଳିତବର୍ଷ ଖୋର୍ଦ୍ଧା ଜିଲ୍ଲାରେ ସର୍ବାଧିକ ୫୯ ଆକ୍ରାନ୍ତ ବାହାରିଛନ୍ତି। ସୁନ୍ଦରଗଡ଼, ମାଲକାନଗିରି ଓ କଟକ ଜିଲ୍ଲାରେ ୧୭ ଲେଖାଏଁ ଓ ପୁରୀ ଜିଲ୍ଲାରେ ୧୧ଜଣ ଚିହ୍ନଟ ହୋଇଛନ୍ତି। ମାତ୍ର ଆଶ୍ୱସ୍ତିର ବିଷୟ ହେଉଛି ଯେ ଏପର୍ଯ୍ୟନ୍ତ ୬ ଜିଲ୍ଲାରେ ଜଣେ ହେଲେ ବି ଡେଙ୍ଗୁ ଆକ୍ରାନ୍ତ ଚିହ୍ନଟ ହୋଇନାହାନ୍ତି। ବିଶେଷଜ୍ଞ କହିବାନୁଯାୟୀ, ଏଡିସ୍ ମଶାର ଅଣ୍ଡା ଦୀର୍ଘଦିନ ପର୍ଯ୍ୟନ୍ତ ସଂରକ୍ଷିତ ରହିପାରେ। ଏବେ କାଳବୈଶାଖୀ ବର୍ଷା କାରଣରୁ ପୂର୍ବରୁ ଥିବା ଅଣ୍ଡାରୁ ଛୁଆ ବାହାରିଛନ୍ତି। ପାଣିପାଗ ବିଭାଗ ଚଳିତବର୍ଷ ଅଧିକ ବର୍ଷା ହେବାର ଅନୁମାନ କରିଛି। ତେଣୁ ଅଧିକ ହେଲେ ଆକ୍ରାନ୍ତଙ୍କ ସଂଖ୍ୟା ବଢ଼ିବାର ଆଶଙ୍କା ରହିଛି। ଜଳବାୟୁ ପରିବର୍ତ୍ତନ ପାଇଁ ଏଭଳି ପରିସ୍ଥିତି ଉପୁଜୁଛି। ଡେଙ୍ଗୁ ପାଇଁ ବର୍ତ୍ତମାନ ସୁଦ୍ଧା କୌଣସି ଔଷଧ କିମ୍ବା ଟିକା ବାହାରିନାହିଁ। ତେଣୁ ଏଥିରୁ ରକ୍ଷା ପାଇବାକୁ ହେଲେ ମଶା ନିୟନ୍ତ୍ରଣ ଜରୁରି। ସହରରେ ଓଭରହେଡ୍ ଟାଙ୍କିକୁ କଭର କରିବା ଆବଶ୍ୟକ, ନଚେତ୍ ଏଥିରେ ଏଡିସ୍ ମଶା ବଂଶ ବିସ୍ତାର କରିବାର ଆଶଙ୍କା ରହିଛି। ରାଜ୍ୟ ସ୍ୱାସ୍ଥ୍ୟ ବିଭାଗର କହିବାନୁଯାୟୀ, ରାଜ୍ୟରେ ଡେଙ୍ଗୁ ସର୍ଭେଲାନ୍ସ ବଢ଼ିଛି। ଲୋକଙ୍କ ଘର ପାଖରେ ନମୁନା ସଂଗ୍ରହ କରାଯାଇ ରିପୋର୍ଟ ଦିଆଯାଉଛି। ଗାଁରେ କୌଣସି ପ୍ରକାର ପାତ୍ରକୁ ଓଲଟାଇ ରଖିବା ଲାଗି ଆଶା, ସ୍ୱାସ୍ଥ୍ୟକର୍ମୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ଡ୍ରାଏ ଡେ' ପାଳନ କରିବା ପାଇଁ କୁହାଯାଇଛି। ଯେଉଁ ଜିଲ୍ଲାଗୁଡ଼ିକରେ ପ୍ରତିବର୍ଷ ବହୁସଂଖ୍ୟାରେ ଡେଙ୍ଗୁ ରୋଗୀ ଚିହ୍ନଟ ହେଉଛନ୍ତି ସେସବୁ ଜିଲ୍ଲା ଉପରେ ସ୍ୱତନ୍ତ୍ର ନଜର ରଖାଯାଇଛି।

ଧାରାବାହିକ: ଭାଗ-୯

# ସଂକ୍ଷିପ୍ତ ଭାଗବତ କଥାମୃତ



ଡ. ଶ୍ରୀହରି ପଣ୍ଡା



(ପୂର୍ବ ପ୍ରକାଶିତ ଉତ୍ତାରୁ)

ଟମ ଅଧ୍ୟାୟ

।। ରାଜା ପରୀକ୍ଷିତଙ୍କ ବିଭିନ୍ନ ପ୍ରଶ୍ନ ।।

ଦେବର୍ଷି ନାରଦ ନିଜ ପିତାଙ୍କଠାରୁ ଭଗବାନଙ୍କର ବିଭିନ୍ନ ଅବତାର ବିଷୟରେ ଯାହା ଶୁଣିଥିଲେ ସେ ସବୁକୁ ଶ୍ରୀଶୁକଦେବ, ମହାରାଜା ପରୀକ୍ଷିତଙ୍କ ଆଗରେ ଗୋଟି ଗୋଟି କହିଲେ । ଏହାପରେ ପରୀକ୍ଷିତ ପଚାରିଲେ, ଭଗବାନ ଯଦି ଜୀବ ସଦୃଶ ଦେହଧାରୀ ହୁଅନ୍ତି ତେବେ ଭଗବାନ ଓ ଜୀବ ମଧ୍ୟରେ ପାର୍ଥକ୍ୟ କ'ଣ? ବିଶ୍ୱର ବିଲୟକାଳରେ ସେ କେଉଁଠି ଓ କିପରି ଅବସ୍ଥାନ କରନ୍ତି? ସେହି ବିରାଟପୁରୁଷଙ୍କ ଅବୟବ ଅନୁରୂପ ଦେବତା ଓ ଲୋକସମୂହର ଅବୟବ କଳ୍ପିତ ହୋଇଥାଏ; ଏହା କେତେଦୂର ସତ୍ୟ? ଜୀବର, ଶରୀର ସହିତ କିପରି ସମ୍ବନ୍ଧ ସ୍ଥାପିତ ହୋଇଥାଏ ? ସେହି ସମ୍ବନ୍ଧର କର୍ତ୍ତା ଯଦି ଭଗବାନ ତାହାଲେ ଜୀବ ଦୁଃଖପାଏ କାହିଁକି? କର୍ମ ଯଦି ତାହାର ଦୁଃଖର କାରଣ ହୁଏ ତେବେ ସେହି କର୍ମର ପ୍ରେରଣା ଦାତା କିଏ? ବିଶ୍ୱ ବ୍ରହ୍ମାଣ୍ଡର ବିଭିନ୍ନ ଅଙ୍ଗର ଉତ୍ପତ୍ତି ବିଷୟ, ତାହାର ପରିମାଣ, ମହତ ଆଚରଣ, ଧର୍ମ, କର୍ତ୍ତବ୍ୟ, ବର୍ଣ୍ଣବିଭାଗ, ବିଷ୍ଣୁଙ୍କର ବିଭିନ୍ନ ଅବତାର ପ୍ରସଙ୍ଗ, ପ୍ରକୃତି ତତ୍ତ୍ୱାଦି ସଂଖ୍ୟା, ଲକ୍ଷଣ, ପୂଜାବିଧି, ଅଷ୍ଟାଙ୍ଗ ଯୋଗ, ଉତ୍ପତ୍ତି, ସ୍ଥିତି, ଲୟ ଓ ପୁନରୁତ୍ପତ୍ତି ପ୍ରସଙ୍ଗ ମତେ କୁହନ୍ତୁ । ଭଗବାନ ନିଜ ମାୟାରେ ନିଜେ କ୍ରୀଡାକରି ପୁଣି ତାକୁ ବିସର୍ଜିଦେଇ ପ୍ରଳୟର ଏକମାତ୍ର ସାକ୍ଷୀରୂପେ ନିଜେ ବିଦ୍ୟମାନ ରହନ୍ତି ତାହା ମୋତେ ବୁଝାଇ କୁହନ୍ତୁ । ଆପଣଙ୍କ ବାକ୍ୟ ଜଳଧିରୁ ଶ୍ରୀହରି ନାମମୃତ ପାନ କରୁଥିବାରୁ ଉପବ୍ୟାସ କି ବ୍ରହ୍ମଶାପ ମୋତେ ବ୍ୟାକୁଳିତ କରିପାରୁନାହିଁ ।

୯ମ ଅଧ୍ୟାୟ

।। ବ୍ରହ୍ମାଙ୍କୁ ଭଗବତ ଦର୍ଶନ ମିଳିବା ଓ ଭଗବାନଙ୍କ ଦ୍ୱାରା ତାଙ୍କୁ ଚତୁଃଶ୍ଳୋକୀ ଭାଗବତ ଉପଦେଶ ।।

ଶ୍ରୀ ଶୁକଦେବ କହିଲେ, ହେ ରାଜନ! ଜୀବ ଓ ଶରୀର ସମ୍ପର୍କ ସ୍ୱପ୍ନ ଘଟଣା ପରି ଅଳୀକ ଓ ଅକଳନୀୟ । ଜୀବ ବା ଆତ୍ମା ଏକ ରୂପୀ ହୋଇଥିବା ସ୍ଥଳେ ବିଷ୍ଣୁମାୟାରେ ବହୁରୂପୀ ପ୍ରତୀତ ହୋଇଥାଏ ଏବଂ ମୁଁ, ମୋର ପ୍ରକାଶ କରେ । କେବଳ ଭକ୍ତିଯୋଗ ହିଁ ଏହି ମୁଁ ତ୍ୱର ଲୋପ କରାଇ ପୂର୍ଣ୍ଣ ସ୍ୱରୂପ ପ୍ରାପ୍ତ କରାଇଥାଏ । ବ୍ରହ୍ମା ତପ ଦ୍ୱାରା ସେହି ସ୍ୱରୂପରୁ ଭଗବାନଙ୍କ ନାଭିକମଳରୁ ଜାତ ହୋଇ ପ୍ରଥମେ କିଛି ଦେଖିଥିଲେ ହେଁ ପରେ କିଛି ଦେଖିବାକୁ ପାଇଲେ ନାହିଁ । ହଠାତ୍ ବର୍ଣ୍ଣମାଳାର ଷୋଡଶ ଅକ୍ଷର 'ତ' ଓ ଏକବିଂଶ ଅକ୍ଷର 'ପ' ଶୁଣିପାରି ତପ ସାଧନା ଦ୍ୱାରା ଭଗବାନଙ୍କ ସ୍ୱରୂପ ଓ ବୈକୁଣ୍ଠଧାମକୁ ଦର୍ଶନ କଲେ। ତାଙ୍କରି ଆଜ୍ଞାରେ ସୃଷ୍ଟି କରିବାକୁ ଲାଗିଲେ । ବୈକୁଣ୍ଠଧାମକୁ ମାୟା ସ୍ପର୍ଶ କରିପାରେ ନାହିଁ, ସେଠାକାର ସମସ୍ତେ ଚତୁର୍ଭୁଜ ଓ ଜ୍ୟୋତିର୍ମୟ । ମା ଲକ୍ଷ୍ମୀ ଭଗବାନଙ୍କ ସେବାରେ ନିୟୋଜିତ ଅଛନ୍ତି । ବ୍ରହ୍ମା ଭଗବାନଙ୍କର ଦର୍ଶନ ପାଇ କୃତକୃତ୍ୟ ହେବା ସହ ପ୍ରାର୍ଥନା କଲେ, ହେ ମାଧବ! ଉର୍ଣ୍ଣନାଭ ପରି ଆପଣ ନିଜ ସୃଷ୍ଟିରେ ନିଜେ କ୍ରୀଡା କରିଥାନ୍ତି । ମୋର ପ୍ରାର୍ଥନା ଆପଣ ପ୍ରାକୃତ ଓ ଅପ୍ରାକୃତ ଭାବରେ ମୋତେ ଦର୍ଶନ ଦିଅନ୍ତୁ । ଆପଣଙ୍କ ନିର୍ଦ୍ଦେଶରେ ମୁଁ ସୃଷ୍ଟି କଲେ ମଧ୍ୟ ମୋତେ ଆପଣଙ୍କ ମାୟା ସ୍ପର୍ଶ ନକରୁ । ଭଗବାନ କହିଲେ, ହେ ବ୍ରହ୍ମନ! ଜଳରେ ଏକ ବସ୍ତୁର ସହସ୍ର ପ୍ରତିବିମ୍ବ ଦୃଷ୍ଟ ହେଲାପରି ଏବଂ ଅନ୍ଧକାର ଗୃହରେ ପଦାର୍ଥ ପରିପୂର୍ଣ୍ଣ ଥାଇ ମଧ୍ୟ କିଛି ଦୃଶ୍ୟ ନହେବା ପରି ମୋର ମାୟା ଦୃଶ୍ୟ ଓ ଅଦୃଶ୍ୟ । ପଞ୍ଚମହାଭୂତ ସୃଷ୍ଟି ମଧ୍ୟରେ ବାରମ୍ବାର ଏକତ୍ରିତ, ବିଚ୍ଛିନ୍ନ ଓ ପୁନର୍ବାର ଏକତ୍ରିତ ହେବାପରି ମୁଁ ମଧ୍ୟ ଭୌତିକ ରୂପରେ ପ୍ରବିଷ୍ଟ ଓ ପ୍ରସ୍ଥାନ କରୁଥାଏ । ଯିଏ ଏହାକୁ ଅବଧାରଣା କରେ ସେ ତତ୍ତ୍ୱାନ୍ୱେଷୀ ଓ ତତ୍ତ୍ୱଜ୍ଞାନୀ । ତୁମେ ସମାଧି ଯୋଗଦ୍ୱାରା ଏହାକୁ ପ୍ରାପ୍ତ ହୋଇପାରିବ ଫଳରେ ଅହଂ ଜାତ ହେବ ନାହିଁ ।

୧୦ମ ଅଧ୍ୟାୟ

।। ଭାଗବତର ଦଶ ଲକ୍ଷଣ ।।

ଶୁକଦେବ କହିଲେ, ରାଜନ! ଭଗାବତର ୧୦ ଲକ୍ଷଣ ଯଥା- ସର୍ଗ (ଦଶ ଇନ୍ଦ୍ରିୟ ପଞ୍ଚଭୂତ ସମ୍ବଳିତ ମହତ୍ତତ୍ତ୍ୱାଦିର ଉତ୍ପତ୍ତିକୁ), ବିସର୍ଗ( ଗୁଣ ବୈଷମ୍ୟ ପରିପୂର୍ଣ୍ଣ ବ୍ରହ୍ମାଙ୍କର ବିରାଟ ସୃଷ୍ଟିର ନାମ), ସ୍ଥାନ( ସୃଷ୍ଟ ଜୀବର ପୌରୁଷ ବା ମର୍ଯ୍ୟଦା ), ପୋଷଣ( ଭଗବାନଙ୍କର ଅନୁଗ୍ରହର ନାମ), ଉତି(ଜୀବର କର୍ମ ବାସନାର ନାମ), ମନ୍ୱନ୍ତର( ଭଗବତ କୃପା ଲାଭ କରିଥିବା ମନ୍ୱାଦିର ଧର୍ମକୁ), ଈଶାନୁକଥା(ଭଗବାନଙ୍କର ଅବତାର ଗାଥା), ନିରୋଧ( ଭଗବାନ ନିଜର ଶକ୍ତିକୁ ସମ୍ବରଣ କରି ଯୋଗନିଦ୍ରାରେ ଜଳାଶୟୀ ହେବାକୁ), ମୁକ୍ତି ( ଜୀବର ଅବିଦ୍ୟା ତ୍ୟାଗ ଅବସ୍ଥା) ଓ ଆଶ୍ରୟ( ସ୍ୱୟଂ ସର୍ବଶକ୍ତିମାନ ପରମାତ୍ମା ଈଶ୍ୱର) । ଏହି ଦଶ ଲକ୍ଷଣ ପରସ୍ପରଠାରୁ ଅଲଗା ହେଲେ ମଧ୍ୟ ଲକ୍ଷଣର ଅନୁଗାମୀ । ସକଳ ଘଟରେ ଜୀବ ରୂପେ ପୂରି ରହିଥିବା ଜୀବ ହିଁ ଆଧ୍ୟାତ୍ମିକ ପୁରୁଷ । ସେ ଇନ୍ଦ୍ରିୟରେ ଅଧିଷ୍ଠାନ କଲେ ଆଧି ଦୈବିକ ଓ ଏହି ଉଭୟର ଭେଦ ବା ବିଛେଦକୁ ଆଧି ଭୌତିକ କୁହାଯାଏ । ଏହି ତିନିଗୋଟିରୁ ଗୋଟାଏର ଅଭାବ ହେଲେ ସେ ଉପଲବ୍ଧି ହୁଅନ୍ତି ନାହିଁ । ଏହି ତ୍ରିତୟର ସଂଯୋଜକ ବା ଆଶ୍ରୟ ସ୍ୱଂୟଂ ଭଗବାନ । ନିଜର ଆଶ୍ରୟ ପାଇଁ ପ୍ରଥମେ ଜଳ ସୃଷ୍ଟି କଲେ । ନୀର ବା ନାର ତାଙ୍କର ପ୍ରଥମ ଅୟନ ବା ଆଶ୍ରୟ ହେତୁ ତାଙ୍କର ନାମ ନାରାୟଣ । ସମସତ ଜୀବ ତାଙ୍କ ଅନୁଗ୍ରହରୁ ଜନ୍ମଲାଭ କରନ୍ତି । ନିଜ ଇଚ୍ଛାରେ ସେ ବହୁରୂପ ଧାରଣ କରନ୍ତି ଯାହା ଆଧ୍ୟାତ୍ମିକ, ଆଧିଦୈବିକ ଓ ଆଧି ଭୌତିକ ତିନି ଭାଗରେ ବିଭକ୍ତ । ଏହି ବିରାଟପୁରୁଷ ଆବଶ୍ୟକତା ଅନୁଭବ କରିବାରୁ ମୁଖ, ରସନା, ନାସା, ଶ୍ରବଣ, ହସ୍ତ, ପଦାଦି ଇନ୍ଦ୍ରିୟର ସୃଷ୍ଟି ହେଲା । ପରେ ଦେହରୁ ଦେହାନ୍ତରକୁ ଗମନ କରିବାର ଇଚ୍ଛାରୁ ନାଭି ଓ ମୃତ୍ୟୁ ସୃଷ୍ଟି ହେଲା । ପରେ ଅନ୍ତ ଓ ନାଡିର ସୃଷ୍ଟି ଯାହାଙ୍କ ଅଧିଷ୍ଠାତ୍ରୀ ଦେବତା ଯଥାକ୍ରମେ ନଦୀ ଓ ସମୁଦ୍ର, ତୁଷ୍ଟି ଓ ପୁଷ୍ଟି ଏହି ଉଭୟର ଅଧୀନ । ସେହି ପୁରୁଷ ନିଜ ମାୟାରୁ ହୃଦୟ, ମନ, ସଂକଳ୍ପ, ଅଭିଳାଷ ଏବଂ ମନର ଅଧିଷ୍ଠାତା ଚନ୍ଦ୍ରଙ୍କୁ ସୃଷ୍ଟି କଲେ । ତାପରେ ଚର୍ମ, ମାଂସ, ଶୋଣିତାଦି, କ୍ଷିତି, ଅପ, ତେଜ ସୃଷ୍ଟି ହେଲା । ବାସ୍ତରୀ ସହସ୍ର ନାଡୀ ହୃଦୟ କମଳକୁ ବେଷ୍ଟନ କରି ରଖିଛି । ତାହାରି ସାହାଯ୍ୟରେ ରସ ସଂଗ୍ରହ କରି ପ୍ରାଣ ହୃଦୟକମଳରେ ତିଷ୍ଠି ରହିଛି । ଇନ୍ଦ୍ରିୟମାନଙ୍କ ଦ୍ୱାରା ସୃଷ୍ଟ ମନ ହିଁ ଅହଂକାର ସୃଷ୍ଟିକରେ । ମନ ହିଁ ସମସ୍ତ ବିକାରର କାରଣ । ହେ ରାଜନ! ଭଗବାନଙ୍କ ଏହି ସ୍ଥୂଳରୂପ ବର୍ଣ୍ଣନା ଯାହା ପଞ୍ଚମହାଭୂତ, ମନ, ଅହଂକାର, ମହତ୍ତତ୍ତ୍ୱ- ଏହି ଅଷ୍ଟ ଆବରଣ ଦ୍ୱାରା ଆବୃତ୍ତ ଛଡା ଏକ ସୂକ୍ଷ୍ମ ରୂପ ମଧ୍ୟ ଅଛି ଯାହା ସମସ୍ତଙ୍କର ଅଗୋଚର । ଭଗବାନ ଉଭୟ ସ୍ଥୂଳ ଓ ସୂକ୍ଷ୍ମ ରୂପ ଧରି ନିଜ ମାୟାରେ କ୍ରୀଡା କରନ୍ତି । ଅବଶ୍ୟ ପଣ୍ଡିତମାନେ ଯୁକ୍ତି କରନ୍ତି ଏହି ଉଭୟ ରୂପ ବିଷ୍ଣ ସମ୍ଭୂତ ହେଲେ ହେଁ ସେ କେଉଁଥିରେ ନଥାଆନ୍ତି ।

## ୩ୟ ସ୍କନ୍ଧ

୧ମ ଅଧ୍ୟାୟ

।। ଉଦ୍ଧବଙ୍କ ସହ ବିଦୁରଙ୍କ ଭେଟ ।।

ଶ୍ରୀ ଶୁକଦେବ କହିଲେ, ଭକ୍ତ ବତ୍ସଳ ବଗବାନ ତାଙ୍କର ପ୍ରିୟ ପାଣ୍ଡବମାନଙ୍କ ତରଫରୁ ମଧ୍ୟସ୍ଥ ହୋଇ ଦୁର୍ଯ୍ୟୋଧନ ନିକଟକୁ ଯାଇ ପାଞ୍ଚଖଣ୍ଡି ପଡା ମାଗି ବିଫଳ ହୋଇ ଫେରିବା ବାଟରେ ବିଦୁରଙ୍କ ସହ ଦେଖା କରି ତାଙ୍କୁ ଧୃତରାଷ୍ଟ୍ରଙ୍କୁ ବୁଝାଇବାକୁ କହିଲେ । ବିଦୁର ଚେଷ୍ଟା କରିବାରୁ ଦୁର୍ଯ୍ୟୋଧନ ତାଙ୍କୁ ବହୁ ଅପମାନ ଦେଇ ରାଜ୍ୟସଭାରୁ ବହିଷ୍କାର କଲେ । ବିଦୁର ଜାଣିପାରିଲେ କୌରବମାନଙ୍କ ସମୟ ପୂରି ଆସିଲାଣି ତେଣୁ ସେ ତୀର୍ଥଭ୍ରମଣରେ ବାହାରିଗଲେ । ସେ ପ୍ରଭାସ ତୀର୍ଥରେ ଥିବା ସମୟରେ ଖବର ପାଇଲେ କୌରବ ଯୁଦ୍ଧରେ ଧ୍ୱଂସ ପାଇବା ସହ ଯୁଧିଷ୍ଠିର ରାଜ୍ୟ ଶାସନ କରୁଛନ୍ତି । ଦିନେ ଯମୁନା ନଦୀ କୂଳରେ ପରମ ଭକ୍ତ ଉଦ୍ଧବଙ୍କ ସହ ବିଦୁରଙ୍କ ଦେଖା ହେବାରୁ ସେ ପାଣ୍ଡବ, କୁନ୍ତୀ, ଶ୍ରୀକୃଷ୍ଣ, ବଳରାମ ଓ ଯଦୁବଂଶ ସମସ୍ତଙ୍କ କୁଶଳ କଥା ପଚାରିଲେ । ସେ କହିଲେ ତ୍ରିଲୋକପାଳ, ପରମ କାରୁଣିକ, ଶରଣାଗତ ଭଗବାନଙ୍କ ପବିତ୍ର ନାମ ଗୁଣ କୀର୍ତ୍ତନ କରି କରି ଲୋକ ଲୋଚନ ଅଗୋଚରରେ ଅତି ଆନନ୍ଦରେ ଭ୍ରମଣ କରୁଛି । ସଂସାରର ବାଧା ମୋତେ ଲାଗୁନାହିଁ, ତୁମେ ଦୟାକରି ସେହି ପରମକାରୁଣିକ, ତ୍ରିଗୁଣାତୀତ ଭଗବାନଙ୍କ ଶୁଭଗାଥା ଶୁଣାଅ ।

୨ୟ ଅଧ୍ୟାୟ

।। ଉଦ୍ଧବଙ୍କ ଦ୍ୱାରା ଭଗବାନଙ୍କ ବିଭିନ୍ନ ବାଲ୍ୟଲୀଳା ବର୍ଣ୍ଣନ ।।

ଉଦ୍ଧବ ମହାତ୍ମା ବିଦୁରଙ୍କ ପ୍ରିୟବାର୍ତ୍ତା ଶୁଣି ନିଜ ମନ ମଧ୍ୟରେ ଭଗବାନଙ୍କ ପବିତ୍ର, ରମଣୀୟ ପ୍ରେମମୂର୍ତ୍ତିର ଆବିର୍ଭାବ ଘଟିଲା । ସେ ଅତ୍ୟନ୍ତ ପ୍ରେମ ବିହ୍ୱଳ ହୋଇ କିଛି କହିପାରିଲେ ନାହିଁ,ଦେହ ରୋମାଞ୍ଚିତ ହେବା ସହ ଆଖି ଛଳଛଳ ହୋଇଗଲା । କିଛି ସମୟ ପରେ ପ୍ରକୃତିସ୍ଥ ହୋଇ କହିବା ଆରମ୍ଭ କଲେ,ହେ ପ୍ରିୟ ବିଦୁର !ପରମକାରୁଣିକ ଶ୍ରୀକୃଷ୍ଣ ଇହଲୀଳା ସମ୍ବରଣ କରିସାରିଛନ୍ତି । ତାଙ୍କ ବିନା ଦ୍ୱାରିକା ସମ୍ପୂର୍ଣ୍ଣ ନଷ୍ଟ ହୋଇସାରିଛି । ଚନ୍ଦ୍ରମା ସମୁଦ୍ରରେ ବାସ କରୁଥିଲେ ଯେପରି ଯାଦବମାନେ ତାକୁ ଜାଣିପାରନ୍ତି ନାହିଁ ଠିକ ସେହିପରି ଶ୍ରୀକୃଷ୍ଣଙ୍କୁ ଯାଦବମାନେ ଜାଣି ପାରିଲେ ନାହିଁ । ନିଜ ଯୋଗମାୟାରେ ସେ ଏଭଳି କଲେ ଯେ ତାଙ୍କୁ ଜାଣିବା ସହଜ ନୁହେଁ । ଯୁଧିଷ୍ଠିରଙ୍କ ରାଜସୂୟ ଯଜ୍ଞରେ ସେ ବେବର୍ତ୍ତା ମଧ୍ୟ ସାଜିଗଲେ । ଭକ୍ତଙ୍କର ଭୃତ୍ୟହେବାକୁ ପ୍ରଭୁଙ୍କର ବଡ ଆଗ୍ରହ । ଭଗବାନଙ୍କ କୋଟି କନ୍ଦର୍ପ ଲାବଣ୍ୟ ଜିଣି ରୂପ ସମସ୍ତଙ୍କୁ ପ୍ରଲୁବ୍ଧ କରୁଥିଲା । ଗୋପବାଳାମାନେ ସେହି ରୂପକୁ ଟିକିଏ ଅବଲୋକନ କରିବାକୁ ଚାହିଁ ରହୁଥିଲେ । ସେ ଅଜନ୍ମା ହୋଇ ମଧ୍ୟ ଲୋକହିତ ପାଇଁ ଜନ୍ମ ନେଇଥିଲେ । ଅମିତ ପରାକ୍ରମଶାଳୀ ହୋଇ ମଧ୍ୟ କଂସ ଭୟରେ ଗୋପରେ ଲୁଚୁଥିଲେ । ଜରାସନ୍ଧ ଭୟରେ ମଥୁରା ଛାଡିଲେ । କରୁଣାବତାର ଭଗବାନଙ୍କ ବିଷୟରେ କ'ଣ କହିବି, ମାରିବାକୁ ଆସିଥିବା ପୁତନାକୁ ସ୍ୱର୍ଗ ଏବଂ ଶିଶୁପାଳ ସମେତ ସମସ୍ତ ବୀରମାନଙ୍କୁ ଅନ୍ତିମ ସମୟରେ ଦର୍ଶନ ଦେଇ ମୁକ୍ତିର ମାର୍ଗ ଖୋଲିଦେଲେ । ପରମ ସୌଭାଗ୍ୟ ସେ ଗୋପବାସୀଙ୍କୁ ପ୍ରଦାନ କରିଥିଲେ । ତାଙ୍କ ସହ ଖେଳିବା, ନାଚିବା, ହସିବା, କାନ୍ଦିବା ତଥା ବାଲ୍ୟକାଳରେ ବଡବଡ ଅସୁରମାନଙ୍କୁ ନିପାତ କରିବ. ଇନ୍ଦ୍ର ଗର୍ବହରଣ, କାଳୀୟ ଦଳନ, ଶରତ ଋତୁରେ ରାସ ଇତ୍ୟାଦି ଦୁର୍ଲ୍ଲଭ ଦୃଶ୍ୟାବଳୀ ସବୁ ଗୋପରେ ହିଁ କରିଥିଲେ ।

(କ୍ରମଶଃ)

+ଗୌଡ଼ଗାଁ, କପ୍ତିପଦା, ମୟୂରଭଞ୍ଜ
(ମୋ) ୯୮୫୩୯୪୮୪୫୮

# ବୁଦ୍ଧ ପୂର୍ଣ୍ଣିମା (ବୈଶାଖ ପୂର୍ଣ୍ଣିମା) ଏକ ଅବଲୋକନ...

ବିଷ୍ଣୁ ପ୍ରସାଦ ଦାସ

ଖ୍ରୀଷ୍ଟ ପୂର୍ବ ୫୬୩ ପବିତ୍ର ବୈଶାଖ ପୂର୍ଣ୍ଣିମା ତିଥି, ସେଦିନ ପୃଥିବୀ ପୃଷ୍ଠରେ ହଜାର ହଜାର ଶିଶୁ ଜନ୍ମ ନେଇଥିଲେ , କିନ୍ତୁ ତନ୍ମଧ୍ୟରୁ ଆମେ ଜଣଙ୍କୁ ଆଜି ମନେ ରଖିଛୁ ଆଗକୁ ମଧ୍ୟ ମନେ ରଖିଥିବୁ । କାଳର କରାଳ ଗତିରେ ଅନେକ କିଛି ଆସେ ଆଉ ଲୀନ ହୋଇଯାଏ , ଯେଉଁମାନେ ଯୁଗଜନ୍ମା , ସମାଜର ତ୍ରାଣକର୍ତ୍ତା , ଯାହାଙ୍କ ବାଣୀ ଦ୍ୱାରା ଆମେ ଚିରନ୍ତନ ସତ୍ୟର ସାମ୍ନା କରି ପାରୁଛୁ , ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ହୋଇ ପାରୁଛୁ ତା'ଙ୍କର ପଦାନୁସରଣ କରି ଆଜି ଲକ୍ଷ ଲକ୍ଷ ଅନୁଗାମୀ ଶାନ୍ତି , ମୈତ୍ରୀ ତଥା ଶୃଙ୍ଖଳିତ ନିରାମୟ ଜୀବନଚର୍ଯ୍ୟା କରୁଛନ୍ତି । ଏହି ଶିଶୁ ଉଜ୍ଜଳ ନକ୍ଷତ୍ରଟି ନେପାଳ ଦେଶରର 'ଲୁମ୍ବିନି' ଠାରେ ଶାକ୍ୟ ବଂଶର ରାଜା ଶୁଦ୍ଧୋଦନ ଓ ରାଣୀ ମାୟା ଦେବୀଙ୍କ ଔରସରୁ ଜନ୍ମ ଗ୍ରହଣ କରିଥିଲେ , ରାଜପରିବାର ପୁତ୍ର ସନ୍ତାନ ପ୍ରାପ୍ତି ଖବର ପ୍ରଚାରିତ ହେ୍ୱା ପରେ ରାଜ୍ୟ ବାସୀ ନିଜ ଭାବି ରାଜାଙ୍କୁ ଦର୍ଶନ କରି ଅନେକ ଉପହାର ଦେଇଥିଲେ । ମହା ଆଡମ୍ବର ସହକାରେ ରାଜପରିବାରର ନୂତନ ସଦସ୍ୟ ତଥଓ ରାଜ କୁମାରଙ୍କ ନାମ କରଣ ହୋଇଥିଲା ସେ 'ସିଦ୍ଧାର୍ଥ ଗୌତମ' ନାମରେ ପରିଚିତ ଥିଲେ, ବିଧିର ବିଡମ୍ବନା ଗୌତମଙ୍କ ଜନ୍ମର ସପ୍ତମ ଦିନ ତା'ଙ୍କ ମାତୃ ବିୟୋଗ ଘଟିଲା, ରାଜା ଶୁଦ୍ଧୋଦନ ଗୌତମଙ୍କ ଲାଳନ ପାଳନ ଦାୟିତ୍ୱ ସ୍ୱର୍ଗତ ମାୟା ଦେବୀଙ୍କ ଭଗ୍ନୀ ଗୌତମୀଙ୍କୁ ଦେଇଥିଲେ । ରାଜଜ୍ୟୋତିଷ ଯେଉଁଦିନ ଗୌତମଙ୍କ ଜାତକ ପ୍ରସ୍ତୁତ କଲେ ସେ ରାଜାଙ୍କୁ ଜଣାଇଥିଲେ ଯେ, ଗୌତମଙ୍କ 'ସନ୍ୟାସୀ' ହେବାର ଯୋଗ ଅଛି । ରାଜା ଜ୍ୟୋତିଷଙ୍କ ଗଣନାକୁ ନଜରରେ ରଖି ଶିଶୁ ପୁତ୍ରକୁ ସଂସାର ଜଞ୍ଜାଳ ଠାରୁ ଦୁରେଇ ରଖିବାକୁ ଆପ୍ରାଣ ଚେଷ୍ଟା କରିଥିଲେ ।



ବାଳୁତ ଗୌତମଙ୍କ ବାଲ୍ୟାବସ୍ଥା ଯାଇ କୈଶୋର ଅବସ୍ଥା ଆସିବାପରେ ସେ ଅନେକ ସମୟରେ ଖୁବ୍ ଚିନ୍ତିତ ଥିବା ପରି ମନେ ହେଉଥିଲେ , ରାଜା ଶୁଦ୍ଧୋଦନ ପୁତ୍ରର ଏହିସବୁ ବ୍ୟତିକ୍ରମ ଅବଲୋକନ କରି ଶେଷରେ ୧୬ ବର୍ଷ ବୟଷରେ ଯଶୋଧାରା ନାମୀ ରାଜକନ୍ୟା ସହିତ ଗୌତମଙ୍କୁ ବିବାହ ବନ୍ଧନରେ ଆବଦ୍ଧ କରି ଦେଇଥିଲେ , ତା'ଙ୍କର ଆଶା ଥିଲା ପୁତ୍ର ବୈବାହିକ ଜୀବନ ସହିତ ଜଡିତ ହୋଇ ନିଜ ଚିନ୍ତାଧାରା ପରିବର୍ତ୍ତନ କରିପାରିବ ଏବଂ ଜ୍ୟୋତିଷଙ୍କ ଭବିଷ୍ୟ ବାଣୀକୁ ମଧ୍ୟ ବଦଳାଇ ଦେଇ ହେବ । ସାଂସାରିକ ସୁଖ ତା'ଙ୍କୁ ବାନ୍ଧି ରଖି ପାରିନଥିଲା , ତା'ଙ୍କ ଔରସରୁ ପୁତ୍ର ସନ୍ତାନଟିଏ ମଧ୍ୟ ଜନ୍ମ ଗ୍ରହଣ କରିଥିଲା ଏବଂ ତାଙ୍କ ପୁତ୍ର ରାହୁଲ ନାମରେ ପରିଚିତ ହେଲେ । ଏକଦା ହସ୍ତୀ ପୃଷ୍ଠରେ ନଗର ପରିଭ୍ରମଣ କରିବା ସମୟରେ ଗୌତମଙ୍କୁ ଚାରୋଟି ଦୃଶ୍ୟ ସଂସାର ବିଷୟରେ ବିତୃଷ୍ଣା ଆଣିବାର କାରଣ ହୋଇ ଥିଲା ତାହା ହେଲା (୧) ବୃଦ୍ଧାବସ୍ଥା , (୨) ରୋଗଗ୍ରସ୍ତ ମାନବ (୩) ଶବ (୪) ସନ୍ୟାସୀ । ଚାରୋଟି ଅବସ୍ଥାକୁ ପୁଙ୍ଖାନୁପୁଙ୍ଖ ତର୍ଜମା କରି ଶେଷରେ ଗୌତମ 'ସନ୍ୟାସୀ' ହେବାପାଇଁ ମନସ୍ଥ କରିଥିଲେ । ଗୌତମ ୨୯ ବର୍ଷ ବୟସରେ ରାଜପ୍ରାସାଦର ବିଳାସପୂର୍ଣ୍ଣ ଜୀବନ ତଥା ଯଶୋଧାରା ଆଉ ନିଜର ପ୍ରିୟ ପୁତ୍ର ରାହୁଲଙ୍କୁ ଛାଡ଼ି ଚିରଦିନ ପାଇଁ ସନ୍ୟାସୀ ହୋଇ ଚାଲି ଆସିଥିଲେ । ସନ୍ୟାସ ଜୀବନରେ ଅନେକ ଘାତ ପ୍ରତିଘାତ ସହି ନିଜର ଲକ୍ଷ ପୁରଣ ପାଇଁ ସର୍ବଦା ଚେଷ୍ଟିତ ଥିଲେ , ମଗଧ ରାଜ୍ୟର ରାଜଧାନୀ ରାଜଗିରି ଗୁମ୍ଫାରେ କିଛିଦିନ ଧ୍ୟାନ ତଥା ବୋଧଗୟା ଠାରେ ଛଅ ବର୍ଷ କଠୋର ତପସ୍ୟା ତା'ଙ୍କୁ ସେମିତି କିଛି ସନ୍ତୁଷ୍ଟ କରି ପାରିନ'ଥିଲା । ଶେଷରେ ବୋଧଗୟା ନିକଟସ୍ଥ ନିରଞ୍ଜନା ନାମକ ନଦୀ (ଯାହାକି ଫଲ୍ଗୁ ନଦୀ ନାମରେ ପରିଚିତ) ତୀରରେ ଅବସ୍ଥିତ ଏକ ବିଶାଳ ଅଶ୍ୱସ୍ଥ ବୃକ୍ଷ ମୂଳେ ୪୯ ଦିନ ଗଭୀର ଧ୍ୟାନରେ ବସିବା ପରେ ତାଙ୍କୁ ୩୫ ବର୍ଷ ବୟସରେ ' ଦିବ୍ୟ ଜ୍ଞାନ ' ପ୍ରାପ୍ତି ହେଲା । ଆଜି ମଧ୍ୟ 'ବୋଧି ଦ୍ରୁମ' ନାମରେ ପରିଚିତ ସେହି ପବିତ୍ର ବୃକ୍ଷର ଜୀବନ୍ତ ଅଂଶ ବିଶେଷ ସେଠାରେ ଦେଖିବାକୁ ମିଳେ । ବଡ଼ ଆଶ୍ଚର୍ଯ୍ୟର କଥା ସେହି ଦିନ ମଧ୍ୟ ବୈଶାଖ ପୂର୍ଣ୍ଣିମା ଥିଲା । ସେହି ଦିନ ଠାରୁ ସିଦ୍ଧାର୍ଥ ଗୌତମଙ୍କ ନାମ ପରିବର୍ତ୍ତନ ହୋଇ 'ଗୌତମ ବୁଦ୍ଧ ' ହୋଇଥିଲା, ବୁଦ୍ଧ ମାନେ 'ମହାଜ୍ଞାନୀ' । ଯିଏ ଯେଉଁ ଧର୍ମର ହୁଅନ୍ତୁନା କାହିଁକି ସାରା ପୃଥିବୀ ଆଜି ତାଙ୍କୁ 'ବୁଦ୍ଧଦେବ'ଙ୍କ ନାମରେ ଜାଣିଛନ୍ତି ।

ସଂସାର ଦୁଃଖମୟ ...ଦୁଃଖର କାରଣ 'କାମନା' ଆଉ 'କାମନାର ବିନାଶରେ ଦୁଃଖର ବିନାଶ' , କାମନାର ବିନାଶ ପାଇଁ ବୁଦ୍ଧ ଆଠଗୋଟି ପନ୍ଥା ବା ଅଷ୍ଟାଙ୍ଗ ମାର୍ଗ ଆବିଷ୍କାର କରିଛନ୍ତି ଯାହା (୧) ସତ୍ ବାକ୍ୟ , (୨) ସତ୍ ଚିନ୍ତା (୩) ସତ୍ ଉଦ୍ଦେଶ୍ୟ (୪) ସତ୍ କର୍ମ (୫) ସତ୍ ସଂକଳ୍ପ (୬) ସତ୍ ଜୀବନ (୭) ସତ୍ ଚେଷ୍ଟା (୮) ସମକ୍ୟ ସମାଧି (ନିର୍ବାଣ ପ୍ରାପ୍ତି ପରେ ସ୍ୱୟଂ ଲୀନ ହୋଇଯିବା) ତା'ଙ୍କର ଦ୍ୱାରା ପ୍ରଚାରିତ ଧର୍ମ ହେଲା 'ବୌଦ୍ଧ ଧର୍ମ' ଧର୍ମଗ୍ରନ୍ଥ 'ତ୍ରିପିଟକ' ତ୍ରି ମାନେ ତିନି , ପିଟକ ମାନେ ପେଡି , ସେଗୁଡିକ ହେଲା ୧ - ସୂତ୍ର ପିଟକ ( ବୁଦ୍ଧଦେବଙ୍କ କଥୋପକଥନ), ୨- ବିନୟ ପିଟକ (ବୌଦ୍ଧଧର୍ମର ନିୟମାବଳୀ ) , ୩- ଅଭିଧାମ୍ମ ପିଟକ (ବୌଦ୍ଧ ଧର୍ମର ପ୍ରଧାନ ତତ୍ତ୍ୱ ) ବୌଦ୍ଧ ଧର୍ମରେ ମୂର୍ତ୍ତିପୂଜା କରାଯାଏ ନାହିଁ, ବୌଦ୍ଧ ଧର୍ମାବଲମ୍ବୀ ମାନେ ବୁଦ୍ଧଙ୍କୁ ପୂଜା କରନ୍ତି ,ଦିବ୍ୟଜ୍ଞାନ ସହିତ ନିର୍ବାଣ ପ୍ରାପ୍ତି ଏହି ଧର୍ମର ମୂଳ ଉଦେଶ୍ୟ ।

ବୁଦ୍ଧଙ୍କ ଜ୍ଞାନ ପ୍ରାପ୍ତି ପୂର୍ବରୁ ତା'ଙ୍କୁ ଛାଡ଼ି ଚାଲିଯାଇଥିବା ପାଞ୍ଚ ଜଣ ଶିଷ୍ୟଙ୍କୁ ସେ ସାରନାଥ ଠାରେ ପ୍ରଥମେ ଦୀକ୍ଷା ଦେଇଥିଲେ ପରବର୍ତ୍ତୀ ସମୟରେ କପିଳାବାସ୍ତୁ ଯାଇ ପତ୍ନୀ ଓ ପୁତ୍ର ରାହୁଲଙ୍କୁ ବୌଦ୍ଧ ଧର୍ମରେ ଦୀକ୍ଷିତ କରିଥିଲେ । ଇତିହାସକୁ ପାଥେୟ କରି ଆମେ ଜାଣୁଛୁ ଯେ, ,ବୌଦ୍ଧଧର୍ମ ପ୍ରଚାର ପ୍ରସାର ପାଇଁ 'ସଙ୍ଘର' ଗଠନ ହୋଇଥିଲା, ' ବୁଦ୍ଧମ୍ ସରଣମ୍ ଗଛାମୀ , ଧର୍ମଂ ସରଣମ୍ ଗଛାମୀ , ସଙ୍ଘମ୍ ସରଣମ ଗଛାମୀ ' ତଥା ' ଓଁ ମଣି ପଦ୍ମେ ହୁମ୍' ଏହି ପ୍ରାର୍ଥନା ବୌଦ୍ଧଧର୍ମାବଲମ୍ବି ମାନଙ୍କୁ ଖୁବ୍ ଆଧ୍ୟାତ୍ମିକ ଭାବ ଆଣିଦିଏ । ପ୍ରାର୍ଥନା ଗୃହ ରେ 'ଓଁ' ର ଗୁଞ୍ଜନ ଏବଂ ଆଧ୍ୟାତ୍ମିକ ଶକ୍ତିର ତୁଳନା ନାହିଁ ।ମହାତ୍ମା ବୁଦ୍ଧଙ୍କର ଖ୍ରୀଷ୍ଟ ପୂର୍ବ ୪୮୩ ରେ କୃଶୀନଗର ଠାରେ ମହାପ୍ରୟାଣ ହୋଇଥିଲା , ସେତେବେଳେ ତା'ଙ୍କୁ ୮୦ ବର୍ଷ ହୋଇଥିଲା ଓ ଆଉ ଏକ ସଂଯୋଗର କଥା ଯେ ସେଇଦିନ ମଧ୍ୟ ବୈଶାଖ ପୂର୍ଣ୍ଣିମା ତିଥି ଥିଲା । ଦିବ୍ୟ ଜ୍ଞାନ ପ୍ରାପ୍ତିର ୪୫ ବର୍ଷ ପର୍ଯ୍ୟନ୍ତ ସେ ତା'ଙ୍କର ଧର୍ମ ପ୍ରଚାର କରିଥିଲେ ହଜାର ହଜାର ଭକ୍ତ ଏବଂ ଅନୁଗାମୀ ପୃଥିବୀର କୋଣ ଅନୁକୋଣ ଯାଇ ସାଧାରଣ ଜନତାଙ୍କୁ ନିର୍ବାଣ ପ୍ରାପ୍ତିର ପଥ ବିଷୟରେ ବୁଝାଇ ବୌଦ୍ଧ ଧର୍ମର ପ୍ରସାର କରିଥିଲେ । ତେଣୁ ବୁଦ୍ଧ ପୂର୍ଣ୍ଣିମାକୁ ଗୌତମ ବୁଦ୍ଧଙ୍କ ଜନ୍ମ ଦିବସ, ଜ୍ଞାନପ୍ରାପ୍ତି ଦିବସ ତଥା ମହାପ୍ରୟାଣ ଦିବସ ରୂପେ ସାରା ପୃଥିବୀରେ ସବୁ ବୌଦ୍ଧ ଧର୍ମାବଲମ୍ବୀ ମାନେ ପାଳନ କରନ୍ତି , ସୁଖ ଏବଂ ଦୁଃଖର ଏକ ମିଶ୍ରିତ ଆବେଗ ଏହି ବୁଦ୍ଧ ପୂର୍ଣ୍ଣିମା । ବୁଦ୍ଧ ଧର୍ମର ସାରକଥା ହେଲା ' କାମନାର ବିନାଶ ରେ ଦୁଃଖର ବିନାଶ" ଏବଂ ନିର୍ବାଣ ପ୍ରାପ୍ତି ।

ପୃଥିବୀର ଅନେକ ଦେଶରେ ବୁଦ୍ଧଦେବଙ୍କ ପୂଜାର୍ଚ୍ଚନା କରାଯାଏ , ପୂର୍ବ ତଥା ଦକ୍ଷିଣ ପୂର୍ବ ଏସିଆ ମହାଦେଶର ଶ୍ରୀଲଙ୍କା , ମିଆଁମାର , ଶ୍ୟାମ୍ ଦେଶ ବା ଥାଇଲାଣ୍ଡ , ମାଲେସିଆ , କାମ୍ବୋଡ଼ିଆ, ଲାଓସ , ଭିଏତନାମ, ଫିଲିପାଇନ୍ସ , ଜାପାନ, ଚୀନ, ଭୁଟାନ ଇତ୍ୟାଦି ଦେଶର ଲୋକମାନେ ଅଧିକାଂଶ ବୌଦ୍ଧ ଧର୍ମାବଲମ୍ବୀ ସେଠାରେ ଅନେକ ବଡ଼ ବଡ଼ ବୁଦ୍ଧ ମୂର୍ତ୍ତି ପ୍ରତିଷ୍ଠା ହୋଇଛି ଭକ୍ତମାନେ ଖୁବ ନିଷ୍ଠାର ସହିତ ବୁଦ୍ଧଙ୍କୁ ଆରାଧନା କରନ୍ତି ଏବଂ ପ୍ରାର୍ଥନା ଗୃହରେ 'ଓଁ ମଣି ପଦ୍ମେ ହୁମ୍' ମନ୍ତ୍ରୋଚ୍ଚାରଣ କରନ୍ତି । ଭୁଟାନ୍, ମାଲେସିଆ , ଇଣ୍ଡୋନେସିଆ , ଭିଏତନାମ୍, ଥାଇଲାଣ୍ଡ ଦେଶର ଅନେକ ବୌଦ୍ଧ ମନ୍ଦିର ଯିବାର ତଥା ପ୍ରାର୍ଥନା କରିବାର ସୁଯୋଗ ପାଇଛି, ସେଠାରେ ବୌଦ୍ଧ ଧର୍ମାବଲମ୍ବୀ ମାନଙ୍କ ଆତ୍ମୀୟତା , ବୁଦ୍ଧଙ୍କ ପ୍ରତି ଭକ୍ତି ଏବଂ ନିଜକୁ ବୁଦ୍ଧଙ୍କ ଠାରେ ସମର୍ପଣ ଭାବ, ସରଳ ନିଷ୍କାମ ଜୀବନଚର୍ଯ୍ୟା ଦେଖି ଅଭିଭୂତ ହୋଇ ଯାଇଥିଲି । ଥରେ ଭିଏତନାମ୍ ର ଜନୈକ ବୌଦ୍ଧ ଗୁରୁଙ୍କ ଆମନ୍ତ୍ରଣ କ୍ରମେ ଭିଏତନାମ୍ ଯାଇ ତାଙ୍କ ସଂସ୍ପର୍ଶ ରେ ଆସିଥିଲି ଏବଂ ତା'ଙ୍କର ବୁଦ୍ଧଙ୍କ ଉପରେ ଅସୀମ ଜ୍ଞାନ ଦେଖି ଆଚମ୍ବିତ ହୋଇ ଯାଇଥିଲି, ତା'ଙ୍କ ଆତିଥ୍ୟ ଏବଂ ଦୀକ୍ଷା ମୋର ସବୁ ଗର୍ବ ,ଅହଂକାରକୁ ନେଇ 'ଓଁ ମଣି ପଦ୍ମେ ହୁମ୍ ' ମନ୍ତ୍ର ମଧ୍ୟରେ ଲୀନ କରିଦେଇଛି । ନିଜ ଅନୁଭୂତି ତଥା ସମ୍ୟକ ଜ୍ଞାନରୁ ଯାହା ଶିଖିଛି ସେଇଥିରୁ କିଛି ଉପସ୍ଥାପନ କରିଛି । ବୁଦ୍ଧଙ୍କ ଉପରେ ଲେଖିବା ପରି ସେତେଟା ଜ୍ଞାନର ଅଧିକାରୀ ହେବାକୁ ମୋତେ ହୁଏତ ଆହୁରି ଅନେକ ବର୍ଷ ଲାଗିପାରେ । ଶେଷରେ ' କାମନାର ବିନାଶ ରେ ଦୁଃଖର ବିନାଶ .... ଓଁ ମଣି ପଦ୍ମେ ହୁମ୍ ' ସହିତ ବୁଦ୍ଧଦେବଙ୍କୁ ପ୍ରଣାମ ଜଣାଉଛି ।

ସ୍ନେହ କୁଟୀର, ଝାଞ୍ଜିରୀ ମଙ୍ଗଳା
କଟକ -୭୫୩୦୦୯
ମୋ: ୯୯୩୭୧୭୪୦୯୭

# ବୁଦ୍ଧ ଅନୁଚିନ୍ତା : ପ୍ରାଣୀ ସହ ମୈତ୍ରୀ ଭାବ

ଡକ୍ଟର ତପନ କୁମାର ପାଳ

ମହାତ୍ମା ବୁଦ୍ଧ ସାରା ବିଶ୍ୱରେ ସାମାଜିକ ଏକତା ଏବଂ ବନ୍ଧୁତ୍ୱର ସମର୍ଥକ ଥିଲେ । ସେ ନିଜର ଉପଦେଶ ଏବଂ ପ୍ରାର୍ଥନାରେ ସବୁବେଳେ ବିଶ୍ୱ ଭ୍ରାତୃତ୍ୱ ଏବଂ ସର୍ବକଲ୍ୟାଣର ଇଚ୍ଛାବ୍ୟକ୍ତ କରିଥିଲେ । ଗୋଟିଏ ସ୍ଥାନରେ ତଥାଗତ ବୁଦ୍ଧ କହିଥିଲେ, ହେ ଭିକ୍ଷୁଗଣ ! ତୁମମାନଙ୍କର ମୈତ୍ରୀ ବିଶ୍ୱପରି ବ୍ୟାପକ ହେବା ଏବଂ ଭାବନା ସାଗର ପରି ଅସୀମ ହେବା ଆବଶ୍ୟକ । ଯେଉଁଥିରେ ସାମାନ୍ୟତମ ଦ୍ୱେଷ ବି ନଥିବ । ତଥାଗତଙ୍କର ଏହି ବାଣୀ ସମଗ୍ର ସଂସାର ମନୁଷ୍ୟମାନଙ୍କ ସୁଖ ଏବଂ କଲ୍ୟାଣ ପାଇଁ ଉଦ୍ଦିଷ୍ଟ, ଯେଉଁଥିରେ କରୁଣା ଏବଂ ବିଶ୍ୱ ମୈତ୍ରୀର ଭାବ ନିହିତ । ବୁଦ୍ଧଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ପଞ୍ଚଶୀଳର ସିଦ୍ଧାନ୍ତ ସମାଜକୁ କ୍ରୋଧ, ଦ୍ୱେଷ, ଈର୍ଷା ଆଦି ସଂକୀର୍ଣ୍ଣତାରୁ ମୁକ୍ତ ହୋଇ ସମ୍ପୂର୍ଣ୍ଣ ବିଶ୍ୱରେ ଭ୍ରାତୃଭାବ ସହ ଏକ ପରିବାର ଭାବରେ ରହିବା ନିମନ୍ତେ ପ୍ରେରିତ କରେ ।





ବୁଦ୍ଧଙ୍କ ଉପଦେଶ ଥିଲା - 'ତୁମର ମନ ପୃଥିବୀ ପରି ଦୃଢ଼ ଏବଂ ସହନଶୀଳ ହେଉ, ବାୟୁ ପରି ସ୍ୱଚ୍ଛ ହେଉ ଏବଂ ଗଙ୍ଗା ନଦୀ ପରି ଗଭୀର ହେଉ । ତାଙ୍କର ମତ ଥିଲା ମନୁଷ୍ୟକୁ ପ୍ରତ୍ୟେକ ପ୍ରାଣୀ ସହ ମୈତ୍ରୀ ଭାବ ରଖିବା ଆବଶ୍ୟକ । ଯଦ୍ୱାରା କେହି ଦୁର୍ବ୍ୟବହାର କଲେ ମନ ବିଚଳିତ ହେବ ନାହିଁ । ସେ ମନର ପବିତ୍ରତା ଉପରେ ଅଧିକ ଗୁରୁତ୍ୱ ଦେଉଥିଲେ । ତାଙ୍କର ମତ ଥିଲା, ଶତ୍ରୁକୁ ଶତ୍ରୁତା ଦ୍ୱାରା ଶେଷ କରିହେବ ନାହିଁ । ଶତ୍ରୁତା ମୈତ୍ରୀ ଭାବ ଦ୍ୱାରା ଶେଷ ହୋଇପାରେ ।'

ଗୌତମ ବୁଦ୍ଧଙ୍କର ଉପଦେଶଗୁଡ଼ିକୁ ଧମ୍ମପଦ ଗ୍ରନ୍ଥରେ ସଂକଳିତ କରାଯାଇଛି । ଏହା ବୌଦ୍ଧ ଧର୍ମାବଲମ୍ବୀମାନଙ୍କ ପାଇଁ ଗୀତା ସଦୃଶ। ଏହା ବୌଦ୍ଧ ସାହିତ୍ୟର ସର୍ବୋତ୍କୃଷ୍ଟ ଏବଂ ଲୋକପ୍ରିୟ ଗ୍ରନ୍ଥ । ଧମ୍ମପଦର ଅର୍ଥ ଧର୍ମ ବିଷୟରେ କୌଣସି ଶବ୍ଦ, ପଂକ୍ତି ବା ବାକ୍ୟ । ଏହା ଭଗବାନ ବୁଦ୍ଧଙ୍କ ନୈତିକ ଉପଦେଶର ସଂଗ୍ରହ । ଏହା ପାଲି ଭାଷାରେ ଲିଖିତ । ଏହାର ୧୨୩ଟି ଅଧ୍ୟାୟ ରହିଛି । ଖ୍ରୀଷ୍ଟପୂର୍ବ ୩୦୦ରୁ ୧୦୦ ମଧ୍ୟରେ ଏହା ରଚିତ ହୋଇଥିଲା । ବୌଦ୍ଧ ସଂଘରେ ଏହି ଗ୍ରନ୍ଥର ଉପଦେଶକୁ ସର୍ବାଧିକ ଗୁରୁତ୍ୱ ଦିଆଯାଏ । ଏହି ଗ୍ରନ୍ଥର ବ୍ୟାଖ୍ୟାରେ ପାରଙ୍ଗମ ହେବା ବୌଦ୍ଧ ସଂଘରେ ପରିପକ୍ୱତା ଏବଂ ଉଚ୍ଚତାର ମାପଦଣ୍ଡ ବୋଲି ବିବେଚନା କରାଯାଏ । ବୌଦ୍ଧ ସାଧୁସନ୍ଥମାନେ ଏହି ଗ୍ରନ୍ଥର କୌଣସି ଅଂଶରୁ ନିଜର ପ୍ରବଚନ ଆରମ୍ଭ କରନ୍ତି । ଭାଷାର ସରଳତା, ସହଜବୋଧତା ଏବଂ ଗ୍ରହଣଶୀଳତା ଯୋଗୁଁ ସାଧାରଣ ବୌଦ୍ଧ ଧର୍ମାବଲମ୍ବୀମାନେ ମଧ୍ୟ ଏହାକୁ ଆଦର କରନ୍ତି । ଏହି ଗ୍ରନ୍ଥରେ ଗୁଢ଼ ଏବଂ ଅତି ସୂକ୍ଷ୍ମ ଦାର୍ଶନିକ ଏବଂ ଆଧ୍ୟାତ୍ମିକ ତତ୍ତ୍ୱ ବ୍ୟାଖ୍ୟା ଏବଂ ବର୍ଣ୍ଣନା ଖୁବ୍ ସୁନ୍ଦର ଏବଂ ଗ୍ରହଣଶୀଳ ଭାବରେ କରାଯାଇଛି । ଆଜି ପବିତ୍ର ବୁଦ୍ଧ ପୂର୍ଣ୍ଣିମା ଅବସରରେ ଭଗବାନ ବୁଦ୍ଧ ଆମ ସମସ୍ତଙ୍କର କଲ୍ୟାଣ କରନ୍ତୁ, ସମଗ୍ର ବିଶ୍ୱବାସୀ ଆନନ୍ଦରେ ଜୀବନଯାପନ କରନ୍ତୁ।

ଷ୍ଟେଟ ବ୍ୟାଙ୍କ ଅଫ ଇଣ୍ଡିଆ, ଷ୍ଟାଫ କଲୋନୀ, ଦେଉଳ ସାହି, ତୁଳସୀପୁର, କଟକ,
ଦୂରଭାଷ : ୯୯୩୭୬୫୮୩୬୨ / ୭୯୭୮୭୯୬୬୩୩

# ଧ୍ୱନି ପ୍ରତିଧ୍ୱନି

ବାଲେଶ୍ୱର ୪

୨୩ ମଇ ୨୦୨୪, ଗୁରୁବାର


## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ରଇସି ରାଜର ଅନ୍ତ...

ଏକ ହେଲିକପ୍ଟର ଦୁର୍ଘଟଣାରେ ଇରାନ୍‌ର ଅଷ୍ଟମ ରାଷ୍ଟ୍ରପତି ଇବ୍ରାହିମ୍ ରଇସି ଏବଂ ବିଦେଶ ମନ୍ତ୍ରୀ ହୋସେଇନ୍ ଅମିରାନ୍ଦୋହିଆଁଙ୍କ ସମେତ ମୋଟ ନଅ ଜଣଙ୍କର ଅତ୍ୟନ୍ତ ଦୁଃଖଦ ନିଧନ ବିମାନ ଚାଳନାର ଏକ ସର୍ବାଧିକ ବିପଦପ୍ରବଣ ଉଡ଼ନ୍ତା ଯାନରେ ଯାତ୍ରା କରିବାଜନିତ ବିପଦର ଏକ ଉତ୍କଟ ଚେତାବନୀ। ଏକ ପୁରୁଣା ୟୁଏସ୍ ବେଲ୍ ହେଲିକପ୍ଟରରେ ଏକ ପାର୍ବତ୍ୟାଞ୍ଚଳରେ ଖରାପ ପାଗରେ ଏପରି ଯାତ୍ରା କରିବା ଯେ କେତେ ହାନିକାରକ ସାବ୍ୟସ୍ତ ହୋଇଛି, ତାହା ଇରାନ୍ ସମ୍ପ୍ରତି ମର୍ମେ ମର୍ମେ ଅନୁଭବ କରୁଥିବ। ଏହି ହେଲିକପ୍ଟରଟି ଯଦିଓ ଆମେରିକା ତିଆରି, ତେବେ ଏହାର ଯନ୍ତ୍ରାଂଶର ଅଭାବ ଓ ସର୍ଭିସିଂ ଅନେକ ବର୍ଷ ଧରି କରାଯାଇ ନଥିଲା, କାରଣ ୧୯୭୯ରେ ଇରାନ୍ ବିପ୍ଳବଠାରୁ ଆମେରିକା ସହିତ ଏହାର ସମ୍ପର୍କରେ ତିକ୍ତତା ଓ ତଜ୍ଜନିତ ଆର୍ଥିକ କଟକଣା ଏହି ବାୟୁ ଯାନର ପୂର୍ଣ୍ଣ ଲାଭ ଉଠାଇବାକୁ ଦେଇ ନଥିଲା। ରଇସି ଏହି ହେଲିକପ୍ଟରରେ ଏକ ଗଠନମୂଳକ ଯାତ୍ରାରେ ଯାଇଥିଲେ ଉତ୍ତର ଇରାକୁ ଯେଉଁଠି ସେ ଉଦ୍‌ଘାଟନ କରିବାର ଥିଲା ଏକ ଡ୍ୟାମ୍ ଯାହା ଉଭୟ ଇରାନ୍ ଓ ଏହାର ଉତ୍ତର ଭାଗରେ ଅବସ୍ଥିତ ପଡ଼ୋଶୀ ଆଜରବାଇଜାନ୍‌ର ଜନସାଧାରଣଙ୍କ ପାଇଁ ମଙ୍ଗଳକାରକ ହେବାକୁ ଯାଉଛି। ଇରାନ୍‌ର ବିଦେଶ ମନ୍ତ୍ରୀ ହୋସେଇନ୍ ଅମିରାନ୍ଦୋଲ୍ଲାହିଆଁ, ଯିଏକି ଥିଲେ ଇରାନ୍‌ର ପୂର୍ବ ଆଜରବାଇଜାନ୍ ପ୍ରଦେଶର ଗଭର୍ଣ୍ଣର ଏବଂ ଅନ୍ୟାନ୍ୟ ସରକାରୀ ଅଧିକାରୀମାନେ ତଥା ଅଙ୍ଗରକ୍ଷୀମାନେ ଥିଲେ ସେହି ଦୁର୍ଘଟଣାଗ୍ରସ୍ତ ହୋଇଥିବା ହେଲିକପ୍ଟରରେ ଯାହାର ୧୫ ଜଣ ଯାତ୍ରୀଙ୍କୁ ପରିବହନ କରିବାର ସାମର୍ଥ୍ୟ ଥିଲା । ତେବେ ଏସବୁ ଭିତରେ ଯାହା ସବୁଠୁ ବଡ଼ କ୍ଷତି ଘଟିଲା, ତାହା ହେଉଛି ଏକ ରାଷ୍ଟ୍ରର ମୁଖ୍ୟଙ୍କର ଯାହାଙ୍କୁ ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମେନେଇଙ୍କର ଉତ୍ତରାଧିକାରୀ ଭାବରେ ପରିଗଣନା କରାଯାଉଥିଲା । ରଇସି ଥିଲେ ଶିଆ ଧର୍ମତନ୍ତ୍ରର, ଯାହା ଇରାନ୍‌କୁ କଠୋର ଶୃଙ୍ଖଳା ଭିତରେ ଦଶନ୍ଧି ଦଶନ୍ଧି ଧରି ଶାସନ କରି ଆସିଛି । କହିବା ବାହୁଲ୍ୟ, ତାଙ୍କର ନିଧନ ସମଗ୍ର ପଶ୍ଚିମ ଏସିଆରେ ଶୋକର ଛାୟା ଖେଳାଇ ଦେଇଛି । ସମ୍ପ୍ରତି ପ୍ରଥମ ଉପ-ରାଷ୍ଟ୍ରପତି ମହମ୍ମଦ ମୋର ରଇସିଙ୍କ ଉତ୍ତରାଧିକାରୀ ଭାବରେ ପରବର୍ତ୍ତୀ ନିର୍ବାଚନ- ଯାହାକି ଆସନ୍ତା ୫୦ ଦିନ ମଧ୍ୟରେ ହେବା ଆଶା କରାଯାଉଛି- ପର୍ଯ୍ୟନ୍ତ ରାଷ୍ଟ୍ରପତି ଭାବରେ କାର୍ଯ୍ୟ କରିବେ। ପରନ୍ତୁ, ପ୍ରଶ୍ନ ହେଉଛି- ଯେଉଁ ଦେଶରେ ସିନେ ନିର୍ମାତା, କଳାକାର, ମନୋରଞ୍ଜନକାରୀ, ଏବଂ ମହିଳାମାନେ, ଯେଉଁମାନଙ୍କୁ ସେମାନଙ୍କ ମୁହଁ ଆବୃତ୍ତ କରିବା ଭଳି ଓଢ଼ଣି ପରିଧାନ ନ କରିବା ଯୋଗୁଁ ହତ୍ୟା କରାଯାଇ ଆସିଛି, ସେମାନଙ୍କ ସମେତ ଯେ କୌଣସି ବ୍ୟକ୍ତି, ଯିଏ ବି ଏହି ଦେଶର ଶାସକ ଏବଂ ଧର୍ମତାନ୍ତ୍ରିକମାନଙ୍କୁ ବିରୋଧ କରିଛନ୍ତି, ସେମାନଙ୍କ ଉପରେ ହୋଇଥିବା ଅମାନବୀୟ ଆକ୍ରମଣକୁ ପରିଲକ୍ଷିତ କରି ଆସିଥିବା ଏକ ଦେଶରେ ଏହି ନିର୍ବାଚନ ପରେ କିଛି ପରିବର୍ତ୍ତନ ଦେଖାଯିବ କି ! ରଇସି ଥିଲେ ଜଣେ କଠୋରପନ୍ଥୀ, ଯିଏକି ଇରାନ୍‌ର ରାଷ୍ଟ୍ର ରୂପୀ ଜଳ ଜାହାଜକୁ ଅର୍ଥନୀତିକ ସମସ୍ୟାରେ ବୁଡ଼ି ରହିଥିବା ଏକ କଷ୍ଟକର ପର୍ଯ୍ୟାୟରେ ଉତ୍ତମ ରୂପେ ଚଳାଇ ନେଉଥିଲେ, ଏମିତିକି ଆନ୍ତର୍ଜାତିକ ଭୂରାଜନୀତିକ ଦୃଶ୍ୟପଟ ଯୁଦ୍ଧରେ ବ୍ୟାପୃତ ରହିଥିବା ବେଳେ ମଧ୍ୟ, ଯେଉଁଥିରେ ରହିଛନ୍ତି ଏହାର ମିତ୍ର ରାଷ୍ଟ୍ର ରୁଷିଆ ଏବଂ ଚିର ଶତ୍ରୁ ରାଷ୍ଟ୍ର ଇସ୍ରାଏଲ। ତାଙ୍କ ଅଧୀନରେ ଇରାନ୍ ଲେବାନନ୍, ସିରିଆ, ଇରାକ୍, ୟେମେନ୍ ଏବଂ ପାଲେଷ୍ଟିନୀୟ ସୀମାଗୁଡ଼ିକରେ ଥିବା ସଶସ୍ତ୍ର ଆତଙ୍କ ସୃଷ୍ଟିକାରୀ ଗୋଷ୍ଠୀମାନଙ୍କୁ କେବଳ ବର୍ଷ ପରେ ବର୍ଷ କେବଳ ପାଣ୍ଠି ଯୋଗାଇ ଆସିନାହିଁ ଏହି ସବୁ ଗୋଷ୍ଠୀ ସେସବୁ ଦେଶମାନଙ୍କରେ ଥିବା ଲକ୍ଷ୍ୟଭୁକ୍ତ ଅଞ୍ଚଳରେ ମିସାଇଲ ଏବଂ ଡ୍ରୋନ୍ ମାଡ଼ କରିବାକୁ, ବରଂ ଆନ୍ତର୍ଜାତିକ ଜାହାଜ ଚଳାଚଳ ଉପରେ ମଧ୍ୟ ଆକ୍ରମଣ କରିବା ନିମନ୍ତେ। ସାମ୍ପ୍ରତିକ ସଂଘର୍ଷରତ ବୈଶ୍ୱିକ ଅବସ୍ଥା ପ୍ରତି ରଇସିଙ୍କର ସଦ୍ୟତମ ଅବଦାନ ଥିଲା ଗତ ମାସରେ ଇସ୍ରାଏଲ ଉପରେ ଶହ ଶହ ସଂଖ୍ୟାରେ ଡ୍ରୋନ୍ ଏବଂ ମିସାଇଲ ମାଡ଼ କରିବା, ଯାହା ସେ କରିଥିଲେ ସିରିଆରେ ଥିବା ଇରାନ୍‌ର କନ୍‌ସୁଲେଟ୍ ଉପରେ ଇସ୍ରାଏଲର ବିମାନ ଆକ୍ରମଣର ପ୍ରତିକ୍ରିୟା ସ୍ୱରୂପ, ଯେଉଁଥିରେ ଆତଙ୍କ ସୃଷ୍ଟିକାରୀ ଅଭିଜାତ ଶ୍ରେଣୀର ରିଭଲ୍ୟୁସନାରୀ ଗାର୍ଡସ୍‌ର ଦୁଇ ଜଣ ସେନାଧ୍ୟକ୍ଷ ଏବଂ ବେଶ୍ କିଛି ସଂଖ୍ୟକ ଅଧିକାରୀ ନିହତ ହୋଇଥିଲେ। କିନ୍ତୁ ଏହାର ପରବର୍ତ୍ତୀ ଅବସ୍ଥାରେ ଇସ୍ରାଏଲ ଯେତେବେଳେ ଇରାନ୍ ଆଡ଼କୁ ଲକ୍ଷ୍ୟ କରି ଏକ ସାମରିକ ରାଡାର ସ୍ଥାପନ କଲା, ସେତେବେଳେ ରଇସି ଉତ୍ତେଜନାକୁ ଚାପି ଦେବାକୁ ଉଚିତ ମନେ କରିଥିବା ଲକ୍ଷ୍ୟ କରା ଯାଇଥିଲା। ଆୟାତୋଲ୍ଲାଙ୍କ ସମର୍ଥନରେ ରଇସି ଏକ ଉଚ୍ଚାକାଂକ୍ଷୀ ଆଣବିକ ଶକ୍ତି ଭାବରେ ଇରାନ୍‌କୁ ଉପସ୍ଥାପିତ କରି ଶତ୍ରୁମାନଙ୍କ ଆକ୍ରମଣକୁ ନିରୁତ୍ସାହିତ କରିବା ସଙ୍ଗେ ସଙ୍ଗେ ଏହାକୁ ମିତ୍ରତା ଓ ଶତ୍ରୁତାର ଖେଳ ଖେଳିବା ପାଇଁ ଏକ ସକ୍ରିୟ ଖେଳାଳି ଭାବରେ ସମଗ୍ର ବିଶ୍ୱରେ ପ୍ରଦର୍ଶିତ କରି ପାରିଥିଲେ । ଏଥିରେ ତେଣୁ ସନ୍ଦେହ ନାହିଁ ଯେ ଇରାକୁ ରଇସିଙ୍କ ନିଧନ ଦ୍ୱାରା ମିଳିଥିବା ଆଘାତରୁ ମୁକୁଳିବାକୁ ଡେର୍ ସମୟ ଲାଗିବ। ତେବେ ବର୍ତ୍ତମାନ ସମୟର ଭୂରାଜନୀତିକ ଉତ୍ତେଜନାପୂର୍ଣ୍ଣ ସମୟରେ ରଇସିଙ୍କ ମୃତ୍ୟୁ ମଧ୍ୟ ଷଡ଼ଯନ୍ତ୍ର ତତ୍ତ୍ୱକୁ ପ୍ରୋତ୍ସାହିତ କରିପାରେ, ଯାହା ଏହି ଅଞ୍ଚଳକୁ ଅଧିକ ପ୍ରଜ୍ୱଳିତ କରିବାର ସମ୍ଭାବନା ଅଧିକ। ତେଣୁ ହେଲିକପ୍ଟର ଦୁର୍ଘଟଣାର କାରଣ ସମ୍ପର୍କରେ ଜାଣିବା ନିମନ୍ତେ ଇରାନ୍ ଏହାର ପୁଙ୍ଖାନୁପୁଙ୍ଖ ତଦନ୍ତ କରିବାର ଅପରିହାର୍ଯ୍ୟତା ରହିଛି। ସେହିପରି ଏହି ରାଷ୍ଟ୍ର ପାଇଁ ଅନ୍ୟ ଏକ ପ୍ରାଥମିକତା ହେଉଛି ରାଷ୍ଟ୍ରପତି ପଦ ସୁରୁଖୁରୁରେ ହସ୍ତାନ୍ତରିତ ହେବା। ରଇସିଙ୍କ ସ୍ଥାନରେ ଜଣେ ଉତ୍ତମ ରାଷ୍ଟ୍ରପତି ହିଁ କେବଳ ଇରାନ୍‌କୁ ତା'ର ମିତ୍ର ରାଷ୍ଟ୍ର ଚୀନ୍ ଏବଂ ରୁଷିଆ ସହିତ ସୁସମ୍ପର୍କ ବଜାୟ ରଖିବାରେ ସାହାଯ୍ୟ କରିବା ସହିତ ଭାରତ ତଥା ଅନ୍ୟାନ୍ୟ ରାଷ୍ଟ୍ରମାନଙ୍କ ସଙ୍ଗେ ବାଣିଜ୍ୟିକ କାରବାର ପୂର୍ବବତ୍ ଚଳାଇ ରଖିବାରେ ସହାୟକ ହୋଇ ପାରିବେ। ରଇସିଙ୍କ ରୂପରେ ଇରାନ୍ ଯାହା ହରାଇଛି, ତାହା ହେଉଛି ଜଣେ ପୋଖତ କୂଟନୀତିଜ୍ଞଙ୍କୁ, ଯିଏକି ୪୫ ବର୍ଷ ତଳେ ଇରାନ୍‌ର ଶାହଙ୍କୁ ବିତାଡ଼ିତ କରିଥିବା ଏକ ବିପ୍ଳବ ପରଠାରୁ ଏହି ରାଷ୍ଟ୍ରର ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ କଠୋର ହସ୍ତରେ ସବୁକିଛିକୁ ଶୃଙ୍ଖଳିତ ଭାବରେ ସମାପନ କରି ପାରୁଥିଲେ। ତେଣୁ ରଇସିଙ୍କ ନିଧନ ଇରାନ୍ ପାଇଁ ଅବଶ୍ୟ ସବୁଠୁ ବଡ଼ ଅପୂରଣୀୟ କ୍ଷତି।

## ଶ୍ରୀକ୍ଷେତ୍ରରେ ଚନ୍ଦନ ଯାତ୍ରା



### ସୁଷମା ପରିଜା

ଅନନ୍ତ କୋଟି ବ୍ରହ୍ମାଣ୍ଡ ନାୟକ କୋଟି କୋଟି ଓଡିଆଙ୍କ ମଉଡମଣି ଶ୍ରୀଜଗନ୍ନାଥ କଳିଯୁଗରେ ଶ୍ରୀକ୍ଷେତ୍ରରେ ଅବତୀର୍ଣ୍ଣ ହୋଇଛନ୍ତି ନିଜର ମାନବୀୟ ଲୀଳା ପ୍ରଦର୍ଶନ କରିବା ପାଇଁ। ସାଧାରଣ ସଂସାରୀ ମଣିଷ ଟିଏ ଭଳି ତାଙ୍କର ଦିନ ଚର୍ଯ୍ୟା, ତାଙ୍କର ଆବେଗ ଅନବୋଗ, ତାଙ୍କର ଆମୋଦପ୍ରମୋଦ ଏବଂ ତାଙ୍କର ଆନନ୍ଦ ଉତ୍ସବ ପାଳନ କରନ୍ତି ସେ ଶ୍ରୀକ୍ଷେତ୍ର ଧାମରେ। ବର୍ଷର ବାର ମାସରେ ତାଙ୍କର ତେର ଯାତ୍ରାର ବର୍ଣ୍ଣାଢ଼୍ୟ ଉତ୍ସବ ପାଳିତ ହୋଇଥାଏ ମହା ସମାରୋହରେ। ସେହି ତେର ଯାତ୍ରା ମଧ୍ୟରୁ ସବୁଠାରୁ ପ୍ରଲମ୍ବିତ ଯାତ୍ରା ଟି ହେଉଛି "ଚନ୍ଦନ ଯାତ୍ରା" । ଏହା ବୈଶାଖ ମାସ ଶୁକ୍ଳପକ୍ଷ ତୃତୀୟା (ଅକ୍ଷୟ ତୃତୀୟା) ଠାରୁ ଆରମ୍ଭ ହୋଇ ଜ୍ୟେଷ୍ଠ ମାସ ଶୁକ୍ଳ ଚତୁର୍ଦ୍ଦଶୀ ପର୍ଯ୍ୟନ୍ତ ଦୀର୍ଘ ବୟାଳିଶ ଦିନ ଧରି ପାଳନ କରାଯାଇଥାଏ। ଗ୍ରୀଷ୍ମ ଋତୁର ପ୍ରଚଣ୍ଡ ରୌଦ୍ରତାପ ଅସହ୍ୟ ହେବାରୁ ପ୍ରଭୁ ଶୀତଳତା ଖୋଜନ୍ତି। ସେବକମାନେ ମହାପ୍ରଭୁଙ୍କ ଶ୍ରୀଅଙ୍ଗରେ ପ୍ରତ୍ୟହ ଚନ୍ଦନ ଲେପି ତାଙ୍କୁ ଶୀତଳତା ପ୍ରଦାନ କରିବା ନିମନ୍ତେ ପ୍ରୟାସ କରିଥାନ୍ତି। ତଥାପି ପ୍ରଭୁଙ୍କ ଦେହ ମନ ଶାନ୍ତ ହୁଏ ନାହିଁ। ଏହି ଗ୍ରୀଷ୍ମ ସମୟରେ ମହାପ୍ରଭୁ ନିତ୍ୟ ପରିଧାନ କରୁଥିବା ପାଟବସ୍ତ୍ର ପରିବର୍ତ୍ତେ ବଇରାଣୀ ସୂତା ଲୁଗା ପରିଧାନ କରନ୍ତି। ଚଉସରି ଅଳକା ଏବଂ ଗଭା ଚୂଳ ଲାଗି ହୋଇଥାନ୍ତି। ଚନ୍ଦନ ଯାତ୍ରା ଅବସର ରେ ମହାପ୍ରଭୁ ଙ୍କର ଚଳନ୍ତି ପ୍ରତିମା ରାମକୃଷ୍ଣ, ମଦନମୋହନ, ଭୂଦେବୀ ଶ୍ରୀଦେବୀଙ୍କୁ ସାଥିରେ ନେଇ ମଣିବମାନ ଆରୋହଣ କରି ମହାସମାରୋହରେ ବାହାରି ଆସନ୍ତି ପରମ ପାବନ ନରେନ୍ଦ୍ର ପୁଷ୍କରିଣୀର ଚନ୍ଦନ ଚକଡା ରେ ଚନ୍ଦନ ଚର୍ଚ୍ଚିତ ହୋଇ ନନ୍ଦା ଭଦ୍ରା ନାବରେ ଚାପ ଖେଳି ଶୀତଳତା ଆହରଣ କରିବାକୁ। ଯେମିତି ସଉକିଆ ଆମ ମହାପ୍ରଭୁ ସେମିତି ସଉକିଆ ତାଙ୍କର ଯାତ୍ରା ପର୍ବ।

ଅକ୍ଷୟ ତୃତୀୟା ଶ୍ରୀକ୍ଷେତ୍ରର ଏକ ପ୍ରମୁଖ ଉତ୍ସବ। ଏହି ଦିନରେ ମହାପ୍ରଭୁ ଙ୍କର ଘୋଷ ଯାତ୍ରା ପାଇଁ ରଥକାଠ ଅନୁକୂଳ ହୋଇଥାଏ। ବଡ ଦେଉଳରେ ଅକ୍ଷୟ ତୃତୀୟା ଦିନ ମଧ୍ୟାହ୍ନ ଧୂପ ସରିଲା ପରେ ତିନି ବଡ଼ପଣ୍ଡା ମହାପ୍ରଭୁଙ୍କର ଆଜ୍ଞାମାଳ ନେଇ ଘଣ୍ଟ ଘଣ୍ଟା ଶଙ୍ଖ ହୁଳହୁଳି ମଧ୍ୟରେ ଅନ୍ୟ ସେବକ ମାନଙ୍କ ଗହଣରେ ବଡଦାଣ୍ଡରେ ଥିବା ରଥଖଳାରେ ପହଞ୍ଚି ଥାଆନ୍ତି। ସେଠାରେ ଉପସ୍ଥିତ ଥିବା ତିନି ରଥର ମୁଖ୍ୟ ବଢେଇ ସେବକଙ୍କୁ ଶାଢ଼ୀ ବନ୍ଧାଯାଏ ଏବଂ ତିନି ଖଣ୍ଡ ଶୁଦ୍ଧ ପୂତ ହୋଇଥିବା ଧଉରା କାଠରେ ଆଜ୍ଞାମାଳ ଦେଇ ପୂଜାର୍ଚ୍ଚନା କରାଯିବା ପରେ ମହାକାଳୀ ମନ୍ତ୍ର ରେ ଅଭିମନ୍ତ୍ରିତ ହୋଇଥିବା ସୁନା କୁରାଢିରେ ସେହି ମୁଖ୍ୟ ମହାରଣା ସେବକ ମାନଙ୍କ ଦ୍ୱାରା ରଥକାଠ ଅନୁକୂଳ ହୋଇଥାଏ। କୁହାଯାଏ ଯେ ରଥ ଅନୁକୂଳ ମଧ୍ୟ ନବକଳେବର ସମୟରେ ହେଉଥିବା ବନଯାଗ ଭଳି ବିଧିବିଧାନରେ ସମ୍ପନ୍ନ କରାଯାଇଥାଏ। ଏହାସହ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ। ରଥ ଅନୁକୂଳ ସାରି ମନ୍ଦିରକୁ ଫେରିବା ପରେ ଆରମ୍ଭ ହୋଇଥାଏ ଚନ୍ଦନ ଯାତ୍ରାର ପ୍ରାଥମିକ କାର୍ଯ୍ୟ।

ସ୍କନ୍ଦ ପୁରାଣ, ନିଳାଦ୍ରୀ ମହୋଦୟ, ବାମନ ସଂହିତାରେ ଏହି ଉତ୍ସବର ବର୍ଣ୍ଣନା ରହିଛି। ଘଟୁଆରୀ ସେବକମାନଙ୍କ ଦ୍ୱାରା ପ୍ରସ୍ତୁତ ଘୋରା ଚନ୍ଦନ ଭୋଗମଣ୍ଡପ ସେପଟ ଘରେ ଅଧିବାସ ହୋଇ ରହିଥାଏ। ଗୋରା ଚନ୍ଦନ ପୁର୍ଣ୍ଣ ପାତ୍ରକୁ ଧରି ସେବକମାନେ ଶ୍ରୀମନ୍ଦିରକୁ ତିନିଥର ପରିକ୍ରମା କରିବା ପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଶ୍ରୀ ଅଙ୍ଗ ରେ ଚନ୍ଦନ ଲେପନ ହୋଇଥାଏ। ସେଥିପାଇଁ ଅନେକ ଏହାକୁ "ଗନ୍ଧ ଲେପନ ପର୍ବ" ବୋଲି କହିଥାନ୍ତି। ସେବକମାନେ ଚଳନ୍ତି ପ୍ରତିମା ମାନଙ୍କୁ ରତ୍ନସିଂହାସନ ଉପରୁ ଆଣି ରାମକୃଷ୍ଣଙ୍କୁ ଏକ ସୁସଜ୍ଜିତ ପାଲିଙ୍କି ରେ ଏବଂ, ମଦନମୋହନ, ଭୂଦେବୀ, ଶ୍ରୀଦେବୀଙ୍କୁ ମଣିବିମାନରେ ବସାଇ ବାଇଶି ପାହାଚ ବାଟଦେଇ ଆସନ୍ତି ରଥଖଳାକୁ । ସେଠାରେ ଠାକୁରମାନଙ୍କ ଉପସ୍ଥିତି ରେ ରଥ ଅନୁକୂଳ ବିଧି ସମ୍ପନ୍ନ ହୋଇସାରିବା ପରେ ମଣି ବିମାନକୁ କାନ୍ଧରେ ବୋହି ବିମାନ ବଡୁ ସେବକମାନେ ପଟୁଆରରେ ନେଇ ବାହାରି ଯାଆନ୍ତି ନରେନ୍ଦ୍ର ପୁଷ୍କରିଣୀ ନିକଟକୁ। ଏହି ମଣି ବିମାନଟି ଶିଶୁ କାଠରେ ନିର୍ମିତ ଏବଂ ଏଥିରେ ରୂପା ଛାଉଣି ହୋଇ ହାତୀ ଦାନ୍ତ ର ଅନେକ କାରୁକାର୍ଯ୍ୟ ଯୁକ୍ତ।ଏହାର ଚାରୋଟି ବାହୁକୁ ତିନି ତିନି ଜଣ କରି ମୋଟ୍ ବାରଜଣଯୁବ ବିମାନବଡୁ ସେବକ କାନ୍ଧରେ ବୁହାଇ ନିଅନ୍ତି ୍ଡ ଦେଉଳରୁ ନରେନ୍ଦ୍ର ପୁଷ୍କରିଣୀ ପର୍ଯ୍ୟନ୍ତ। ରାମକୃଷ୍ଣଙ୍କ ସହିତ ଆସି ଯୋଗ ଦିଅନ୍ତି ପଞ୍ଚ ମହାଦେବ (ଶ୍ରୀକ୍ଷେତ୍ର ଭାଷାରେ ପଞ୍ଚୁ ପାଣ୍ଡବ) ଶ୍ରୀ ଜମ୍ବେଶ୍ୱର, ଶ୍ରୀ ଲୋକନାଥ, ଶ୍ରୀ ମାର୍କଣ୍ଡେଶ୍ୱର, ଶ୍ରୀ ନୀଳକଣ୍ଠେଶ୍ୱର ଏଂ ଶ୍ରୀ କପାଳମୋଚନ। ଛତ୍ର, ତ୍ରାସ, ଆଲଟ ଚାମର ସହ ବିଜେ କାହାଳୀ, ଶଙ୍ଖ ହୁଳହୁଳି ମୃଦଙ୍ଗ ଝାଞ୍ଜ ଘଣ୍ଟ ଧ୍ୱନିରେ କମ୍ପି ଯାଏ ଶ୍ରୀକ୍ଷେତ୍ରର କୋଣ ଅନୁକୋଣ।

ନରେନ୍ଦ୍ର ପୁଷ୍କରିଣୀରେ ଚନ୍ଦନ ଯାତ୍ରାର ପ୍ରସ୍ତୁତି ଆରମ୍ଭ ହୋଇଥାଏ ଚୈତ୍ର ପୂର୍ଣ୍ଣିମା ଦିନରୁ। ପ୍ରତିବର୍ଷ ନନ୍ଦା ଏବଂ ଭଦ୍ରା ନାମରେ ପରିଚିତ ଦୁଇଟି ବଡ ବଡ ଡଙ୍ଗାରେ ମହାପ୍ରଭୁ ଚାପ ଖେଳନ୍ତି ଏବଂ ବାହାର ଚନ୍ଦନ ଯାତ୍ରାର ଏକୋଇଶି ଦିନ ପରେ ସେଇ ଡଙ୍ଗା ଦୁଇଟିକୁ ଓଲଟାଇ ପୁଷ୍କରିଣୀର ବାଲିରେ ପୋତି ଦିଆଯାଏ। ପ୍ରତି ବର୍ଷ ଚୈତ୍ର ପୂର୍ଣ୍ଣିମା ଦିନ ଏହାକୁ ଢ଼ାଲିରୁ କଢ଼ା ଯାଇ ତାହାର ବିଧି ମୁତାବକ ସଂସ୍କାର କରାଯାଏ ଏବଂ ରଙ୍ଗ ଦିଆଯାଇଥାଏ। ଅକ୍ଷୟ ତୃତୀୟା ଦିନ ମଣି ବିମାନ ନରେନ୍ଦ୍ର ପୁଷ୍କରିଣୀ ରେ ପହଞ୍ଚିଲା ପୂର୍ବରୁ ଚନ୍ଦନ ଯାତ୍ରା ର ସକଳ ବନ୍ଦୋବସ୍ତ ହୋଇ ସାରିଥାଏ ସେଠାରେ। ଜଗନ୍ନାଥ ବଲ୍ଲଭ ମଠ ଦ୍ୱାରା ପ୍ରସ୍ତୁତ ହୋଇ ଆସିଥିବା ଚନ୍ଦନ କର୍ପୂର ଜାଇଫଳ ଯୁକ୍ତ ସୁଗନ୍ଧି ଜଳ ପ୍ରସାଦ ସଜ କରି ଦିଅଁ ମାନଙ୍କ ଆଗମନକୁ ଅପେକ୍ଷା କରି ବସିଥାନ୍ତି ଭିତରଛୁ ମହାପାତ୍ର।ମଣି ବିମାନ ଆଉ ପାଲିଙ୍କି ପହଞ୍ଚିଲା କ୍ଷଣି ପାଛୋଟି ନେଇ ଯାଆନ୍ତି ଚନ୍ଦନ ଚକଡାକୁ। ସେଠାରେ ଜଳପ୍ରସାଦ ଲାଗି ହେଲା ପରେ ଦିଅଁ ମାନେ ଦିନ ଚାପ ପାଇଁ ବାହାରନ୍ତି।

ନନ୍ଦା ଭଦ୍ରା ଦୁଇଟି ଯାକ ନାଆକୁ ଯୋଡି ତିଆରି ହୋଇଥାଏ ଚାପ। ନନ୍ଦା ବା ସୁନନ୍ଦା ନାମକ ନାବଟି ଲାଲ୍ ରଙ୍ଗର, ସେଥିରେ ବିଜେ କରନ୍ତି ମଦନମୋହନ, ଭୂଦେବୀ, ଶ୍ରୀଦେବୀ। ଭଦ୍ରା ବା ବୈରାଟିକା ନାମକ ନାବ ଟି ଧଳା ରଙ୍ଗର, ସେଥିରେ ବିଜେ କରନ୍ତି ରାମକୃଷ୍ଣ ଏବଂ ପଞ୍ଚ ମହାଦେବ। ଦିଅଁ ମାନଙ୍କ ସହିତ ପଣ୍ଡା ମାନେ ବସିଲା ପରେ ଆରମ୍ଭ ହୁଏ ଚାପ ଖେଳ।ମଝିରେ ମଝିରେ ଦିଅଁ ମାନଙ୍କୁ ଭୋଗ, ବିଡିଆ ଲାଗି ହେଉଥାଏ।

ସୁନନ୍ଦା ଏବଂ ବୈରାଟିକା ନାବ ଦୁଇଟିର ଅଗ୍ରଭାଗରେ ଯୋଡି ହୋଇ ଥାଆନ୍ତି ଦୁଇଟି ସୋଲରେ ତିଆରି ବଡ ବଡ ହଂସ। ହଂସ ଦୁଇଟି ସୁନ୍ଦର ଭାବରେ ଜରି ଫୁଲରେ ସୁସଜ୍ଜିତ ହୋଇଥାନ୍ତି, ଦେଖିଲେ ଲାଗେ ସେ ଯେମିତି ହଂସ ଦୁଇଟି ଚାପ ଡଙ୍ଗାକୁ ସେମାନଙ୍କ ଥଣ୍ଟରେ ଭିଡି ନେଉଛନ୍ତି। ଏମାନଙ୍କ ଆଗେ ଆଗେ ବାଟ କଢାଇ ଚାଲୁଥାଏ ଅନ୍ୟ ଏକ ଡଙ୍ଗା। ତା'ର ନାମ ବୈଜୟନ୍ତୀ। ସେଥିରେ ଥାଆନ୍ତି ବଡ ଦେଉଳର ବଜନ୍ତ୍ରୀ (ବାଜା ବଜାଇବା) ସେବକ, ଯେଉଁ ମାନେ ଝାଞ୍ଜ ଖୋଳ କରତାଳ କାହାଳୀ ବଜାଇ ଚାପ ଖେଳୁ ଥିବା ଦିଅଁ ମାନଙ୍କର ମନୋରଞ୍ଜନ କରୁଥାନ୍ତି। ଚାପ ନରେନ୍ଦ୍ର ପୁଷ୍କରିଣୀର ଅଗ୍ନି କୋଣରୁ ଆରମ୍ଭ ହୋଇ ଐଶାନ୍ୟ କୋଣ ପର୍ଯ୍ୟନ୍ତ ଯାତ୍ରା କରନ୍ତି। ଦିନ ଚାପ ମାତ୍ର ଗୋଟିଏ ଘେରା ହୋଇଥାଏ। ତା'ପରେ ଦିଅଁ ମାନେ ଚନ୍ଦନ ଚକଡାକୁ ଫେରି ଆସନ୍ତି। ସେଠାରେ ଚନ୍ଦନ କୁଣ୍ଡରେ ଚନ୍ଦନ ଲେପନ ହେବା ସହିତ ଆଡ଼ପ ନାୟକଙ୍କ ଦ୍ୱାରା ପ୍ରସ୍ତୁତ ଛେନା ମାଣ୍ଡୁଅ ଏବଂ ପଟ ରସାବଳି ଭୋଗ ଲାଗି ହୁଅନ୍ତି। ନାନାଦି ପୁଷ୍ପ ଅଳଙ୍କାରରେ ବେଶ ପଟା ହୋଇ ପ୍ରସ୍ତୁତ ହୁଅନ୍ତି ପୁନର୍ବାର ନରେନ୍ଦ୍ର ପୁଷ୍କରିଣୀରେ ରାତି ଚାପ ଖେଳ ପାଇଁ। ସାନ୍ଧ୍ୟ କାଳୀନ ଶାନ୍ତ ସ୍ନିଗ୍ଧ ପରିବେଶରେ ଦିଅଁ ମାନଙ୍କ ସେ ଚାପ ଖେଳ ଅତୀବ ମନୋହର। ରାତି ଚାପ ଖେଳରେ ଦିଅଁ ମାନେ ତିନି ଘେରା ପରିକ୍ରମା କରିଥାନ୍ତି। ଚାପ ଖେଳ ସାରି ପ୍ରତିଦିନ ଫେରିଯାଆନ୍ତି ବଡ ଦେଉଳକୁ। ସିଂହଦ୍ୱାରରେ ରାମକୃଷ୍ଣଙ୍କୁ ପାଲିଙ୍କିରୁ ଓହ୍ଲାଇ ସେବକମାନେ କୋଳ କରି ବାଇଶି ପାହାଚ ଦେଇ ଦେଉଳକୁ ଦିହୁଡି ଆଲୁଅ ଦେଖାଇ ନେଇଥାନ୍ତି, ସେହି ସମୟରେ ବାଇଶି ପାହାଚରେ ସେବକ ମାନଙ୍କ ବ୍ୟତୀତ ଅନ୍ୟ କୌଣସି ଭକ୍ତମାନଙ୍କୁ ପ୍ରବେଶ ନିଷେଧ ଥାଏ। ରାମକୃଷ୍ଣ ବାଇଶି ପାହାଚରେ ଆଖିରୁ ଅଦୃଶ୍ୟ ହେଲା ପରେ ପଞ୍ଚ ମହାଦେବ ବାହୁଡନ୍ତି ଆପଣା ଆପଣା ସ୍ଥାନ କୁ।ସିଂହଦ୍ୱାର ଦେଇ ବାଇଶି ପାହଚରେ ମଦନମୋହନ ଭୂଦେବୀ ଶ୍ରୀଦେବୀଙ୍କୁ ସେମିତି କାନ୍ଧରେ ଗ୍ରହି ନିଅନ୍ତି ବିମାନ ବଡୁ ସେବକମାନେ ମଣି ବିମାନରେ। ସେଠାରେ ସେମାନଙ୍କୁ ଯଥାସ୍ଥାନରେ ରଖି ପହୁଡ କରନ୍ତି।

ଏହିପରି ଏକୋଇଶି ଦିନ ବ୍ୟାପୀ ବାହାର ଚନ୍ଦନ ଯାତ୍ରା ହୋଇଥାଏ। ତହିଁରୁ କୋଡ଼ିଏ ତମ ଦିବସରେ ଚାପ ଭଉଁରୀ ଖେଳନ୍ତି, ପ୍ରତ୍ୟେକ କୋଣରେ ସାତ ଘେରା ଭଉଁରୀ କାଟି କାଟି ପୁରା ପୁଷ୍କରିଣୀକୁ ପରିକ୍ରମା କରିଥାନ୍ତି। ଏକୋଇଶି ତମ ଦିନ ରେ ଚାପ ଖେଳ ସରିବା ପରେ ଦିଅଁ ମାନେ ହଳଦୀ ପାଣି ରେ ଗାଧୋଇ ପୁନଶ୍ଚ ବେଶଲାଗି ହୋଇ ବଡ ଦେଉଳକୁ ପ୍ରତ୍ୟାବର୍ତ୍ତନ କରିଥାନ୍ତି।

ତହିଁ ଆର ଦିନ ଠାରୁ ବଡ ଦେଉଳରେ ଆରମ୍ଭ ହୋଇଥାଏ ଭିତର ଚନ୍ଦନଯାତ୍ରା। ଏକୋଇଶି ଦିନ ବ୍ୟାପୀ ଜଳକ୍ରୀଡା ମଣ୍ଡପରେ ଦିଅଁ ମାନେ ବିଜେ କରି ଚନ୍ଦନ କୁଣ୍ଡରେ ଜଳକ୍ରୀଡ଼ା କରିଥାନ୍ତି । ଏମିତି ଲୀଳା ଖେଳା ମଧ୍ୟରେ ବିତି ଯାଏଁ ଜଳକ୍ରୀଡା ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ, ରୁକ୍ମିଣୀ ହରଣ ଇତ୍ୟାଦି ଉତ୍ସବ। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଏହି ବୟାଳିଶି ଦିନ ବ୍ୟାପୀ ମାନବୀୟ ଲୀଳା ଦର୍ଶନ କରି ମଣିଷ ତ' ଛାର, ଦେବତା ମାନେ ମଧ୍ୟ କୃତ୍ୟ କୃତ୍ୟ ହୋଇଥାନ୍ତି। ଶାସ୍ତ୍ର କହେ...

"ଦୋଳାୟା ଦୋଳଗୋବିନ୍ଦଂ
ଚାପେଷୁ ମଧୁସୂଦନଂ
ରଥେତୁ ବାମନଂ ଦୃଷ୍ଟ୍ୱା। ପୁନର୍ଜନ୍ମ
ନବିଦ୍ୟତେ ।।

ଅର୍ଥାତ୍ ଦୋଳରେ ଦୋଳଗୋବିନ୍ଦଙ୍କୁ, ଚାପ ଖେଳ ସମୟରେ ମଧୁସୂଦନଙ୍କୁ, ରଥ ଉପରେ କଳାବାମନଙ୍କୁ ଦର୍ଶନ କଲେ ମଣିଷ ର ପୁନର୍ଜନ୍ମ ହୁଏ ନାହିଁ, ସେ ମୋକ୍ଷ ପ୍ରାପ୍ତ ହୋଇ ଈଶ୍ୱରଙ୍କ ଚରଣରେ ଲୀନ ହୋଇଯାଏ ।। ଜୟ ଜଗନ୍ନାଥ !!


ଶାରଳା ଭବନ, ପୋତା ପୋଖରୀ,କଟକ-୪


## କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ : ତଥାଗତ ବୁଦ୍ଧ



### ଡ଼ଃ.ଅରୁନ୍ଧତୀ ଦେବୀ



ପୂଣ୍ୟଭୂମି ଭାରତ ବର୍ଷରେ ଜ୍ଞାନ, କର୍ମ ଓ ଭକ୍ତିର ଉଜ୍ଜ୍ୱଳ ବର୍ତ୍ତିକା ଧରି ତଥାଗତ ବୁଦ୍ଧ ଖ୍ରୀଷ୍ଟପୂର୍ବ ୬୨୩ରେ ଆବିର୍ଭୂତ ହୋଇଥିଲେ । କପିଳବାସ୍ତୁର ରାଜସିଂହାସନ, ପିତା ରାଜା ଶୁଦ୍ଧୋଦନଙ୍କର ସକଳ ଆୟୋଜନ, ସ୍ତ୍ରୀ ଯଶୋଧାରା ଓ ସଦ୍ୟଜାତ ପୁତ୍ର ରାହୁଳର ଆକର୍ଷଣ, ନଭଶ୍ଚୁମ୍ବୀ ପ୍ରାସାଦ ଓ ରାଜପୁତ୍ରର ସମସ୍ତ ସୌଭାଗ୍ୟକୁ ତୁଚ୍ଛ କରି ସେ ଯୌବନାବସ୍ଥାରେ ଗୃହତ୍ୟାଗ କରିଥିଲେ । ଗୈରିକ ବସ୍ତ୍ର ପରିଧାନ କରି, ଲଣ୍ଡିତ ମସ୍ତକ ଗୌତମ ରାଜଗୃହ, ଉରୁବେଳା, ରୁଦ୍ରକ ଆଶ୍ରମ, ଗୟାଶୀର୍ଷ ପର୍ବତ ନିକଟସ୍ଥ ନିରଞ୍ଜନା ନଦୀ କୂଳରେ ଥିବା ଉରବିଲ୍ୱ ଆଦି ସ୍ଥାନରେ କଠୋର ତପସ୍ୟା କରି ବୁଦ୍ଧତ୍ୱ ପ୍ରାପ୍ତି ହୋଇଥିଲେ। ତାଙ୍କର ସରଳ ସୁମଧୁର ଓ କଲ୍ୟାଣପ୍ରଦ ଉପଦେଶ ଅନେକଙ୍କୁ ସୁସଂଯତ ଓ ସୁପରିବର୍ତ୍ତିତ କରିଥିଲା । ତାଙ୍କର ପ୍ରଥମ ଉପଦେଶ 'ଧର୍ମଚକ୍ର ପ୍ରବର୍ତ୍ତନଂ' ନାମରେ ଖ୍ୟାତ । ଯେଉଁଠାରେ ସେ ପ୍ରଥମେ ଧର୍ମଚକ୍ର ପ୍ରବର୍ତ୍ତନ କରିଥିଲେ, ତାହାର ବର୍ତ୍ତମାନ ନାମ ସାରନାଥ ।

ବାସ୍ତବରେ ତଥାଗତ ବୁଦ୍ଧ ଥିଲେ କରୁଣା ଓ ପ୍ରଶାନ୍ତିର ମୂର୍ତ୍ତିମନ୍ତ ପ୍ରତୀକ । ତାଙ୍କ ବାଣୀରେ ସେ 'ଜୀବ ମାତ୍ରେ ଦୟା' ପ୍ରଦର୍ଶନ ଉପରେ ଗୁରୁତ୍ୱ ଆରୋପ କରିଥିଲେ । ତଥାଗତଙ୍କ ଶିଷ୍ୟ ଉପଗୁପ୍ତଙ୍କ ଠାରୁ ବୁଦ୍ଧଙ୍କର ଶାନ୍ତିବାଣୀ ଶୁଣି ମହାପରାକ୍ରମୀ ଚଣ୍ଡାଶୋକ ଯେ ଉତ୍କଳର ଦୟାନଦୀକୁ ଯୁଦ୍ଧରେ ରକ୍ତ ରଞ୍ଜିତ କରିଥିଲେ, ସେ ପରିବର୍ତ୍ତିତ ହୋଇ ଦେବାନାଂ ପ୍ରିୟ, ପ୍ରିୟଦର୍ଶୀ ଧର୍ମାଶୋକରେ ପରିଣତ ହୋଇଥିଲେ ଏବଂ ଲୋକ କଲ୍ୟାଣ କାର୍ଯ୍ୟରେ ଜୀବନର ଅବଶିଷ୍ଟ ସମୟ ଅତିବାହିତ କରିଥିଲେ । ପୁନଶ୍ଚ ବୁଦ୍ଧଙ୍କ ସମୟରେ ଅଙ୍ଗୁଳିମାଳା ସମସ୍ତ ଲୋକଙ୍କୁ ହତ୍ୟା କରିବାର ଏକ ପ୍ରତିଜ୍ଞା ନେଇ ଜଙ୍ଗଲ ପଥରେ ପ୍ରତିଦିନ ମଣିଷଙ୍କୁ ହତ୍ୟାକରି ଚାଲିଥିଲା । କେତେଜଣଙ୍କୁ ମାରିଲା, କିଛିଦିନ ପରେ ଭୁଲିଯିବାରୁ, ଏହାପରେ ଯେଉଁମାନଙ୍କୁ ହତ୍ୟା କଲା ତାଙ୍କର ଗୋଟିଏ ଗୋଟିଏ ଆଙ୍ଗୁଳି କାଟି ନିଜ ବେକରେ ହାର କରି ପିନ୍ଧିଲା ତା ଭୟରେ ଲୋକମାନେ ଏକାକୀ ନଯାଇ ୩୦/୪୦ଜଣ ଏକାଠି ହୋଇ ବନ୍ୟପଥରେ ଯାତ୍ରା କରୁଥିଲେ । ବୁଦ୍ଧଦେବ ଶ୍ରାବସ୍ତୀର ଜନତାଙ୍କ ମୁଖରୁ ଅଙ୍ଗୁଳିମାଳା କଥା ଶୁଣି ସେ ରହୁଥିବା ଜଙ୍ଗଲ ପଥରେ ସମସ୍ତଙ୍କ ବାରଣ ସତ୍ତ୍ୱେ ଏକାକୀ ଯାତ୍ରା କଲେ । ନିର୍ଭୟ ଚିତ୍ତରେ ଏକାକୀ ଜଣେ ଶ୍ରମଣ ଯାତ୍ରା କରୁଥିବା ଦେଖି ଅଙ୍ଗୁଳିମାଳା ତାଙ୍କ ପଶ୍ଚାତ୍‌ଧାବନ କଲା । କିନ୍ତୁ ସେ ଆଶ୍ଚର୍ଯ୍ୟ ହେଲା ଯେ ଏତେ କ୍ଷିପ୍ର ଗତିରେ ଚାଲିମଧ୍ୟ ସେ ବୁଦ୍ଧଙ୍କୁ ଧରିପାରୁନଥିଲା କ୍ଳାନ୍ତ ହୋଇ ଗୋଟିଏ ସ୍ଥାରେ ଛିଡ଼ା ହୋଇ ସେ ଉଚ୍ଚସ୍ୱରରେ କହିଲା - 'ସ୍ଥିର ହୁଅ ଶ୍ରମଣଂ' । ଉତ୍ତରରେ ବୁଦ୍ଧ କହିଲେ - 'ମୁଁ ସର୍ବଦା ସ୍ଥିର, ମାତ୍ର ଚଞ୍ଚଳତା ମଧ୍ୟରେ ତୁମେ ଗତି କରୁଅଛ । ଅତଏବ ତୁମେ ସ୍ଥିର ହୁଅ ।' ଅଙ୍ଗୁଳିମାଳା କହିଲେ - 'ଶ୍ରମଣ ! ତୁମେ ଗତି କରୁଅଛ ଏବଂ ମୁଁ ଏଠାରେ ଛିଡ଼ା ହୋଇଅଛି, ଏପରି ସ୍ଥଳେ ତୁମେ ସ୍ଥିର ଓ ମୁଁ ଅସ୍ଥିର ଏହା କିପରି କହୁଛ ? ବୁଦ୍ଧ ଦେବ କହିଲେ - 'ଯାହାର ଇନ୍ଦ୍ରିୟ ଶାନ୍ତ, ଯେ ହିଂସାରହିତ, ଯେ ଅନୁଦ୍‌ବିଗ୍ନ ଓ ଯାହାର ମତି ସଂସାର ପ୍ରତି ଅନାସକ୍ତ, ସେ ସର୍ବଦା ସ୍ଥିର । ମାତ୍ର ତୁମର ଇନ୍ଦ୍ରିୟ ଅଶାନ୍ତ, ତୁମେ ନରହତ୍ୟା ରୂପକ ହିଂସାରେ ଜଡ଼ିତ ତୁମର ମତି ସର୍ବଦା ଉଦ୍‌ବିଗ୍ନ । ଅତଏବ ତୁମେ ଅସ୍ଥିର।' ତଥାଗତ ବୁଦ୍ଧଙ୍କର ଏହି ବାଣୀ ଅଙ୍ଗୁଳିମାଳା ହୃଦୟରେ ଗଭୀର ଆଲୋଡ଼ନ ସୃଷ୍ଟି କଲା । ତାର ହୃଦୟ ବେଦନାରେ ଖଣ୍ଡ ବିଖଣ୍ଡିତ ହୋଇଗଲା। ନରହତ୍ୟା ରୂପି ପୂର୍ବାର୍ଜିତ ପାପପାଇଁ ତା' ନେତ୍ରରୁ ଅନୁତାପର ଅଶ୍ରୁ ଧାର ଧାର ହୋଇ ଝରିବାକୁ ଲାଗିଲା । ତଥାଗତ ତାଙ୍କୁ କରୁଣାପୂର୍ଣ୍ଣ ନେତ୍ରରେ ଚାହିଁ ସତେ ଯେପରି ଅମୃତର ଆହ୍ୱାନ ଦେଉଥିଲେ । ଅଙ୍ଗୁଳିମାଳା ସମସ୍ତ ଅସ୍ତ୍ରଶସ୍ତ୍ର ତ୍ୟାଗ କରି ବୁଦ୍ଧଦେବଙ୍କର ପାଦଦ୍ୱୟକୁ ଜାବୁଡ଼ି ଧରିଲା ଓ ନିଜ ଚକ୍ଷୁରୁ ନିର୍ଗତ ଅଶ୍ରୁଜଳରେ ତାଙ୍କ ପାଦ ପ୍ରକ୍ଷାଳନ କରି ଶରଣ ଭିକ୍ଷା କଲା। ତଥାଗତ ଅଙ୍ଗୁଳିମାଳାକୁ ଉଠାଇନେଇ ଅତି ସ୍ନେହରେ ଆଲିଙ୍ଗନ କଲେ । କରୁଣାମୟ ବୁଦ୍ଧଙ୍କର ଗଭୀର ମମତ୍ୱଭରା କରୁଣା ଓ ମାର୍ଗଦର୍ଶନ ଅଙ୍ଗୁଳିମାଳାକୁ କଷାୟ ବସ୍ତ୍ର ପରିହିତ ବୌଦ୍ଧଭିକ୍ଷୁରେ ରୂପାନ୍ତରିତ କଲା ଏବଂ ଅପର ପକ୍ଷରେ ତାକୁ ଅର୍ହତ ପଦର ଅଧିକାରୀ କରି ତା' ଜୀବନକୁ ଧନ୍ୟ କରିଦେଲା ।

ଯେଉଁ ଦେଶ ବୁଦ୍ଧଙ୍କ ତ୍ୟାଗରେ ମହିମାନ୍ୱିତ ଏବଂ ତାଙ୍କର ଜୀବେ ଦୟା ଭାବରେ ସିକ୍ତ, ସେହି ଦେଶରେ ଆଜି ହିଂସା, ପ୍ରତିହିଂସା ତା'ର ଅନେକ ଅଧିବାସୀଙ୍କର ହୃଦୟକୁ ନିଷ୍ଠୁର, ନିର୍ଦ୍ଦୟ ଓ ନିଷ୍କରୁଣାର ଖାଁ ଖାଁ ତପ୍ତ ମରୁବାଲିରେ ପରିଣତ କରିଛି । ବିଭତ୍ସତାରୂପୀ ଘୋର ବୈଶାଖୀର ରୁଦ୍ରତା ତା ହୃଦୟକୁ ଶ୍ମଶାନ ଓ ବଧଭୂମିର ଦାନବତାରେ କଦାକାର କରିଛି । କରୁଣାର ଅଶ୍ରୁ ଅବଲୁପ୍ତ ହୋଇଛି। ଯେଉଁଥିପାଇଁ ନିକଟରେ ଦାମନଯୋଡ଼ିରେ ଶାନ୍ତ ରାତ୍ରୀର ନୀରବତାକୁ ବିକ୍ଷୁବ୍ଧ କରି ଅତି ଅପ୍ରତ୍ୟାଶିତ ଭାବେ ହିଂସାର ରକ୍ତ ବହିଗଲା । ବମ୍ବେର ତାଜ୍, ଟ୍ରାଇଡେଣ୍ଟ ହୋଟେଲ୍, ନରିମାନ ହାଉସ୍, ଶିବାଜୀ ଟରମିନସ୍‌ରେ ନିଜ ଦୋଷ କ'ଣ ତାହା ଜାଣିବା ପୂର୍ବରୁ, କିଛି ଜୀବନ ଦୀପ ଆର୍ତ୍ତଚିତ୍କାରରେ ନିର୍ବାପିତ ହୋଇଗଲା । କେଉଁଠି ପଛପଟୁ ଗୁଳି ତ, ଦିଲ୍ଲୀ ସହର ପରି କେଉଁଠି ସିରିଜ୍ ବୋମା ବିସ୍ଫୋରଣ, ଅନ୍ୟ କେଉଁଠି ଗ୍ରେନେ୍ ମାଡ଼, ଆଉ କେଉଁଠି ଆତ୍ମଘାତୀ ବୋମା ବିସ୍ଫୋରଣରେ - ମାରିବି ମରିବିର ଭ୍ରାନ୍ତ ପ୍ରତିଜ୍ଞା ଆଜିର ସମାଜରେ ନୂଆ ନୂଆ ଅନେକ ଅଙ୍ଗୁଳିମାଳାଙ୍କ ଉପସ୍ଥିତିର ଅନୁଭବ ଦେଉଛି । 'ବସୁଧୈବ କୁଟୁମ୍ବକମ୍' । ଏ ପୃଥିବୀର ସମସ୍ତ ମଣିଷ ଆମର ଭାଇବନ୍ଧୁ କୁଟୁମ୍ବ । ତଥାଗତ ବୁଦ୍ଧଙ୍କର କରୁଣା ଭାବ ଏବଂ 'ଜୀବେ ଦୟା' ସମସ୍ତଙ୍କ ହୃଦୟକୁ ଅହିଂସକ କରି ବାସ୍ତବ ଶାନ୍ତି ଦେଉ । କେହି କାହାକୁ ହତ୍ୟା ନକରୁ । ଯେ କୌଣସି କାରଣ ପାଇଁ ହେଉ, ହତ୍ୟାକାରୀଟି ବାସ୍ତବରେ ଦୁଃଖି ମଣିଷଟିଏ । ଆଶାନ୍ତ ଆତ୍ମାଟିଏ । ସେ ଆମର ଆତ୍ମୀୟ । ତା'ହୃଦୟରେ କରୁଣାପ୍ରାଣ ବୁଦ୍ଧ ବି ହସି ଉଠିପାରିବେ । ଯାହାଦ୍ୱାରା ସେ ଶାନ୍ତି ଅନୁଭବ କରିବା ସହ, ତା' ଆଖିରୁ ପ୍ରେମର ଅଶ୍ରୁ ମଧ୍ୟ ନିର୍ଗତ ହୋଇପାରିବ - ଅନ୍ୟ ମଣିଷ ଆତ୍ମୀୟଟି ପାଇଁ । ଏଇଥିପାଇଁ ଖ୍ରୀଷ୍ଟପୂର୍ବ ୫୪୩ରେ କୁଶିନାରାର ପାବା ନାମକ ସ୍ଥାନରେ ବିସ୍ତୀର୍ଣ୍ଣ ଶାଳବଣ ମଧ୍ୟରେ ଅଶୀବର୍ଷ ବୟସରେ ବୈଶାଖ ପୂର୍ଣ୍ଣିମାର ଶାନ୍ତ ସ୍ନିଗ୍ଧ, ଜ୍ୟୋତ୍ସ୍ନାସ୍ନାତ ରାଜନୀରେ ନିର୍ବାଣ ପ୍ରାପ୍ତ ହୋଇ ଦେହ ତ୍ୟାଗ କରିଥିବା ପରମ କାରୁଣିକ କରୁଣାପ୍ରାଣ ତଥାଗତ ବୁଦ୍ଧ ଆଜି ଆମ୍ଭମାନଙ୍କର ପରମ ବନ୍ଦନୀୟ ଓ ଅନୁସରଣୀୟ । ଏକ ସ୍ନେହ ଶାନ୍ତିଭରା ଶୋଭନୀୟ ପୃଥିବୀ ପାଇଁ ପୂଜ୍ୟ ଶ୍ରୀକୁମାର ଭାଇଙ୍କ ସେହି ପଙ୍କ୍ତି ପ୍ରଣିଧାନଯୋଗ୍ୟ - ରାତ୍ରି ପାହିଛି, ପ୍ରଭାତ ହୋଇଛି ଆସରେ ଆସରେ ଭାଇ, ଦ୍ୱାରଦ୍ୱାର ବୁଲି ବୁଦ୍ଧଙ୍କ ବାଣୀ ଶୁଣାଇବା ଆମେ ଗାଇ ଭିକ୍ଷା ଚାହିଁବା ମାନବ ହୃଦୟ ସମାଜର ହିତ ପାଇଁ, ମାନବିକତାର ଜାଗରଣ ହେବ ଭ୍ରାନ୍ତି ରହିବ ନାହିଁ । ଲୋଭ ଓ ଗର୍ବ ହିଂସା ଛାଡ଼ିବ ମାନବ ଜୀବନକୁ ତା'ର ପ୍ରତି ହୃଦୟରୁ ଝରିବ ଝରଣା ସ୍ନେହ କ୍ଷମା କରୁଣାର ସ୍ନେହ କ୍ଷମା କରୁଣାର... । ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।


ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ,
ମୋ: ୯୯୩୭୧୭୨୮୧୦





## ବୁଦ୍ଧ ଜୟନ୍ତୀ

### ଧନୁର୍ଯ୍ୟ ମାଝୀ



ବୌଦ୍ଧ ପାଞ୍ଜିରେ ବୁଦ୍ଧ ପୂର୍ଣ୍ଣିମା
ବୈଶାଖ ପୂର୍ଣ୍ଣିମା ଦିନ
ଗୌତମ ବୁଦ୍ଧ ଜନ୍ମ ହୋଇଥିଲେ
ଏହି ପବିତ୍ର ପୂର୍ଣ୍ଣିମା ଦିନ ।
ଏସିଆର ଆଲୋକ ବୁଦ୍ଧ ପରିଚିତ
ବୌଦ୍ଧ ଧର୍ମ ପ୍ରଚାରକ
ଯୁଗ ଯୁଗ ପାଇଁ ଦେବତା ସାଜିଲେ
ଆଜି ଆମ ପାଇଁ ହେଲେ ପୂଜକ ।
ହିନ୍ଦୁ ଧର୍ମ ଲୋକେ ବୁଦ୍ଧ ଦେବଙ୍କୁ
ବିଷ୍ଣୁଙ୍କର ନବମ ଅବତାର ବୋଲି
ମାନୁଥିଲେ
ଅଷ୍ଟାଙ୍ଗ ମାର୍ଗ ପ୍ରବର୍ତ୍ତନ କରି
ଜାତି ପ୍ରଥା ଓ ବଳି ପ୍ରଥାକୁ,
ଜୋରରେ ବିରୋଧ କରୁଥିଲେ ।
ସତ୍ୟ ସନ୍ଧାନର ଲକ୍ଷ୍ୟ ପୂରଣ ପାଇଁ
ଗୃହ ତ୍ୟାଗ କରିଥିଲେ
ନିରଞ୍ଜନା ନଦୀ ବୁଦ୍ଧଗୟା ଠାରେ
ବୁଦ୍ଧତ୍ୱ ଲାଭ କରିଥିଲେ ।
ଆଜିବି ଖୋଜୁଛି ସେହି ମଣିଷକୁ
ଇତିହାସ କହେ ସେହି କାହାଣୀ
ଜୀବନ ଗଢିବା ସରସ ସୁନ୍ଦର
ସେହି ବୁଦ୍ଧ ଦେବଙ୍କର ନୀତିବାଣୀ ।


ଗ୍ରାମ -ବଣ୍ଡୋଗୁଡା,
ଜୁନାଗଡ଼(କଳାହାଣ୍ଡି )
ମୋ -୭୭୩୫୧୫୯୨୩୫


## ଝାଞ୍ଜି ମାଡ଼

### କୁନା ସେଠୀ



ଉତ୍ତପ୍ତ ଧରଣୀ ଝାଞ୍ଜି ମାଡରେ
ହରାଇଛି ନିଜ କାନ୍ତି
ଅସହ୍ୟ ହେଉଛି ଉଷ୍ମତା ଏବେ
ହଜିଛି ଶୀତଳ ଶାନ୍ତି ।

କଳବଳ ହୁଏ ଜୀବନ ପ୍ରଦୀପ
ଅଗ୍ନି ହୁଏ ଖାଲି ବାନ୍ତି
ଅସନ୍ତୋଷ ନିଜ ଝାଡଇ ତପନ
ପ୍ରାଣୀ ପ୍ରାଣ ଛାଡି ଥାନ୍ତି ।

ଝାଞ୍ଜି ଝଡରେ ସ୍ୱେଦବାରୀ ଝରି
ତନୁ ହୁଏ ଶିରିହୀନ
ଦିବସ ବେଳାରେ ନିଦାଘର ରଡି
ଥରାଇ ଦିଅଇ ମନ ।

ଗୃହ ବାସ ହୁଏ ନିଶେଷ ପ୍ରାୟେକ
ଶୀତଳ ତା ଖୋଜେ ମନ
ଶୀତଳ ଯନ୍ତ୍ର ଯେ ଶିତଳତା ଦିଏ
ନହେଲେ ବୃକ୍ଷର ସ୍ଥାନ ।

ଝାଞ୍ଜି ମାଡରେ ବଦଳଇ ପାଗ
ରାସ୍ତା ହୁଏ ଶିରିହୀନ
ଅଥୟ ହୁଅଇ ଦେହ, ମନ, ପ୍ରାଣ
ଛଟପଟ ହୁଏ ଜନ ।

ଜଳଭାଗ ଯେତେ ବଦଳାଇ ରୂପ
ଧରେ ଭୟଙ୍କର ରୂପ
ତତଲା କରେଇ ଭିତରେ ପଶି ସେ
କରିଅଛି ଅବା କୋପ ।

ଝାଞ୍ଜି ମାଡରେ ମାଟିର ମଣିଷ
ହରାଇ ନିଜର କର୍ମ
ବସିରହେ ପୁରେ ରହି ନିଜେ ଦୂରେ
ଭାବି ଦେଇ ନିଜ ଧର୍ମ ।

ଝାଞ୍ଜି ଅଟେ ଏକ ଭୀଷଣ ରାକ୍ଷସ
ରୂପ ତାର ଭୟଙ୍କର
ଗ୍ରାସ କରେ ନର ଉତ୍ତପ୍ତ ସମୀରେ
ଆୟୁଷକୁ କରି ଚୁର ।

ଢ଼ହଳବିକଳ ଜୀବନ ସକଳ
ଝାଞ୍ଜିରେ ଯାଏ ହଜି
ଅଂଶୁଘାତ ଦିଏ ଜୀବନକୁ ବଳି
ଅସୁର ରୂପକୁ ସାଜି ।


+ଭୁତସରସିଙ୍ଗି,
ପୁରୁଷୋତ୍ତମପୁର, ଗଞ୍ଜାମ






ଧାରାବାହିକ ଉପନ୍ୟାସ

# ଦୂରନ୍ତ ଶିଖା

ଭାଗ-୧୮



ଡ.ସିନ୍ଧୁ ସେନ୍

ବୀର ଯୋଦ୍ଧା ଭାବେ ଲଢ଼ିଛି । ଯୁଦ୍ଧଭୂମିରେ ଅନେକଙ୍କ ସହ ଯୁଦ୍ଧ କରିଛି। ମୋର ସୈନ୍ୟ ମାନଙ୍କ ମନୋବଳ ବଢ଼ାଇ ସେମାନଙ୍କୁ ମଧ୍ୟ ଯୁଦ୍ଧ କରିବାକୁ ଉତ୍ସାହିତ କରିଛି । ଏପରିକି ପ୍ରଭୁ ଶ୍ରୀରାମ ଯେବେ ଲଙ୍କାକୁ ବହୁ କଷ୍ଟ ସ୍ୱୀକାର କରି ଯୁଦ୍ଧ କରିବାକୁ ଆସିଥିଲେ । ମୁଁ ନିଜେ ତାଙ୍କୁ ସାମ୍ନା କରିବା ପୂର୍ବରୁ ମୋର ଜ୍ଞାତି, କୁଟୁମ୍ବ ଅନେକଙ୍କୁ ତାଙ୍କ ସହ ଯୁଦ୍ଧ କରିବା ପାଇଁ ପ୍ରୋତ୍ସାହନ ଦେଇଛି । ସେମାନେ ଯୁଦ୍ଧଭୂମିରେ ଟଳି ପଡ଼ିଛନ୍ତି ସ, ମାତ୍ର ପ୍ରଭୁ ଶ୍ରୀରାମଙ୍କ ହାତରେ ନିଧନ ହୋଇ ସେମାନେ ବୀରଗତି ପ୍ରାପ୍ତ ହୋଇଛନ୍ତି । ସ୍ୱୟଂ ପ୍ରଭୁ ନିଜ ହାତରେ ତାଙ୍କ ଉପରେ ଧନୁର୍ବାଣ ମାରି ତାଙ୍କର କେବଳ ଜୀବନ ନେଇ ନାହାନ୍ତି ପରନ୍ତୁ, ସେମାନଙ୍କ ପାଇଁ ମୋକ୍ଷର ଦ୍ୱାର ଉନ୍ମୁକ୍ତ କରି ଦେଇଛନ୍ତି । ଏବେ ମୁଁ ମଧ୍ୟ ତାଙ୍କରି ହାତରେ ମୋକ୍ଷତ୍ୱ ପାଇବି । ଏହାଠାରୁ ବଳି ସୌଭାଗ୍ୟର କଥା ଆଉ କ'ଣ ଥାଇପାରେ ।

ତେଣୁ ଏ ଜଗତ ମୋତେ ଯେଉଁ ଦୃଷ୍ଟିକୋଣରୁ ଦେଖନ୍ତୁ ନା କାହିଁକି, ଯେତେକି ପାପୀ, ନୃଶଂସ, ଅତ୍ୟାଚାରୀ ବୋଲି ସମାଲୋଚନା କରନ୍ତୁ ନା କାହିଁକି ମୁଁ ଜାଣେ, ମୁଁ ଏକ ଦୂରନ୍ତ ଶିଖା । ଯେଉଁ ଶିଖାର ଆଲୋକ କେବଳ ପ୍ରଭୁ ଶ୍ରୀରାମଙ୍କ ପାଦପଦ୍ମ ସ୍ପର୍ଶ କରିପାରେ ।

॥ ନଅ ॥

ମୋ ମାତାମହ ସୁମାଳୀ ଦୈତ୍ୟ ସମଗ୍ର ରାକ୍ଷସକୁଳର ଦଳପତି, ନେତା। ତାଙ୍କରି ନିର୍ଦ୍ଦେଶରେ ସବୁକିଛି ଚାଲେ । ତପସ୍ୟାର ସିଦ୍ଧିଲାଭ ପରେ ଆମର ସ୍ୱାଗତ ସମ୍ବର୍ଦ୍ଧନା ପାଇଁ ସେ ସମସ୍ତ ଆୟୋଜନ କରିଥାନ୍ତି । ଆଉ ତାଙ୍କରି ନିର୍ଦ୍ଦେଶକୁ ଅନ୍ୟମାନେ ଶୃଙ୍ଖଳାର ସହ ପାଳନ କରିଥାନ୍ତି । ସେଦିନ ସେଇ ସମ୍ବର୍ଦ୍ଧନା ପର୍ବ ପରେ ଆମକୁ ଏକ ଶୋଭାଯାତ୍ରାରେ ନିଆଗଲା । ଶୋଭାଯାତ୍ରା ଚାଲିଥିଲା ଆମର କୁଳଦେବୀ ବିପଦତାରିଣୀ ମନ୍ଦିର ଅଭିମୁଖେ । ଆମେ ତିନିଭାଇ ତପସ୍ୟାରେ ସିଦ୍ଧିଲାଭ କରି ଫେରିଛୁ ତେଣୁ ଆମକୁ ପ୍ରଥମେ ଦେବୀମାତାଙ୍କ ଆଶୀର୍ବାଦ ନେବାକୁ ପଡ଼ିବ । ଏ ପରମ୍ପରାର ସବୁଠାରେ ଦେଖିବାକୁ ମିଳେ । କେବଳ ଆମ ଜାତିର ନୁହେଁ, ପ୍ରତ୍ୟେକ ଜାତିରେ ଏହାହିଁ ନିୟମ । କୌଣସି କାର୍ଯ୍ୟର ସିଦ୍ଧି, ପରେ ପରେ ପୁଣି ଏକ ନୂତନ କାର୍ଯ୍ୟର ଆରମ୍ଭରେ ଈଶ୍ୱରଙ୍କ ଆଶୀର୍ବାଦ ନେବା ନିୟମ ସବୁ ଜାତିରେ, ସବୁ କାଳରେ ରହିଆସିଛି ଆମେ ବା ସେଥିରୁ ବାଦ ଯାଇଥାନ୍ତୁ କେମିତି ? ଆମେ ତେଣୁ ସମସ୍ତେ ଏକତ୍ର ଦେବୀମାତାଙ୍କ ପୀଠ ଆଡ଼କୁ ଶୋଭାଯାତ୍ରାରେ ବାହାରିଥାଉ ।

ସବା ଆଗେ ଚାଲିଥାଏ ମାତାମହଙ୍କ ରଥ। ରଥରେ ବସିଥାନ୍ତି ମାତାମହ । ତାଙ୍କ ପାଖରେ ମୁଁ ଆଉ ବିଭୀଷଣ । ପାଖରେ ଶୋଇଥାନ୍ତି କୁମ୍ଭକର୍ଣ୍ଣ । ରଥଟି ବହୁତ ପୁରୁଣା ହୋଇଥିବାରୁ ଜରାଜୀର୍ଣ୍ଣ । ତଥାପି ଖୁବ୍ ଯତ୍ନରେ ତାକୁ ରଖା ଯାଇଥାଏ । ରଥ ଉପରେ ଧ୍ୱଜା ମଧ୍ୟ ଉଡୁଥାଏ। ମାତାମହଙ୍କର ରାଜଗାଦି ସିନା ଚାଲି ଯାଇଥିଲା । ହେଲେ ତାର ସନ୍ତକ ସ୍ୱରୂପ ସାଇତା ହୋଇ ରହିଛି ରଥ । ଯାହାକୁ ସମସ୍ତେ ରାଜରଥ ସମ୍ମାନ ଦେଇଥାନ୍ତି । ତେଣୁ ରାକ୍ଷସ ମାନଙ୍କ ପାଇଁ ଏ ରଥର ମାନ୍ୟତା ବହୁତ ବେଶି। ମୋତେ ଆଜି ସେହି ମର୍ଯ୍ୟାଦାଜନକ ରଥରେ ବସିବାକୁ ସୁଯୋଗ ମିଳିଛି । କିଏ ଜାଣେ, ଆଗାମୀ ଦିନରେ ମୋତେ ପୁଣି ଏମିତି ପୁରୁଣା ନୁହେଁ, ସଂପୂର୍ଣ୍ଣ ନୂଆ ରଥରେ ବସିବାକୁ ସୁଯୋଗ ନ ମିଳିବ.... ?

ରାସ୍ତାରେ ଧୂଳି ଉଡ଼ାଇ ରଥଚକ ଆଗକୁ ଗଡ଼ି ଚାଲିଥାଏ । ଆମ ରଥ ପଛେପଛେ ଚାଲିଥାନ୍ତି ଦଳଦଳ ରାକ୍ଷସ ରାକ୍ଷସୀ । ଶଙ୍ଖ, ଦୁନ୍ଦୁଭି ନାଦରେ କମ୍ପି ଉଠୁଥିଲା ଚଉଦିଗ । ଲମ୍ବିଲମ୍ବି ଚାଲୁଥିଲା ଶୋଭାଯାତ୍ରା । ରାସ୍ତାର ଦୁଇପ୍ରାନ୍ତରେ ଠିଆ ହୋଇ ଦର୍ଶକମାନେ ଏ ଶୋଭାଯାତ୍ରା ମୁଗ୍ଧନୟନରେ ଅନାଇ ରହିଥାନ୍ତି । ସମସ୍ତଙ୍କ ମନରେ ଆନନ୍ଦ, ଉଲ୍ଲାସ, ଯେଉଁମାନେ ଶୋଭାଯାତ୍ରାରେ ସାମିଲ୍ ହୋଇଥିଲେ ସେମାନେ ତ ଆନନ୍ଦରେ କୁରୁଳି ଉଠୁଥିଲେ, ସତେଯେମିତି ଏକ ବଡ଼ ଗଡ଼ ଜିଣି ବିଜୟ ଯାତ୍ରା କରି ଆସୁଚନ୍ତି । ମୁଁ ନିଜେ ମଧ୍ୟ ଉତ୍ଫୁଲ୍ଲିତ ।

ଅବଶେଷରେ ଆମ ଶୋଭାଯାତ୍ରା ଦେବୀ ମନ୍ଦିରରେ ପହଞ୍ଚିଲା । ଆମେ ସମସ୍ତେ ତଳକୁ ଓହ୍ଲାଇଲୁ। କୁମ୍ଭକର୍ଣ୍ଣଙ୍କୁ କିଛିଜଣ ମଲ୍ଲ ରାକ୍ଷସ ଟେକି ନେଇ ଦେବୀମାତାଙ୍କ ସମ୍ମୁଖରେ ଶୁଆଇ ଦେଲେ । ମୁଁ ଲକ୍ଷ୍ୟ କରୁଥିଲି ଦେବୀମାତାଙ୍କୁ ରାକ୍ଷସ କୁଳର କୁଳଦେବୀଙ୍କୁ । ଲାଲ ଟହଟହ ମନ୍ଦାର ଫୁଲ ମାଳ ଲମ୍ବି ରହିଥିଲା ତାଙ୍କ ଗଳାରେ । କପାଳରେ ଲାଲ ସିନ୍ଦୂର ଟୋପା। କଳାମୁଗୁନି ପଥରର ମୂର୍ତ୍ତିରେ ଗାଢ଼ ଲାଲ ରଂଗ ବସ୍ତ୍ରର ଆଭରଣ ଆହୁରି ଉଜ୍ଜ୍ୱଳି ଉଠୁଥିଲା। ମୁଁ ଯେତେଯେତେ ନିରେଖି ଦେଖୁଥିଲି ମୋର ମନେ ହେଉଥିଲା ଇଏ କୌଣସି ପଥରର ମୂର୍ତ୍ତି ନୁହଁନ୍ତି, ବରଂ ସାକ୍ଷାତ୍ ଜୀବନ୍ତ ଦେବୀମାତା। ଦୂରରୁ ଭୟଙ୍କର ଲାଗୁଥିଲେ ମଧ୍ୟ ପାଖକୁ ଆସି ଭଲଭାବେ ଦେଖିଲେ ମନରେ କୌଣସି ଭୟ ଜାତ ହୁଏନା, ସହଜେ ତ ରାକ୍ଷସ ମାନଙ୍କ ଚେହେରା ଭୟଙ୍କର । ଆଉ ଦେବୀ ମାତାଙ୍କ ରୂପ ଭୟଙ୍କର ନହେବ ବା କାହିଁକି ? ମୋ ମନରେ କିନ୍ତୁ କୌଣସି ଭୟ ବା ଆଶଙ୍କା ଜାଗୁ ନଥିଲା । ମୁଁ ବରଂ ତାଙ୍କ ଆଖି ସହ ଆଖି ମିଳାଇ ନିରବରେ କଥା ହେଉଥିଲି । ହାତଯୋଡ଼ି ଆଶୀର୍ବାଦ ମାଗୁଥିଲି । ମୁଁ ଆଉ ବିଭୀଷଣ ଯେବେ ଦେବୀଙ୍କ ପଦତଳେ ମୁଣ୍ଡ ନୁଆଁଇ ପ୍ରଣିପାତ କରୁଥିଲୁ ଅନୁଭବ କଲି ମୋ ମୁଣ୍ଡ ଉପରେ କିଛି ପଡ଼ିଗଲା । ମୁଣ୍ଡ ଉଠାଇ ଦେଖେ ତ ଦେବୀମାତାଙ୍କ ଗଳାରେ ଲମ୍ବିଥିବା ମନ୍ଦାରଫୁଲ ମାଳାରୁ ଫୁଲଟିଏ ଖସି ମୋ ମୁଣ୍ଡରେ ପଡ଼ିଛି । ଉପସ୍ଥିତ ଦର୍ଶକ ମାନେ କୁହାକୁହି ହେଉଥିଲେ, ମନ୍ଦିରର ପୂଜକ କିମ୍ବା ଅନ୍ୟ କେହି ଫୁଲ ତାଙ୍କ ଉପରେ ପକାଇ ନାହାନ୍ତି ମାଳାଟିରୁ ସ୍ୱତଃ ଫୁଲଟିଏ ଛିଣ୍ଡି ମୋ ମୁଣ୍ଡ ଉପରେ ପଡ଼ିଛି । ମନେମନେ ନିଜକୁ ଭାଗ୍ୟବାନ୍ ମଣୁଥିଲି । ବାସ୍ତବରେ ଇଏ କୌଣସି ସାଧାରଣ ଦେବୀ ନୁହଁନ୍ତି ବଡ଼ ପ୍ରତ୍ୟକ୍ଷ ଏ ଦେବୀମାତା । ଶକ୍ତିମୟୀ ଜଗତ୍ ଜନନୀ, ମୋ ମନର କଥାକୁ ବୁଝିପାରିଛନ୍ତି। ଆଉ ସେଥିପାଇଁ ପୁଷ୍ପବୃଷ୍ଟି କରି ମୋତେ ଆଶୀର୍ବାଦ କରିଛି ।

ଅନୁଧ୍ୟାନ କରିବା ଉପରେ ଗୁରୁତ୍ୱ ଦିଅନ୍ତି। ସେହି ମନ୍ତ୍ରଯିକୁ ନିଜର ପ୍ରାଣମନକୁ ଅଭିମନ୍ତ୍ରିତ କରାଇବା ଉପରେ ଗୁରୁତ୍ୱ ଦିଅନ୍ତି । ତାଙ୍କର ଏହି ଦିବ୍ୟବାଣୀ ସାଧାରଣ ଲୋକଙ୍କ ହୃଦୟକୁ ସ୍ପର୍ଶ କରେ । ସମସ୍ତଙ୍କର ମିତ୍ର ପାଲଟି ଯାଆନ୍ତି ସେହି ମହାନ୍ ମୁନି । ତାଙ୍କ ନାମକୁ ସାର୍ଥକ କରି ସେ ସମଗ୍ର ବିଶ୍ୱର ମିତ୍ର ପାଲଟି ଯାଆନ୍ତି । ସେହି ମୁନିଶ୍ରେଷ୍ଠ ବିଶ୍ୱାମିତ୍ର ନିଜ ବାଣୀ ପ୍ରଚାର ପ୍ରତି ଯେତେଟା ଗୁରୁତ୍ୱ ଦିଅନ୍ତି, ତାହାକୁ ଅକ୍ଷରେ ଅକ୍ଷରେ ପାଳନ କରିବାରେ ମନପ୍ରାଣ ଢାଳି ଦିଅନ୍ତି । ତାଙ୍କ ଲୋକପ୍ରିୟତା ବଢ଼ିଚାଲେ । ସମଗ୍ର ମାନବସମାଜର ସୁଶିକ୍ଷା ପାଇଁ ଖୋଲିଯାଏ ତାଙ୍କ ଆଶ୍ରମର ଦ୍ୱାର । ଅଗଣିତ ଶିଷ୍ୟ ତାଙ୍କ ଆଶ୍ରମରେ ଏକତ୍ରିତ ହୋଇ ଶିକ୍ଷାଲାଭ କରନ୍ତି । ଜ୍ୟୋତିଷ କୁମାରଙ୍କୁ ମଧ୍ୟ ସୁବର୍ଣ୍ଣ ସୁଯୋଗ ମିଳିଯାଏ । ବିଶ୍ୱାମିତ୍ରଙ୍କ ଶିଷ୍ୟତ୍ୱ ଲାଭ କରି ସେ ମଧ୍ୟ ବେଦାଙ୍ଗ ଜ୍ୟୋତିଷ ଶାସ୍ତ୍ରରେ ପାରଦର୍ଶିତା ଲାଭ କରନ୍ତି । କେବଳ ଜ୍ୟୋତିଷ ଶାସ୍ତ୍ର ନୁହେଁ, ଗନ୍ଧଦର୍ଶନ ବିଦ୍ୟାରେ ଧୁରନ୍ଧର ହୋଇ ଉଠନ୍ତି ।

ଜ୍ୟୋତିଷ କୁମାରଙ୍କ ମୁହଁରୁ ଗନ୍ଧଦର୍ଶନ ବିଦ୍ୟା ସମ୍ବନ୍ଧରେ ଶୁଣୁଥିଲି। ସେ କହୁଥିଲେ, ପ୍ରତିଟି ବ୍ୟକ୍ତିବିଶେଷଙ୍କର କିଛି ନା କିଛି ସ୍ୱତନ୍ତ୍ର ଗନ୍ଧ ରହିଛି । ଏହା କେବଳ ମଣିଷ ମାନଙ୍କ ପାଖରେ ନୁହେଁ, ସକଳ ଜୀବ ସକଳ ପ୍ରାଣୀମାନଙ୍କ ଠାରେ ମଧ୍ୟ ଏହି ଗନ୍ଧ ରହିଛି । ମୋତେ ସବୁ ରହସ୍ୟ ଲାଗୁଥିଲା । ମୋ ନିକଟରେ ଆହୁରି କିଛି ରହସ୍ୟ ଘନୀଭୂତ ହେଉଥିଲା ଯେବେ ଜ୍ୟୋତିଷ କୁମାର ମୋ ହସ୍ତରେଖା ଗୁଡ଼ିକ ବାରମ୍ବାର ନିରେଖି ଦେଖୁଥିଲେ, ଆଉ ମୋ ହାତପାପୁଲିକୁ ଆଘ୍ରାଣ କରୁଥିଲେ ।

(କ୍ରମଶଃ)


+ବାରବାଟୀ, ବାଲେଶ୍ୱର
(ମୋ)୯୩୩୭୫୮୦୦୪୫




ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

ଜ୍ୟୋସ୍ନାମୟୀ ପଣ୍ଡା



॥ ଭାଗ-୪୬ ॥

ନାଁ, ଜୟ, ବିଜୟ ଙ୍କର ମନୋନୟନ ମଧ୍ୟରେ ବ୍ରହ୍ମାଙ୍କର ଏହି ଚାରି ପୁତ୍ର ଙ୍କର ନାମ ନଥିଲା। ସେମାନେ ପରସ୍ପର ମଧ୍ୟରେ ନିମ୍ନ ସ୍ୱରରେ ବାର୍ତ୍ତାଳାପ କରୁଥିଲେ।

' ଚନ୍ଦ୍ରଙ୍କ ପାଇଁ ହିଁ ଆଜି ଏହି ପୃଥିବୀ ତିଷ୍ଠି ରହିଛି। ଦିନ, ସପ୍ତାହ, ପକ୍ଷ, ମାସ, ଋତୁ ଓ ବର୍ଷ ଚକ୍ର ସୃଷ୍ଟି ହୋଇ ଅଛି। କିନ୍ତୁ ପ୍ଲକ୍ଷ ଦ୍ୱୀପର ଅନ୍ୟ ସଭ୍ୟତା ଯେତେ ବେଳେ ଚନ୍ଦ୍ରଙ୍କୁ ନେଇ ପଞ୍ଜିକା ସୃଷ୍ଟି କରିଅଛି, ଏହିମାନେ ଶାକ ଦ୍ୱୀପ ସହ ସୂର୍ଯ୍ୟଙ୍କୁ କେନ୍ଦ୍ର କରି ଚନ୍ଦ୍ର ଓ ନକ୍ଷତ୍ରମାନଙ୍କୁ ଗଣନା କରି ପଞ୍ଜିକା ସୃଷ୍ଟି କରିଛନ୍ତି। ଏହିମାନେ ଦାବି କରନ୍ତି ଯେ,ବ୍ରହ୍ମ ସାଧନା କରି ମାନବ ହୋଇ ମଧ୍ୟ ଏମାନେ ବ୍ରହ୍ମାଙ୍କ ସ୍ଥାନ ଅଧିକାର କରିଛନ୍ତି। ଏହିମାନେ ସୃଷ୍ଟି ତତ୍ତ୍ୱ ଓ ସତ୍ୟକୁ ଜାଣି ଅଛନ୍ତି। ଏମାନେ କହନ୍ତି ଯେ ସତ୍ୟ ବିଜ୍ଞାନ। ସତ୍ୟହିଁ ବିଷ୍ଣୁ। ସତ୍ୟ ହିଁ ସନାତନ ଧର୍ମ । ପ୍ଲକ୍ଷ, କୁଶ ଏବଂ କ୍ରୌଞ୍ଚ ଦ୍ୱୀପର ଋଷି ବା ଜ୍ଞାନୀମାନେ ବସ୍ତ୍ର, ପରିଧାନ କରି ସଭ୍ୟ ଦେଖାଗଲା ବେଳେ, ଏହି ମାନେ ନଗ୍ନ, ଉନ୍ମାଦ, ଲଜ୍ୟା ହୀନ ବେଶ ଧାରଣ କରିଅଛନ୍ତି। ହିମାଳୟର ପାଦ ବାସୀ ଏହି ଚାରିଜଣ ସ୍ୱାସ୍ଥ୍ୟ ପାଇଁ ଆମିଷ ଭୋଜନ ତ ନାହିଁ, ଏମାନଙ୍କର କ୍ଷୁଧା, ତୃଷା ମଧ୍ୟ ନାହିଁ। ଏମାନେ କଦାପି ବ୍ରହ୍ମା ଙ୍କ ପୁତ୍ର ଅବା ବିଷ୍ଣୁ ଏବଂ ଲକ୍ଷ୍ମୀଙ୍କ ସ୍ନେହର ପାତ୍ର ହୋଇ ନପାରନ୍ତି।'

ଜୟ ଓ ବିଜୟ ଅଟ୍ଟହାସ୍ୟ କଲେ। କଠୋର କର୍କଶ ସ୍ୱରରେ ଜବାବ ଦେଲେ,'ତୁମେମାନେ ସନ୍ଦେହ ଜନକ। ଏହା ବିଶ୍ୱାସ ଯୋଗ୍ୟ ନୁହେଁଯେ, ତୁମେମାନେ ବ୍ରହ୍ମାଙ୍କର ପୁତ୍ର। ଏ ଭୁବନ ପଦ୍ମାଳୟାଙ୍କର ପଦସ୍ପର୍ଶରେ ବିତ୍ତ ଓ ବୈଭବ ମୟୀ। ଶ୍ରୀ, ସମ୍ପଦ, ଐଶ୍ୱର୍ଯ୍ୟ ଓ ଆନନ୍ଦ ରେପରିପୂର୍ଣ୍ଣ। ଏଠାରେ କୌଣସି ରୁଚିହୀନ, ନଗ୍ନ, ଦିଗମ୍ବର, ଧୂଳି ଧୂସରିତ, ମଳିନ, ମ୍ଳେଚ୍ଛଙ୍କର ସ୍ଥାନ ନାହିଁ। ଏହି ଜୟ ଓ ବିଜୟଙ୍କ ହୃଦୟକୁ ତୁମେ ଜୟ କରି ପାରିନାହିଁ। ତେଣୁ, ତୁମ ପାଇଁ ଦ୍ୱାର ଉନ୍ମୁକ୍ତ ହେବ ନାହିଁ। ତୁମେମାନେ ପ୍ରସ୍ଥାନ କରିପାର।'

ଚତୁର୍ଭ୍ରାତା ନିରାଶ ହେଲେ। ଦୀର୍ଘଶ୍ୱାସ ତ୍ୟାଗକରି ଉତ୍ତର ଦେଲେ, 'କେଉଁ ଦୃଷ୍ଟିରେ ତୁମେ ଆମକୁ ଦେଖୁଛ ଜୟ , ବିଜୟ ସମ୍ପୂର୍ଣ୍ଣ ବାହ୍ୟ ଦୃଷ୍ଟିରେ ତ ଥରେ ନିଜର ଅନ୍ତର୍ଦୃଷ୍ଟିରେ ଆମର ଭିତରର ସୌନ୍ଦର୍ଯ୍ୟକୁ ଦେଖ। ତାହା ଶ୍ରୀ ବିଷ୍ଣୁଙ୍କ ପ୍ରେମରେ, ଗୁଣ କୀର୍ତ୍ତନରେ ତଲ୍ଲୀନ। ଆନନ୍ଦ ଅଶ୍ରୁର ନିର୍ଝରରେ ପ୍ଲାବିତ, ଅନ୍ତରଙ୍ଗତାର ରଙ୍ଗରେ ରଙ୍ଗୀନ। ପ୍ରେମର ଆବେଶରେ ଆମେ ଭୁଲିଯାଇଛୁ ବାହ୍ୟାଡ଼ମ୍ବର। ହେ ଜୟ , ବିଜୟ ! ବାହାରର ବସ୍ତ୍ର ମାନବର ପରିଚୟ ହୋଇ ନଥାଏ। ଆମର ଭିତର ସଞ୍ଜମ,ସରଳ, ଶ୍ଳୀଳ, ସଭ୍ୟ ଭାବନାରେ ପୂର୍ଣ୍ଣ। ପ୍ରେମୀ କେବେ ମ୍ଳେଚ୍ଛ, ଭିକ୍ଷୁ , କୁରୂପ ଓ ଅଶ୍ଳୀଳ ହୋଇପାରେନାହିଁ।'

ଜୟ, ବିଜୟ ପୁଣି ଉପହାସ କଲେ। 'ଅନ୍ତର୍ଦୃଷ୍ଟି ସେ ଅନ୍ତର୍ଦୃଷ୍ଟି କିପରି ସନାତନ ତୁମ ପାଇଁ କଣ ଚକ୍ଷୁ ବନ୍ଦ ରଖି ସାଧନା କରି ତୃତୀୟ ନୟନରେ ତୁମକୁ ଚିହ୍ନିବାକୁ ହେବ ?'

' ଚକ୍ଷୁ ବନ୍ଦ ରଖିବା କଣ ପ୍ରୟୋଜନ ଅଛି ଜୟ, ବିଜୟ ? ଏହି ଉନ୍ମୁକ୍ତ ଦୃଷ୍ଟିରେ ହିଁ ମାନବର ଅନ୍ତର୍ଦୃଷ୍ଟି ଯୁକ୍ତ ହୋଇ ରହିଥାଏ। ସତ୍ୟର ସ୍ୱରୂପ ଯେ ଜାଣିଛି, ସେ ଭଗବାନ ବିଷ୍ଣୁଙ୍କୁ ମଧ୍ୟ ଜାଣିଅଛି, ତାଙ୍କର ପ୍ରେମିକ ରୂପକୁ ଦେଖି ଅଛି, ତାଙ୍କର ସୌନ୍ଦର୍ଯ୍ୟକୁ ମଧ୍ୟ ଜାଣିଅଛି। ତାଙ୍କ ଭାବରେ ଉନ୍ମାଦ ହୋଇ ଅଛି। ସେ ଏହି ନଗ୍ନ ଦେହ ମଧ୍ୟରେ ଥିବା ବିଷ୍ଣୁ ମନସ୍କ ହୃଦୟକୁ ଚିହ୍ନିପାରିବ। ତୁମ୍ଭେ ଶ୍ରୀ ବିଷ୍ଣୁଙ୍କୁ ଆମ ବିଷୟରେ ଜଣାଅ, ସେ ନିଶ୍ଚୟ ଆମକୁ ଚିହ୍ନି ପାରିବେ।'

ଜୟ, ବିଜୟ କିନ୍ତୁ ସମ୍ପୂର୍ଣ୍ଣ ନାରାଜ। ଏବେ ରୁଦ୍ଧ ଦ୍ୱାର ନିକଟରେ ଅପେକ୍ଷା କରି କରି ବ୍ରହ୍ମାଙ୍କ ପୁତ୍ର ମାନଙ୍କର ଧୈର୍ଯ୍ୟ ଚ୍ୟୁତି ଘଟିଲାଣି। ସେମାନେ ଏବେ ଉତ୍ତ୍ୟକ୍ତ, ଉତ୍ତେଜିତ। ମିଳିତ ଭାବରେ ଅଭିଶାପ ରୂପକ ବାକ୍ୟରେ ସେମାନଙ୍କ କ୍ରୋଧ ଉଦ୍ଗିରଣ ହେବାରେ ଲାଗିଲା।

'ଜୟ, ବିଜୟ! ଯିଏ ଅନ୍ତର୍ନିହିତ ସୌନ୍ଦର୍ଯ୍ୟରେ ସୁନ୍ଦର , ସେହିଁ ବାସ୍ତବ ବୈକୁଣ୍ଠ ଭୁବନର ଯୋଗ୍ୟ। ଯେଉଁମାନେ ପ୍ରେମ ହୀନ ସେମାନେ ଅଯଥା ଯୋଗ ମାର୍ଗରେ ଭ୍ରମଣ କରି ପଥଶ୍ରମୀ ହୋଇଥାନ୍ତି। ତେଣୁ ତୁମେ ବିଷ୍ଣୁଙ୍କର ଦ୍ୱାରପାଳ ହେବାପାଇଁ ସୁଯୋଗ୍ୟ ନୁହେଁ। ବିଷ୍ଣୁ ଭକ୍ତଙ୍କ ନିକଟରେ ଧନୀ, ଦରିଦ୍ର, ସୁନ୍ଦର, ଅସୁନ୍ଦର, ମୂର୍ଖ ବା ଶିକ୍ଷିତର କପଟ ନଥାଏ। ସେମାନେ ସମଦର୍ଶୀ। ତେଣୁ ତୁମେ ଦୁଇଜଣ ଏ ବୈକୁଣ୍ଠ, ଭୁବନ ତ୍ୟାଗ କରି ପୃଥିବୀରେ ଅସୁର ଜନ୍ମ ଲାଭ କର। ତିନି ଜନ୍ମ ପର୍ଯ୍ୟନ୍ତ ତୁମେ କେବଳ ବାହ୍ୟ ଦୃଷ୍ଟି ରେ ସବୁକିଛି ଦେଖିପାରିବ। ଏଣିକି ତୁମର ଅନ୍ତର୍ଦୃଷ୍ଟି ଅନ୍ଧ ହୋଇଯାଉ !!'

ଜୟ, ବିଜୟବି ଏତେବେଳେ ନିଜର ଚେତନା ଫେରି ପାଇଲେ। ସେମାନେ ବ୍ରହ୍ମ ଅଭିଶାପରେ ଅଭିଶପ୍ତ ହୋଇଛନ୍ତି। ମସ୍ତକରେ ଯେପରି କିଏ ଶତବଜ୍ରର ପ୍ରହାରକରିଛି। ହେଲେ ନଭାବି, ନଚିନ୍ତି ସେମାନେ ଯେଉଁ ଅପରିଣାମଦର୍ଶୀ କାମ କରିଛନ୍ତି, ତାର ପରିଣତି ତ ନିଶ୍ଚିତ ଭୋଗ କରିବାକୁ ହେବ!!

ଏଇତ ଦ୍ୱାର ନିକଟକୁ ଦ୍ରୁତ ଗତିରେ ଆଗମନ କରୁଛନ୍ତି ସ୍ୱୟଂ ଶ୍ରୀ ବିଷ୍ଣୁ । ସାଙ୍ଗରେ ଅଛନ୍ତି ପରମ ଲକ୍ଷ୍ମୀ। ତାଙ୍କ ଶ୍ରବଣରେ ନିଜ ଦ୍ୱାରପାଳ ମାନଙ୍କର ଏ ଦୁର୍ଦ୍ଦଶା କଥା କେଉଁଠାରୁ ବାଜିଛି ପରା !

ବ୍ରହ୍ମାଙ୍କର କୁମାର ମାନଙ୍କୁ ଆଉ ଶ୍ରମକରି ଅନ୍ତଃ ପୁରକୁ ଯିବାର ପ୍ରୟୋଜନ ନଥିଲା। ନଥିଲା ପ୍ରୟୋଜନ, ଜୟ, ବିଜୟଙ୍କ ଚୟନ ଅବା ମନୋନୟନ। ସେମାନେ ଯାହାଙ୍କ ଉଦ୍ଦେଶ୍ୟ ରେ ଏଠାକୁ ଆସିଥିଲେ, ତାଙ୍କର ପ୍ରେମ ବଳରେ ସେ ସ୍ୱୟଂ ତାଙ୍କ ନିକଟରେ ଉପସ୍ଥିତ। ଦ୍ୱାରପାଳ ଦ୍ୱୟ ଭୟଭୀତ, ତ୍ରସ୍ତ ହୃଦୟରେ ଦୁଇହସ୍ତ ଯୋଡ଼ି ଦଣ୍ଡାୟ ମାନ । କୁମାର ମାନେ ମଧ୍ୟ ଅପଲକ ନେତ୍ରରେ ହସ୍ତଯୋଡି ଦଣ୍ଡାୟ ମାନ ଅଛନ୍ତି।

ଶ୍ରୀ ବିଷ୍ଣୁ ଆସୁଛନ୍ତି। ନବଘନ ରୁଚିର ଶ୍ୟାମସୁନ୍ଦର,କବି କଳ୍ପିତ ମନୋହର ରୂପ ଶ୍ରୀ। ଶ୍ୱେତ ପଦ୍ମକୋଷ ସଦୃଶ ଲବଣ୍ୟମୟ ମୁଖମଣ୍ଡଳ। କର୍ଣ୍ଣରେ କୁଣ୍ଡଳ, କଣ୍ଠ ରେକୌସ୍ତୁଭ ମଣି, ହସ୍ତପଦରେ କେୟୂର କଙ୍କଣର ମଧୁର ରୁଣୁଝୁଣୁଧ୍ୱନି, ଗ୍ରୀବା ଦେଶରୁ ଆବକ୍ଷ ଲମ୍ବିତ ବନମାଳ, କଟି ତଟରେ ପୀତ ବାସୋପରି ସ୍ୱର୍ଣ୍ଣ ମେଖଳା,ସ୍ଫୀତକମନୀୟବକ୍ଷ, ଶତଶତ ରୂପାସ୍ତ୍ର ନିନ୍ଦିତ

ଅଳକା ମଣ୍ଡିତ ଆନନ, ରକ୍ତିମ ଅଧରରେ ମନ୍ଦହାସ୍ୟ, ଅରୁଣ ପ୍ରଭ କରଜ, ଜନମନମୋହନ ଶ୍ରୀବିଷ୍ଣୁ ଆସୁଛନ୍ତି। ସାଙ୍ଗରେ ଅଛନ୍ତି ହେମାଦି ରତ୍ନ ବିଭୂଷିତା, ମୁକ୍ତାମାଳା ମଣ୍ଡିତା ଶ୍ରୀ ଲକ୍ଷ୍ମୀ । ଦୁଇ ପାର୍ଶ୍ୱରେ ପରିବାରୀ ମାନେ ଚାମର ଢାଳୁଛନ୍ତି। ପ୍ରେମୀ ପାଇଁ ଏହାଠାରୁ ବଡ ବିଜୟ ଅବା ଆଉ କଣ ହୋଇପାରେ ?

(କ୍ରମଶଃ)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


## ଆଲମ୍ବ

### ଶୁଭଶ୍ରୀ ଦାଶ



ଝଡ଼ ଆସେ ଏଠି ପୃଥିବୀ ହୁଏ ବିବର୍ଣ୍ଣ
ଇଚ୍ଛା ନଈରେ ଚରିଯାଏ ଆକୁଳତାର ବାଲି
ଋତୁ ସବୁ ମଉଳି ଯାଆନ୍ତି
ଅଶାନ୍ତ ମଣିଷର ତତଲା ନିଶ୍ୱାସରେ
ଧରାଶାୟୀ ପାଦପର କୋହ
ଉଦ୍ ବେଳିତ ହୁଏ ପବନରେ
ପଶୁତ୍ୱର ମୁଖା ପିନ୍ଧି ମଣିଷ ଲଂଘିଯାଏ
କ୍ରୁରତାର ସବୁ ସୀମାରେଖା ।

ଜୀବନ ଏଠି ଧୂ ଧୂ ଖରାବେଳ
ମାନବିକତା... ନିର୍ବାକ୍ , ନିଷ୍ଫଳ
ରାତ୍ରି ବୁଣେ ରହସ୍ୟର ମାୟାଜାଲ..
ସ୍ୱପ୍ନ ସବୁ ଅନ୍ଧପୁତୁଳି ବାନ୍ଧି ଦିଗହରା..
ସମ୍ପର୍କ ମାନେ ନିଇତି ଅହଙ୍କାରର ଛାରୁ ଡେଇଁ
ଆତ୍ମହତ୍ୟା କରୁଥାନ୍ତି ।

ସଭ୍ୟତାର କଳଙ୍କମୟ ଧମନୀକୁ ଚିରି
ଛାତିଥରା ଦୀର୍ଘ ନିଶ୍ୱାସକୁ ଚିପୁଡି
ଦେଲାବେଳେ
ସ୍ପର୍ଶ କାତର ଜୀବନର
ସବୁଜ ଆଶାର କୁଆଁ ଚାରାଟି
ଶାଖା ପ୍ରଶାଖା ମେଲି ମୁଣ୍ଡ ଟେକେ
ଟିକିଏ ଜିଇଁ ଯିବା ଆଶାରେ..

ଇଏ ଏକ ଭିନ୍ନ ପୃଥିବୀ
ଏଠି ବାୟୁମଣ୍ଡଳ ବିଶୁଦ୍ଧ
ଜୀବନ ଖୁବ୍ ସରଳ, ଅମାୟିକ
ଏଠି ମନ ଆଇନାରେ
ପ୍ରେମର ଫଲ୍ଗୁ ବୋହୁଥାଏ
ମଣିଷ ପ୍ରତିଟି ମୁହୂର୍ତ୍ତକୁ
ପ୍ରାଣଭରି ଜିଇଁ ନେଉଥାଏ

ଆସନା !!
ନିକିତିର ଆଲମ୍ବ ପରି
ସୃଷ୍ଟିର ଭାରସାମ୍ୟକୁ କରିଦେବା ସୁନ୍ଦର,
ସାବଲୀଳ
ଆଙ୍କିଦେବା ପ୍ରେମର ନିଚ୍ଛକ ମୁହୂର୍ତ୍ତଟିଏ
ଜୀବନର ଅଙ୍କାବଙ୍କା ଡାଳରେ
ଚାଲ ରଚିବା ଏକ ଭିନ୍ନ ପୃଥିବୀ..
ଯେଉଁଠି ନଥିବ କଳହ, ଦ୍ୱେଷ
ନଥିବ ଛଳନାର କୁଢ଼ କୁଢ଼ ପାଉଁଶର ସ୍ତୁପ
ସବୁଠି ଥିବ ପ୍ରେମ...ଶାସ୍ୱତ
ପ୍ରାଣରୁ ଆତ୍ମା ଯାଏଁ ସଞ୍ଚରୁଥିବ
ଭଲପାଇବାର ମହକ
ମଣିଷ ଡୁବୁଥିବ ଗଭୀର ଆତ୍ମସତ୍ତାରେ
ସୃଷ୍ଟି ହସୁଥିବ ଆତ୍ମ ସନ୍ତୋଷରେ ।


+ଶ୍ରୀକଣ୍ଠପୁର, ବାଲେଶ୍ୱର -୭୫୬୦୦୧
ଫୋନ୍ -୯୪୩୭୫୧୩୮୬୫


## ନାଁ ଟି ତାର ପ୍ରୀତି

### ପୁଷ୍ପାଞ୍ଜଳି ମିଶ୍ର



ପ୍ରେମ ପ୍ରୀତି ସେତ ଏମିତି ଶବ୍ଦ
ସମ୍ପର୍କର ଅଗଣାରେ
ବୁଣି ଥାଏ ହସ ସେତ
ହୀରା ଲୀଳା ମୋତି ମହକ
ଭଲ ପାଇବାର ଗଭୀର ହ୍ରଦ ରେ
ବାଣ୍ଟି ଚାଲିଥାଏ ମଲ୍ଲି ମହକ
ସେତ ଗେଲ୍ହା ଝିଅ ଅଲିଅଳି ଅତି
ନାଁ ଟି ତାର ପ୍ରୀତି ।

ମଧୁ ମାଧବୀର ଫୁଲ ପାଖୁଡ଼ା ସେ
ପୋଷ ମାନେ ହସି ହସି
ସମ୍ପର୍କ ଡୋରୀରେ ଛନ୍ଦି ହୋଇଯାଏ
କେବେ ତ ଯାଏନି ଛିଣ୍ଡି
ବନ୍ଧୁ ବାନ୍ଧବୀଙ୍କୁ ସ୍ନେହ ଡୋରୀରେ
ଦେଇଥାଏ ସେ ବାନ୍ଧି
ଭାବର ଜଉରେ ମୁଦ ମାରିଥାଏ
ସତେ ଫେବିକଲ ପରି
ନାଁ ଟି ତାର ପ୍ରୀତି।

ପ୍ରେମ ଦୀପ ଜାଳେ ସଞ୍ଜ ଆଳତିରେ
ସବୁରି ଶୁଭ ମନାସି
ସୁଖକୁ ଡାକେ ପ୍ରଣତି କରି
ଦୁଃଖକୁ ଆଡେଇ କରି
ପବିତ୍ର ଭାବନା ମନରେ ଆଣଇ
ସଭିଙ୍କ ଶୁଭ ମନାସି
ବିପଦେ ଆପଦେ ସଦା ହୁଏ ସାହା
ନାଁ ଟି ତାର ପ୍ରୀତି ।

ଭେଦ ଭାବ ନାହିଁ ଜାତି କି ଅଜାତି
ସେ ଅତି କୋମଳମତି
ହସ ବାଣ୍ଟୁଥାଏ ଘରେ ଘରେ ପଶି
ଲୁହକୁ କରି ସାଥି
ଝରିପଡେ ଥାଏ ତା ଓଠରୁ ହସ
ସତେକି ଶରଗ ଶଶୀ
ଅମୃତ ଭାବନା ସଦା ଥାଏ ସିନା
ସତେକି ସେ ଦିବ୍ୟ ଚେତା
ଆତ୍ମା ମନକୁ କରିଥାଏ କାବୁ
ନାଁ ଟି ତାର ପ୍ରୀତି ।


ସୁକିନ୍ଦା କ୍ରୋମାଇଟ ମାଇନ୍ସ
ଯାଜପୁର
ମୋ: ୯୫୫୬୬୪୩୯୨୧


## ଭୋଟ

### ଜ୍ୟୋତିରେଖା ସାହୁ



ଭୋଟ ଭୋଟ ଭୋଟ
ନେବି ମୁଁରେ ଭୋଟ
ଦେବି ପାଞ୍ଚଶହର ନୋଟ
ପାଇବି ମୁଁରେ ଭୋଟ।

ତୁମ ରାଣ ସବୁ କରିବି
ବୋପା ରାଣ ଖାଇ କହୁଛି
ସେ ଦଳ କଣ କହି ଯାଇଛି
ମୁଁ ପାଞ୍ଚଶହ ବଦଳି ହଜାର ଦେବି।

ଭୋଟ ଦେବୁ ତ ଇନ୍ଦିରା ଆବାସ ଦେବି
ହଁ ମାଉସୀ ସତ କରିବି
ତୋ ଘରକୁ ସରଗ କରି
ସରଗ ବସୀ ବନେଇ ଦେବି।

ମାଲୋ ବିନା ସୁଧରେ ମୁଁ ଋଣ ଦେଲି
ତୋ ପୁଅକୁ ଜୋତା ଦେଲି
ଭୋଟ ଦେବୁ ତ ସବୁ ଦେବି
ନ ଦେଲେ ମୁଣ୍ଡରୁ ଛାତ ଉଡେଇ ନେବି ।
ବୁଢ଼ୀ ମାଲୋ ତୋ ସାଥେ ଖାଇଲି
ତୋ କାନିରେ ମୁହଁ ପୋଛିଲି
ତୋ ଦୁଃଖ କୁ ମୁଁ ନେଲି
ନେତା ପରେ ନାକ ଟେକି
ଗୋଡ଼ ଆଡେଇ ଦେଲି ।

ଚାଉଳ ଗହମ ଚିନି ଦେବି
କମ୍ବଳ ଛତା ଭତ୍ତା ଦେବି
ରାତିରେ ବିଡା ନୋଟ ଦେବି
ଜିତିବା ପରେ ଦରଦାମ୍ ବଢେଇ ଦେବି ।

ବେକାରୀଙ୍କୁ ଚାକିରୀ ଦେବି
ଦରିଦ୍ର ଅବସ୍ଥା ଦୂରେଇ ଦେବି
ଟେବୁଲ୍ ତଳେ ଲାଞ୍ଚ ନେବି
ଦେଇ ପରିବୁତ ଚାକିରୀ ଦେବି ।

ଧର୍ମ ଧର୍ମ ପ୍ରଚାର କରି
ଅନ୍ୟ ଧର୍ମକୁ ବିରୋଧ କରି
ଦଙ୍ଗା ନାମର ଆତଙ୍କ କରି
ଲୁଟି ଯାଉ ଆମେ ଭଦ୍ରଙ୍କ ପରି ।

ଗାନ୍ଧିବାଦକୁ ନେଇ ଆସିବି
କୁଟି ଖାଇ କାଟି ପିନ୍ଧିବି
ଭାରତ ମାତାର ଟେକ ରଖିବି
ଆଖିରେ ପୁଟୁଳି ବାନ୍ଧି ଗାନ୍ଧାରୀ ସାଜିବି ।

ଛଗ କିଲୋ ହଜାରେ ବିକିବି
ନର ମୁଣ୍ଡ ପାଞ୍ଚଶହରେ କିଣିବି
ପଦ ଥିବା ଯାଏ ଦେଶ ଲୁଟିବି
ପଦ ଚାଲି ଗଲେ ଭତ୍ତା ପାଇବି ।


+ଜଗତସିଂହପୁର, ନାଉଗାଁ, ଛତିଆନ
ମୋ: ୭୮୪୬୮୬୯୫୪୬

# ସନାଙ୍କ ବିରୋଧରେ ବଢୁଛି ଅସନ୍ତୋଷ

ଚମ୍ପୁଆ, ୨୨/୫ (ନି.ପ୍ର): ଏକଦା ଚମ୍ପୁଆ ରାଜନୀତିର ବେତାଜ ବାଦଶାହା ଭାବେ ନିଜକୁ ପ୍ରତିପାଦିତ କରୁଥିବା ଚମ୍ପୁଆ ନିର୍ବାଚନ ମଣ୍ଡଳୀର ଭତା ବାବାଙ୍କ ପାଇଁ ସହଜ ହେବ ନାହିଁ ଚଳିତ ନିର୍ବାଚନ। କିଙ୍ଗ ମେକରରୁ କିଙ୍ଗ ହେବାର ସ୍ୱପ୍ନ ଦେଖୁଥିବା ଏକଦା ଲୋକଙ୍କୁ ନିୟମ କରେଇ ଭତା ଦେଇ ନ ଥିବାରୁ ଲୋକଙ୍କ ଭିତରେ ଭିତରେ ଅସନ୍ତୋଷ ଗୁମୁରି ଗୁମୁରି ବୃଦ୍ଧି ପାଉଥିବା ଜଣାପଡିଛି। ଚଳିତ ନିର୍ବାଚନରେ ଭତା ବାବାଙ୍କ ଭତା ହିଁ ତାଙ୍କୁ କାଳ ହେବ ବୋଲି କୁହାଯାଉଛି। ପ୍ରଥମେ କଂଗ୍ରେସ ଦଳରୁ ନିଜର ରାଜନୈତିକ ଜୀବନ ଆରମ୍ଭ କରିଥିବା ଏହି ହେଭିଓ୍ୱେଟ ନେତା ୨୦୦୯ ମସିହାରେ କଂଗ୍ରେସ ଦଳରୁ ବିଧାୟକ ପ୍ରାର୍ଥୀ ଭାବେ ନିର୍ବାଚନ ଲଢି ସ୍ୱାଧୀନ ପ୍ରାର୍ଥୀ ଜିତୁ ପଟ୍ଟନାୟକଙ୍କ ଠାରୁ ପରାଜୟ ଶିକାର କରିବା ପରେ ୨୦୧୪ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିଜୟ ଲାଭ କରିଥିଲେ। ତେବେ ୨୦୧୪ ନିର୍ବାଚନ ପୂର୍ବରୁ ଗାଁ ଗାଁ ରେ ପ୍ରତି ଓ୍ୱାର୍ଡରେ ସନାତନଙ୍କ ସପକ୍ଷରେ ପ୍ରଚାର କରି ତାଙ୍କୁ ଜିତାଇବା ପାଇଁ କର୍ମୀ ମାନଙ୍କୁ ନିଯୁକ୍ତ କରାଯିବା ସହିତ ଲୋକ ମାନଙ୍କୁ ସନାତନ ମହାକୁଡ଼ ନିର୍ବାଚନ ଜିତିଲେ ପ୍ରତି ମାସରେ ପ୍ରତ୍ୟେକ ଭୋଟରଙ୍କୁ ମାସିକ ଏକ ହଜାର ଟଙ୍କା ଭତା ପ୍ରଦାନ କରାଯିବ ବୋଲି ଦୃଢ଼ ପ୍ରତିଶ୍ରୁତି ମଧ ଦେଇଥିଲେ। ସନାଙ୍କ ଠାରୁ ପ୍ରତିଶୃତି ପାଇ କର୍ମୀ ମାନେ ସମର୍ପିତ ଭାବରେ ଦିନ ରାତି ପ୍ରଚାର କରିବାରେ ଲାଗି ପଡ଼ିଥିଲେ। ଏହାର ଫଳ ସ୍ୱରୂପ ୨୦୧୪ ମସିହାରେ କଂଗ୍ରେସ ଦଳକୁ ବାଏ ବାଏ କରି ସନାତନ ମହାକୁଡ଼ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ି ବିପୁଳ ସଂଖ୍ୟାରେ ବିଜୟୀ ହୋଇ ଚମ୍ପୁଆ ବିଧାୟକ ଭାବେ ବିଜୟ ମୁକୁଟ ପିନ୍ଧି ଥିଲେ। ତେବେ ପ୍ରତିଶୃତି ଅନୁସାରେ ନିର୍ବାଚନ ଜିତିବା ପରେ ଯେଉଁ ଲୋକ ମାନେ ବିଭିନ୍ନ ମନ୍ଦିର ଏବଂ ଗ୍ରାମର ଠାକୁରାଣୀ ଶାଳ ଏପରିକି ପଡ଼ୋଶୀ ମୟୁରଭଞ୍ଜ ଜିଲ୍ଲା ଅନ୍ତର୍ଗତ ଖିଚିଙ୍ଗ ର ମା କିଚକେଶ୍ୱରୀ ମନ୍ଦିରରେ ନଡିଆ ଧରି ଆମେ ସନାତନଙ୍କୁ ଭୋଟ ଦେଇଛୁ ଏବଂ ଜୀବନ ସାରା ତାଙ୍କ ସହିତ ରହିବୁ ବୋଲି ନିୟମ କରିଥିଲେ, ସେହି ଲୋକ ମାନଙ୍କୁ କିଛି ମାସ ପର୍ଯ୍ୟନ୍ତ ଭତା ପ୍ରଦାନ କରାଯାଇଥିଲା। ଯାହା ସନାତନ ମହାକୁଡ଼ଙ୍କୁ ଭତା ବାବା ଭାବରେ ପରିଚିତ କରିଥିଲା। ପରେ ଭୋଟରଙ୍କୁ ଭତା ନ ଦେଇ କେବଳ କର୍ମୀ ମାନଙ୍କ ପକେଟ ଗରମ କରାଯାଇଥିଲା। ଭତା ପାଇବା ଆଶାରେ ଚାତକ ପରି ଚାହିଁ ଚାହିଁ ୫ ବର୍ଷ ବିତି ଗଲା, କିନ୍ତୁ ଭୋଟରଙ୍କୁ ଆଉ ଭତା ମିଳି ନ ଥିଲା। ଅନ୍ୟପକ୍ଷରେ ବିଧାୟକ ହେବା ପରେ ଚମ୍ପୁଆ ମାଟି ମାଡି ନ ଥିବା ସନାତନ ମହାକୁଡ଼ଙ୍କ କର୍ମୀ ମାନଙ୍କ ଉତ୍ପାତ ଚମ୍ପୁଆର ଗ୍ରାମାଚଂଳଠୁ ନେଇ ସହର ସବୁଠି କେହି ଭୁଲି ନ ଥିବାବେଳେ ୨୦୧୯ ନିର୍ବାଚନରେ ନିଜର ଅନୁଗତ ଭକ୍ତବନ୍ଧୁ ମହାନ୍ତଙ୍କ ପତ୍ନୀ ମିନାକ୍ଷୀ ମହାନ୍ତଙ୍କୁ ବିଧାୟିକା ପ୍ରାର୍ଥୀ କରିଥିଲେ ସନାତନ। ସେତେବେଳେ ସନାତନ ପୁଣି ଥରେ ଲୋକଙ୍କୁ ଅଧୁରା କାମକୁ ପୁରା କରିବାର ସ୍ୱପ୍ନ ଦେଖାଇ ଜନତାଙ୍କୁ ଭୁଆଁ ଭୁଲାଇ ଥିବାବେଳେ ସାଧାରଣ ଜନତା ସନାତନଙ୍କୁ ଭରଷା କରି ମିନାକ୍ଷୀ ମହାନ୍ତଙ୍କୁ ବିଧାୟିକା କରିଥିଲେ। କିନ୍ତୁ, ମିନାକ୍ଷୀଙ୍କ ଠାରୁ ନିଜର ସ୍ୱାର୍ଥ ହାସଲ କରି ନ ପାରିବାରୁ ସନାତନ ଓ ମିନାକ୍ଷୀଙ୍କ ସମ୍ପର୍କ ମଧ୍ୟରେ ତିକ୍ତତା ସୃଷ୍ଟି ହୋଇଥିଲା। ଫଳରେ ସନାଙ୍କ ଠାରୁ ମିନାକ୍ଷୀ ଅଲଗା ହୋଇ ଯାଇଥିବା ବେଳେ ସନା ଓ ମୀନାଙ୍କ ଅହି ନକୁଳ ସମ୍ପର୍କ ଭିତରେ ପେଶି ହେଲେ ସାଧାରଣ ଜନତା। ନଡ଼ିଆ ଛୁଇଁ ନିୟମ କରିଥିବା ଭୋଟର ନିଜ ଧର୍ମୀୟ ଭାବନାରେ କୁଠାରାଘାତ କରି ଦୀର୍ଘ ବର୍ଷ ବର୍ଷ ଧରି ଭତାରୁ ବଂଚିତ ହୋଇଥିବା ବେଳେ ଏବେ ପୁଣି ନିଜ ସ୍ୱାର୍ଥ ପାଇଁ ବିଜେଡି ଦଳରୁ ବିଧାୟକ ପ୍ରାର୍ଥୀ ହୋଇଥିବା ସନାତନ ବାକି ପଡି ଥିବା ଭତା ଟଙ୍କା ନ ଦେଲେ ଭୋଟ ଦେବୁ ନାହିଁ ବୋଲି ମଧ ସାଧାରଣରେ ଶୁଣିବାକୁ ମିଳୁଛି। ଯାହା ସନାଙ୍କ ପ୍ରତି ରହିଥିବା ଲୋକଙ୍କ ନିରବ ବିରୋଧକୁ ପଦାରେ ପକାଇଛି। ତେବେ ଆଗାମୀ ନିର୍ବାଚନରେ ଏକ ତରଫା ବିଜୟର ସ୍ୱପ୍ନ ଦେଖି ସନାତନଙ୍କ ଏହି ଭତା ରାଜନୀତି ତାଙ୍କ ପରାଜୟର ରାସ୍ତାକୁ ପରିଷ୍କାର କରୁଛି ବୋଲି ରାଜନୈତିକ ସମୀକ୍ଷକ ମହଲରେ ଆଲୋଚନା ହେଉଛି।

# ପ୍ରେମବିବାହ ପାଇଁ ଶବକୁ ଜାତି ସମାଜ କରିଦେଲା ପର : ଅଛୁଆଁ ଶବ ଏବଂ ଅନ୍ୟ ଦୁଇ ଅପରିଚିତ ଶବକୁ ସସମ୍ମାନେ ସତ୍କାର କଲା ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନ

ବଲାଙ୍ଗୀର, ୨୨/୫ (ନି.ପ୍ର): ଜାତିପ୍ରଥାର ଶିକାର ହୋଇଥିବା ଗୋଟିଏ ଶବ ଏବଂ ଦୁଇଟି ଅପରିଚିତ ଶବ ମିଶି ତିନୋଟି ଶବକୁ ଏକାସାଙ୍ଗରେ ସସମ୍ମାନେ ସତ୍କାର କରିଛି ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ। ବଲାଙ୍ଗୀର ଜିଲ୍ଲା ଦେଓଗାଁ ବ୍ଲକ ଭାଲୁମୁକୁନ୍ଦ ଗ୍ରାମର ବଶିଷ୍ଠ ଧରୁଆ ଅନ୍ୟ ଜାତିର ଝିଅକୁ ପ୍ରେମବିବାହ କରି ନିଜ ଗ୍ରାମରେ ରହିଆସୁଥିଲେ। ପାରିବାରିକ କାରଣରୁ ଗତକାଲି ନିଜ ଘରେ ସେ ଆତ୍ମହତ୍ୟା କରିଦେଇଥିଲେ। ତାଙ୍କ ସ୍ତ୍ରୀ ଝୁମି ଧରୁଆଙ୍କ କହିବାନୁଯାୟୀ ସେ ନିଜେ କେଉଟ ଜାତିର ଝିଅ ହୋଇଥିବା ବେଳେ ଗଣ୍ଡ ଜାତିର ପୁଅକୁ ପ୍ରେମବିବାହ କରିଥିବାରୁ ମୃତ୍ୟୁ ପରେ ଜାତି ସମାଜ ତାଙ୍କ ସ୍ୱାମୀଙ୍କ ଶବକୁ ବାସନ୍ଦ କରିଦେଇଥିଲେ। ସ୍ୱାମୀଙ୍କ ଅସ୍ୱାଭାବିକ ମୃତ୍ୟୁ ପରେ ଅନେକ ଅନୁରୋଧ କରିବା ସତ୍ତ୍ୱେ ମଧ ଗାଁରେ ଜାତି ଭାଇମାନେ ଶବକୁ ଛୁଇଁବେ ନାହିଁ କି ଦାହ କରିବେ ନାହିଁ ବୋଲି ରୋକଠୋକ ମନା କରିଦେଇଥିଲେ। ଫଳରେ ହତଭାଗା ସ୍ତ୍ରୀ ଜଣକ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଯୋଗାଯୋଗ କରିବା ସହିତ ନିଜ ଛୋଟ ଛୋଟ ଦୁଇ ପୁଅଝିଅଙ୍କୁ ଧରି ବଲାଙ୍ଗିର ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ପହଂଚିଥିଲେ। ସ୍ଥାନୀୟ ପୋଲିସକୁ ଖବର କରି ଏକ ଅପମୃତ୍ୟୁ ମାମଲା ରୁଜୁ କରାଯିବା ପରେ ପୋଲିସ ଉପସ୍ଥିତିରେ ଶବ ବ୍ୟବଚ୍ଛେଦ କରାଯାଇ ସ୍ତ୍ରୀଙ୍କୁ ହସ୍ତାନ୍ତର କରଯାଇଥିଲା। ପରେ ଶବ ସତ୍କାର ପାଇଁ ମୃତକଙ୍କ ସ୍ତ୍ରୀ ଝୁମି ଧରୁଆ ନିଜକୁ ଅସହାୟ ମଣିବାରୁ ସ୍ୱାମୀଙ୍କ ଶବକୁ ସ୍ଥାନୀୟ ପୋଲିସ ଉପସ୍ଥିତିରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନକୁ ଲିଖିତ ହସ୍ତାନ୍ତର କରିଦେଇଥିଲେ। ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ମହାପ୍ରୟାଣ ଗାଡିରେ ଶବକୁ ସ୍ଥାନୀୟ ବିଭୁତିପଡା ଶ୍ମଶାନକୁ ନେଇ ସସମ୍ମାନେ ସତ୍କାର କରି ଫେରିଥିଲେ।

ଏହାସହ ଟିଟିଲାଗଡରୁ ଭିନ୍ନ ଭିନ୍ନ ସମୟରେ ସ୍ଥାନୀୟ ସ୍ୱେଚ୍ଛାସେବୀ ମାନେ ଦୁଇଜଣ ବ୍ୟକ୍ତିଙ୍କୁ ଆଣି ଭୀମ ଭୋଇ ମେଡିକାଲ କଲେଜ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତି କରି ଚାଲି ଯାଇଥିଲେ। କିଛିଦିନ ପରେ ଚିକିତ୍ସାଧିନ ଅବସ୍ଥାରେ ଭିନ୍ନ ଭିନ୍ନ ସମୟରେ ଉଭୟଙ୍କର ମୃତ୍ୟୁବରଣ ଘଟିଯାଇଥିଲା। ସ୍ଥାନୀୟ ପୋଲିସ ଶବ ଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ କରିବା ପରେ ଔପଚାରିକତା ଦୃଷ୍ଟିରୁ ଶବ ଚିହ୍ନଟ ପାଇଁ ଶବ ସଂରକ୍ଷଣ କେନ୍ଦ୍ରରେ ସଂରକ୍ଷିତ ରଖିଥିଲା। କୌଣସି ପରିଚୟ ନମିଳିବାରୁ ବଲାଙ୍ଗୀର ସ୍ୱେଚ୍ଛାସେବୀ ସଂଗଠନକୁ ଯୋଗାଯୋଗ ପରେ ସଦସ୍ୟମାନେ ଶବ ଦ୍ୱୟକୁ ମହାପ୍ରୟାଣ ଗାଡିରେ ସ୍ଥାନୀୟ ବିଭୁତିପଡା ଶ୍ମଶାନକୁ ନେଇ ସମ୍ମାନର ସହ ସତ୍କାର କରି ଫେରିଥିଲେ।

ଏହିପରି ଭାବରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା ଏକାସାଙ୍ଗରେ ତିନିଗୋଟି ଅସହାୟ ଶବ ସତ୍କାର ସମ୍ପନ୍ନ କରାଯାଇଥିଲା। ଏହି ଶବ ସତ୍କାରରେ ବଲାଙ୍ଗିର ସ୍ୱେଚ୍ଛାସେବୀ ସଂଗଠନର ଗୋବିନ୍ଦ ଚନ୍ଦ୍ର ଶତପଥୀ, ରବୀନ୍ଦ୍ର ପ୍ରଧାନ, ଲିଙ୍କନ ସେଠ, ସୀମାଂଚଳ ସୁନା, ପ୍ରଦୀପ ଜୁଏଡ, ସୁବାଷ ବାଗ ଓ ତନ୍ମୟ ପୁଟେଲ ସାମିଲ ରହିଥିଲେ।

## ନବ ବିବାହିତା ମହିଳାଙ୍କ ଆତ୍ମହତ୍ୟା ମାମଲା: ସ୍ୱାମୀ ଗିରଫ

ଜୟପୁର, ୨୨/୫ (ନି.ପ୍ର): ନବ ବିବାହିତା ମହିଳା ବିଷ ପାନ କରି ଆତ୍ମହତ୍ୟା ମାମଲାରେ ସ୍ୱାମିକୁ ଗିରଫ କରିଛି ଜୟପୁର ସଦର ପୋଲିସ। ଗିରିଫ ଅଭିଯୁକ୍ତ ଜଣକ ହେଲା ଢେପଗୁଡାର ବୁଦୁରା ରଣା (୨୪)। ପୋଲିସ ସୂଚନା ଅନୁଯାଇ, ଗତ ୧୮ ତାରିଖରେ ବାରିଣିପୁଟର ସୁଲତା ପରଜା (୧୯) ବିଷ ପାନ କରି ଆତ୍ମହତ୍ୟା କରିଥିଲେ। ବାରିଣୁପଟର ସୁଲତା ପରଜା ଗତ ୧ ବର୍ଷ ତଳେ ବୁଦୁରା ରଣାଙ୍କୁ ପ୍ରେମ ବିବାହ କରିଥିଲେ। ପାରିବାରିକ ନିର୍ଯ୍ୟାତନା ସହିନ ପାରି ବିଷ ପାନ କରିଥିଲେ ସୁଲତା। ଗୁରୁତର ଅବସ୍ଥାରେ ସୁଲତାକୁ ଜୟପୁର ସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତି କରିଥିଲେ। ଅବସ୍ଥା ଗୁରୁତର ହେବାରୁ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତରିତ କରାଯାଇଥିଲା। ଚିକିତ୍ସାଧିନ ଅବସ୍ଥାରେ ମହିଳାଙ୍କ ମୃତ୍ୟୁ ହୋଇଛି। ସ୍ୱାମୀ ଓ ପରିବାର ଲୋକଙ୍କ ନିର୍ଯ୍ୟତନା ସହିନ ପାରି ଏପରି ଆତ୍ମହତ୍ୟା କରିଥିବା ମହିଳାଙ୍କ ପରିବାର ତରଫରୁ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରଥିଲା। ତଦନ୍ତରେ ଜାଣି ଅଭିଯୁକ୍ତ ସ୍ୱାମିକୁ ଆଜି ଗିରଫ କରି କୋର୍ଟ ଚାଲାଣ କରିଥିବା ବିଷୟ ସଦର ଥାନା ଅଧିକାରି ଇଶ୍ୱର ତାଣ୍ଡି ସୂଚନା ଦେଇଛନ୍ତି।

# ତହସିଲଦାର ଚୁପ୍, ଜେସିବି ଲଗାଇ ବେଧଡ଼କ ଚାଲିଛି ରାଜସ୍ୱ ଲୁଟ୍, ବାଲି ସହ ନଦୀର ମାଟିକୁ ବି ଛାଡୁ ନାହାଁନ୍ତି ମାଫିଆ

ହରିଚନ୍ଦନପୁର, ୨୨/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ତହସିଲଦାର ଚୁପ୍, ବେଧଡ଼କ ଚାଲିଛି ରାଜସ୍ୱ ଲୁଟ୍, ବୃଦ୍ଧି ହେଉଛି ଜନ ଅସନ୍ତୋଷ। ଖବର ମୁତାବକ, ସ୍ଥାନୀୟ ତହସିଲ ନିକଟସ୍ଥ ମୂଷଳ ନଦୀରୁ ବେଧଡ଼କ ଭାବେ ଜେସିବି ମେସିନ୍ ଲଗାଇ ଦିନରାତି ଚାଲିଛି କୋଟି କୋଟି ଟଙ୍କାର ରାଜସ୍ୱ ଲୁଟ୍। ଏଠାରେ ଜନସାଧାରଣଙ୍କ ପ୍ରଶ୍ନ ଯେ, ଏଥିପ୍ରତି ପ୍ରଶାସନର ଦୃଷ୍ଟି ଆକର୍ଷଣ ହେଉନାହିଁ ନା ସବୁ ଜାଣିଶୁଣି ବି ସାଜିଛନ୍ତି ନିରବଦ୍ରଷ୍ଟା। ସୂଚନା ଅନୁଯାୟୀ, ମୂଷଳ ନଦୀର ଗର୍ଭରେ ଭରପୁର ବାଲି ରହିଥିବା ସତ୍ତ୍ୱେ ପ୍ରଶାସନ ନିଲାମ ଦେବାରେ ଅକ୍ଷମର ଫାଇଦା ଉଠାଇଲେ ମାଫିଆ। ଏପଟେ କୋଟି କୋଟି ଟଙ୍କାର ରାଜସ୍ୱ ହାନି ଘଟିଥିବା ବେଳେ ସେପଟେ ମାଫିଆ ମାଲେ ମାଲ୍ ତ ସରକାରୀ କର୍ମଚାରୀ ମାଲେ ମାଲ୍ ହୋଇଥିବା ହାଟ ବଜାରରେ ଚର୍ଚ୍ଚାର ବିଷୟ ପାଲଟିଛି। ଦୀର୍ଘଦିନ ହେବ ପ୍ରଶାସନର ଜାଣତରେ କଲେଜ ପଛପାଖ ସାପୁଆ ଘାଟରୁ ପ୍ରତ୍ୟେକ ଦିନ ଓ ରାତିରେ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଛି। ଏନେଇ ପୂର୍ବରୁ ତହସିଲଦାରଙ୍କ ନିକଟରେ ବାରମ୍ବାର ଦୃଷ୍ଟି ଆକର୍ଷଣ ସତ୍ତ୍ୱେ ଆଜି ପର୍ଯ୍ୟନ୍ତ ନିଆଯାଇନାହିଁ କୌଣସି ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ। ସାପୁଆ ଘାଟକୁ ସରକାରୀ ରାସ୍ତା ନଥିବା କାରଣରୁ ଉକ୍ତ ବାଲି ଘାଟର ଅନୁମତି ନଥିବା ବେଳେ ଅହରହ ମେସିନ୍ ଲଗାଇ ବାଲି ଉତୋଳନ ହେଉଛି। ଥାନା ଓ ତହସିଲ କାର୍ଯ୍ୟାଳୟ ସମ୍ମୁଖ ଦେଇ ପ୍ରତ୍ୟେକ ଦିନ ଟ୍ରାକ୍ଟର, ମିନି ଟ୍ରକ୍, ଅଟୋ ରିକ୍ସା, ଡମ୍ପର ଯୋଗ ଚୋରା ଚାଲାଣ ଚାଲିଛି। ଦିନ ରାତି ବେଧଡକ ବାଲି ଚୋରା ଚାଲାଣ ହେଉଥିଲେ ମଧ ପ୍ରଶାସନର ନିଷ୍କ୍ରିୟତା ବାଲି ମାଫିଆଙ୍କୁ ଉତ୍ସାହିତ କରୁଛି। ଯାହାର ଫାଇଦା ନେଇ ଏ ଅଂଚଳର ବାଲି ମାଫିଆ ଉତୋଳନ ବାଲିକୁ ଉଚ୍ଚ ଦରରେ ବିକ୍ରି କରି ମାଲେ ମାଲ୍ ହେଉଥିବା ଦେଖିବାକୁ ମିଳିଛି। ଉକ୍ତ ଘାଟରୁ ପ୍ରତ୍ୟେକ ଦିନ ଶହଶହ ଟ୍ରିପ୍ ବାଲି ଚୋରା ଚାଲାଣ ହେଉଥିବା ବେଳେ ନଦୀ ଗର୍ଭରେ ଥିବା ଗଛିତ ବାଲି ସରିଗଲାଣି। ଗଛିତ ବାଲି ସରିବା କାରଣରୁ ମାଫିଆମାନେ ଲୋଭରେ କାର୍ଯ୍ୟ ବନ୍ଦ ନକରି ରାତିରେ ମେସିନ୍ ଲଗାଇ ନଦୀ ମଧ୍ୟରେ ଗଭୀର ଗାତ ଖୋଳି ବାଲି ମିଶ୍ରିତ ମାଟିକୁ ମଧ ଛାଡୁ ନାହାନ୍ତି। ଦିନ ବେଳେ ବେଧଡ଼କ ଭାବେ ବ୍ରଜମୋହନପୁର ଗ୍ରାମ ନିକଟସ୍ଥ ନଦୀରୁ ବାଲି ଉତୋଳନ କରୁଥିବା ନଜିର ରହିଛି। ଏଥିସହ ରାତି ତମାମ୍ କଲେଜ ପଛ ପାଖରୁ ବିନା ଅନୁମତିରେ ବିଭିନ୍ନ ଲୋକଙ୍କ ପଟ୍ଟାଭୂକ୍ତ ଜମି ମଧ ଦେଇ ବେଆଇନ ଭାବେ ରାଜସ୍ୱ ଲୁଟୁଥିବା ଅଭିଯୋଗ ରହିଛି। ପ୍ରଶାସନର ନିରବତାକୁ ନେଇ ଏଭଳି ଖଣିଜ ଦ୍ରବ୍ୟ ଚୋରା ଚାଲାଣ ଓ କାରବାରରେ ଏ ଅଂଚଳର ମାଫିଆ ଗୋଷ୍ଠୀ ବେଶ୍ ସକ୍ରିୟ ଥିବା ଦେଖିବାକୁ ମିଳୁଛି। ମୂଷଳ ନଦୀର ଗର୍ଭରୁ ବାଲି ସରିବା କାରଣରୁ ଆଗାମୀ ଦିନରେ ଏଠାକାର ସ୍ଥାନୀୟ ବାସିନ୍ଦା ନିଜନିଜ ଘର ମରାମତି ପାଇଁ ମଧ ବାହାରୁ ଅଧିକ ଦାମରେ ବାଲି କିଣିବାକୁ ପାଇଁ ବାଧ ହେବେ। ତେଣୁ ବେଳ ଥାଉଁ ଥାଉଁ ଏ ଅଂଚଳର ବୁଦ୍ଧିଜୀବି ତଥା ଜନସାଧାରଣ ଏନେଇ ଦୃଷ୍ଟି ଦେଲେ ଆଗାମୀ ଦିନର ବଡ଼ ଚିନ୍ତା ଦୂର ହୋଇପାରିବ। ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଯଥାଶୀଘ୍ର ଉକ୍ତ ବେଆଇନ ବାଲି ଘାଟକୁ ସିଜ୍ କରିବା ସହ ଉତୋଳନ ଓ ଚାଲାଣକାରୀଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେଲେ ଏ ଅଂଚଳବାସୀ ଉପକୃତ ହୁଅନ୍ତେ।

# ବରିଷ୍ଠ ସାମ୍ବାଦିକ ନିରଞ୍ଜନ ମହାନ୍ତଙ୍କ ସ୍ମୃତି ଚାରଣ ସଭା

ଘଟଗାଁ, ୨୨/୫ (ନି.ପ୍ର): କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ବିନିଦା ପଂଚାୟତର ଜଣେ ଅମାୟିକ ମେଳାପି ମିଷ୍ଟଭାଷୀ ମଣିଷ ତଥା ଜଣେ ବରିଷ୍ଠ ସାମ୍ବାଦିକ ନିରଞ୍ଜନ ମହାନ୍ତ ଙ୍କର ଏକାଦଶ କ୍ରିୟା ଅବସର ରେ ଏକ ସ୍ମୃତି ଚରଣ ସଭା ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଧର ସାହୁ ଙ୍କ ସଂଯୋଜନା ରେ ବଶିଷ୍ଠ ପାଲାଗାୟକ ନାରାୟଣ ଚନ୍ଦ୍ର ଦାସ ଙ୍କ ସଭାପତିତ୍ୱରେ ଏହି ସ୍ମୃତି ଚରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୂଖ୍ୟ ଅତିଥି ଭାବେ ବିଶିଷ୍ଟ ପାଲା ଗାୟକ ଢ଼ ଧିରେନ ମହାନ୍ତି, କବି ସୌରବ ପ୍ରସନ୍ନ କୁମାର ଲେଙ୍କା , ତୁଳସୀ ଚରଣ ମହାନ୍ତ ,ଅଲେଖ ଚନ୍ଦ୍ର ସେଠୀ, ଶତ୍ରୁଘ୍ନ ବାରିକି, ସନାତନ ମହାରଣା, ରମାକାନ୍ତ ପାତ୍ର, ଶ୍ରୀବସ୍ତ ନାହାକ, କିଶୋର ମହାନ୍ତି, ଅର୍ଜୁନ ଚରଣ ସାହୁ, ନାରାୟଣ ମହାନ୍ତ, ସାମ୍ବାଦିକ ରତିକାନ୍ତ ସାଜୁଙ୍କ ସହିତ ସମାଜ ସେବୀ ବଜୟନ୍ତି ବାରିକ୍ ,ଖବର କାଗଜ ସଂପାଦକ ତନୟା ପଟ୍ଟନାୟକ ପ୍ରମୁଖ ଯୋଗ ଦେଇ ଶ୍ରୀ ମହାନ୍ତ ଙ୍କ ଗୁଣ ଗାନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଥିଲେ। ଅନ୍ୟ ମାନ ଙ୍କ ଭିତରେ ପତ୍ନୀ ବିଦୁତ୍ ଲତା ମହାନ୍ତ ଝିଅ ଉଲକା ମହାନ୍ତ ସାନ ଝିଅ ଲିମିକା ମହାନ୍ତ ଓ ବନ୍ଧୁ ପରିଜନ ପ୍ରମୁଖ ଶ୍ରଦ୍ଧା ସୁମନ ଅର୍ପଣ କରିଥିବା ବେଳେ ବିଦ୍ୟାଧର ସାହୁ ସମସ୍ତ ଙ୍କୁ ଧନ୍ୟବାଦ୍ ଅର୍ପଣ କରିଥିଲେ।ଉକ୍ତ କାର୍ଯ୍ୟକ୍ରମକୁ ଆତ୍ମୀୟ ସ୍ୱଜନ ବନ୍ଧୁ ଓ ପରିବାର ବର୍ଗ ସମୂହ ପ୍ରମୁଖ ପରିଚାଳନା କରି ଥିଲେ।

# ସମ୍ଭାବ୍ୟ ବାତ୍ୟାକୁ ଦୃଷ୍ଟିରେ ରଖି ଅତ୍ୟାବଶ୍ୟକୀୟ ସାମଗ୍ରୀର ବଜାର ଦର ନିୟନ୍ତ୍ରଣ କରିବାକୁ ସମାଜବାଦୀ ପାର୍ଟିର ଦାବି

ଭୁବନେଶ୍ୱର, ୨୨/୫ (ନି.ପ୍ର): ଆଗାମୀ ଦୁଇ ତିନିଦିନ ଭିତରେ ବଙ୍ଗୋପସାଗରରେ ଲଘୁଚାପ ଜନିତ ବାତ୍ୟା ସୃଷ୍ଟି ହେବା ସହିତ ଉପକୂଳ ଓଡ଼ିଶାରେ ଦୁଇଦିନ ଧରି ପ୍ରବଳ ବର୍ଷା ସାଙ୍ଗକୁ ୬୦/୭୦ କିଲୋମିଟର ବେଗରେ ପବନ ବହିବ ବୋଲି ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ବାତ୍ୟା ଆଶଙ୍କା ଗଣମାଧ୍ୟମରେ ପ୍ରସାରିତ ହେବା ପରେ ଲୋକମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି ହୋଇଛି। ବାତ୍ୟା ହେବା ଶୁଣିବା ଦିନଠାରୁ ଅତ୍ୟାବଶ୍ୟକୀୟ ସାମଗ୍ରୀର ବଜାର ଦର ପ୍ରତିଦିନ ବଢିବାରେ ଲାଗିଛି। ବାତ୍ୟା ସମୟରେ ଲୋକମାନେ ଅଧିକ ମାତ୍ରାରେ ଚାଉଳ, ଡାଲି, ଅଟା, ଚା, ଚିନି, ଆଳୁ ଓ ପିଆଜ ଭଳି ଅତ୍ୟାବଶ୍ୟକୀୟ ସାମଗ୍ରୀ କିଣିବା ପାଇଁ ବାଜରରେ ଭିଡ଼ ଜମାଉଛନ୍ତି। କଳାବଜାରୀ ଏବଂ ମହଜୁଦକାରୀମାନେ ଏହାର ଫାଇଦା ନେଇ ଖାଉଟିଙ୍କୁ ଲୁଟିବାରେ ଲାଗିଛନ୍ତି। ସମ୍ଭାବ୍ୟ ବାତ୍ୟାକୁ ଆଖି ଆଗରେ ରଖି ଅତ୍ୟାବଶ୍ୟକୀୟ ସାମଗ୍ରୀର ବଜାର ଦର ନିୟନ୍ତ୍ରଣ କରିବାକୁ ସମାଜବାଦୀ ପାର୍ଟି ଦାବି କରିଛି।

ସମାଜବାଦୀ ପାର୍ଟି ସଭାପତି ରବି ବେହେରା ଏକ ପ୍ରେସ୍ ବିବୃତ୍ତିରେ କହିଛନ୍ତି ଯେ, ରାଜ୍ୟ ଖାଉଟି ଓ ଯୋଗାଣ ବିଭାଗ ସମ୍ଭାବ୍ୟ ବାତ୍ୟାର ମୁକାବିଲା ପାଇଁ ବଜାର ଦରକୁ ନିୟନ୍ତ୍ରଣ ଭିତରେ ରଖିବାକୁ ପଦକ୍ଷେପ ନେବା ଉଚିତ୍। ତୁରନ୍ତ ବିଭାଗୀୟ କମିଶନର ଏକ ଉଚ୍ଚସ୍ତରୀୟ ବୈଠକ ଡାକି ପରିସ୍ଥିତିର ସମୀକ୍ଷା କରିବା ସଙ୍ଗେ ସଙ୍ଗେ ବ୍ୟବସାୟୀ ମହାସଂଘ, ପନିପରିବା ବ୍ୟବସାୟୀ ସଂଘ ସହିତ ଆଲୋଚନା କରି ବଜାର ଦର ସ୍ଥିର ରଖିବାକୁ ଶ୍ରୀ ବେହେରା ଦାବି କରିଛନ୍ତି। ବିଭିନ୍ନ ଜିଲ୍ଲାପାଳମାନେ ଅତ୍ୟାବଶ୍ୟକୀୟ ସାମଗ୍ରୀର କଳାବଜାରୀ ଓ ହୋର୍ଡିଂକୁ ନିୟନ୍ତ୍ରଣ କରିବା ପାଇଁ ସରକାର ତୁରନ୍ତ ନିର୍ଦ୍ଦେଶ ଦେବାକୁ ଏହି ଉଚ୍ଚସ୍ତରୀୟ ବୈଠକରେ ପଦକ୍ଷେପ ନେବାକୁ ଶ୍ରୀ ବେହେରା ଏହି ପ୍ରେସ୍ ବିଜ୍ଞପ୍ତି ଜରିଆରେ ସରକାରଙ୍କ ହସ୍ତକ୍ଷେପ କରିଛନ୍ତି।

# ବଲାଣି ଖଣିରେ ବାୟୋମେଟ୍ରିକ ଉପସ୍ଥାନକୁ ବିରୋଧ: ଖଣି ମୁଖ୍ୟ ମହାପ୍ରବନ୍ଧକଙ୍କୁ ସ୍ମାରକପତ୍ର ପ୍ରଦାନ

ବଲାଣି, ୨୨/୫ (ନି.ପ୍ର): ରାଷ୍ଟ୍ରାୟତ ଉଦ୍ୟୋଗ ଭାରତୀୟ ଇସ୍ପାତ ପ୍ରାଧିକରଣ(ସେଲ୍) ଅନ୍ତର୍ଗତ ରାଉରକେଲା ଇସ୍ପାତ କାରଖାନା ଅଧିନସ୍ଥ ଓଡିଶା ଖଣି ସମୂହର ସବୁଠାରୁ ବଡ଼ ଖଣି ଭାବରେ ପରିଗଣିତ ବଲାଣି ଖଣିରେ ଶ୍ରମିକ ଅଶାନ୍ତି ଜାରି ରହିଛି। ବଲାଣି ଖଣି କର୍ତ୍ତୃପକ୍ଷ ଖଣିରେ କର୍ମଚାରୀଙ୍କ ଉପସ୍ଥାନ ନିମନ୍ତେ ବାୟୋମେଟ୍ରିକ ଉପସ୍ଥାନକୁ ଆଗାମୀ ଜୁନ ପହିଲା ଠାରୁ ଜୋର ଜବରଦସ୍ତ ଭାବରେ ଲାଗୁ କରିବାକୁ ଯୋଜନା କରୁଥିବା ବେଳେ କର୍ମଚାରୀ ମହଲରେ ଏହାକୁ ଘୋର ବିରୋଧ କରାଯାଇଆସୁଛି। ବଲାଣି ଖଣିରେ କାର୍ଯ୍ୟରତ ସମସ୍ତ ୭ଟି ଟ୍ରେଡ୍ ୟୁନିୟନ ସେଲ୍ କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତିକୁ ମିଳିତ ଭାବରେ ବିରୋଧ କରି ଏହି ନିଷ୍ପତି ବିରୋଧରେ ହାତକୁ ହାତ ମିଳାଇ ସଂଗଠିତ ହୋଇଛନ୍ତି। ଏ ନେଇ ମିଳିତ ଶ୍ରମିକ ସଂଘ ପକ୍ଷରୁ ମଙ୍ଗଳବାର ବଲାଣି ଖଣିର ମୁଖ୍ୟ ମହାପ୍ରବନ୍ଧକ ଜୟଦେବ ଚଟ୍ଟୋପାଧ୍ୟାୟଙ୍କୁ ୪୦୦ରୁ ଉର୍ଦ୍ଧ୍ୱ କର୍ମଚାରୀଙ୍କ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଶ୍ରମିକ ସଂଗଠନର ନେତାମାନେ କହିଛନ୍ତି ଯେ, ଏପରି ନିଷ୍ପତିକୁ ସେଲ୍ ର ବିଭିନ୍ନ ଏକକରେ ଲାଗୁ କରାଯିବାକୁ ଜାତୀୟ ଇସ୍ପାତ ସଂଯୁକ୍ତ କମିଟି(ଏନଜେସିଏସ୍) ବିରୋଧ କରି ଆସୁଥିବା ସହିତ ବର୍ତମାନ ସ୍ଥିତିରେ ଏହା ଜାତୀୟ ସ୍ତରରେ ବିଚାରଧୀନ ଅବସ୍ଥାରେ ରହିଛି। କୌଣସି ନୀତିଗତ ନିଷ୍ପତି ବିଚାରାଧୀନ ଅବସ୍ଥାରେ ରହିଥିବା ବେଳେ ବଲାଣି ଖଣିରେ ବାୟୋମେଟ୍ରିକକୁ ଜୋରଜବରଦସ୍ତ ଭାବରେ ଲାଗୁ କରିବାକୁ ମସୁଧା କରାଯାଉଛି। ଏହା ବ୍ୟତୀତ ସେଲ୍ ର ଅନ୍ୟାନ୍ୟ କାରଖାନା ଓ ଖଣିରେ ବାୟୋମେଟ୍ରିକ ଉପସ୍ଥାନ ବର୍ତମାନ ସୁଦ୍ଧା ବ୍ୟବହାରକୁ ଆଣିବାକୁ ଯୋଜନା କରାଯାଇନଥିବା ସ୍ଥଳେ ଏଠାରେ ଏହାକୁ ଜୋର ଜବରଦସ୍ତ ଲାଗୁ କରାଯାଉଛି। ଏହାଦ୍ୱାରା କର୍ମଚାରୀ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେବା ସହିତ କର୍ମଚାରୀଙ୍କ ବ୍ୟକ୍ତିଗତ ଗୋପନୀୟତା ଲୋପ ପାଇବାର ସମ୍ଭାବନା ରହିଛି। ତେଣୁ ଖଣି କର୍ତ୍ତୃପକ୍ଷଙ୍କ ଏପରି ନିଷ୍ପତିକୁ ସମସ୍ତ ଶ୍ରମିକ ସଙ୍ଗଠନ ସହ ସମସ୍ତ କର୍ମଚାରୀ ବିରୋଧ କରିଛନ୍ତି। ଯଦି ବଲାଣି ଖଣି କର୍ତ୍ତୃପକ୍ଷ ଆଗାମୀ ଜୁନ ୧ ତାରିଖରୁ ଏହାକୁ ଜୋର ଜବରଦସ୍ତ ଲାଗୁ କରିବେ ତେବେ ଖଣିରେ ଔଦ୍ୟୋଗିକ ଅନିଶ୍ଚିତତା ନିମନ୍ତେ ଖଣି କର୍ତ୍ତୃପକ୍ଷ ନିଜେ ଦାୟୀ ରହିବେ ବୋଲି ଶ୍ରମିକ ନେତା ଚେତାବନୀ ଦେଇଛନ୍ତି।

ଏହି ସ୍ମାରକ ପତ୍ର ପ୍ରଦାନ ସମୟରେ ଏଆଇଟିୟୁସି, ବିଏମ ଏସ୍, ସିଆଇଟିୟୁ, ରିକ୍ସ,ଏଚ ଏମ୍ ଏସ୍, ଆଇ ଏନ ଟି ୟୁ ସି, ଜି ଏମ୍ ଏମ୍ ଆଦି ଶ୍ରମିକ ସଙ୍ଗଠନର ନେତୃବୃନ୍ଦଙ୍କ ସମେତ ଅନେକ କର୍ମଚାରୀ ଉପସ୍ଥିତ ଥିଲେ।

## ନବ ଦମ୍ପତିଙ୍କ ରକ୍ତ ଦାନ ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା, ୨୨/୫ (ନି.ପ୍ର): କେନ୍ଦ୍ରାପଡା କନ୍ତିଆ ଗ୍ରାମର ନବ ଦମ୍ପତି ରାଜେଶ ବାରିକ ଓ ଭଦ୍ରବୀ ବାରିକଙ୍କ ବିବାହର ପ୍ରଥମ ବାର୍ଷିକ ଉତ୍ସବରେ ଗ୍ରୀଷ୍ମ ସମୟରେ ରକ୍ତର ଘୋର ଅଭାବ ଥିବା ଜାଣିବା ପରେ ଉଭୟ ଦମ୍ପତି ସ୍ୱଇଛା ରେ ରକ୍ତଦାନ କରିବା ପରେ ବିଭିନ୍ନ ସ୍ଥାନରେ ବୃକ୍ଷରୋପଣ କରିଥିଲେ। ଶ୍ରୀ ଜଗନ୍ନାଥ ଚାରି ଟେବୁଲ ଟ୍ରଷ୍ଟର ସଦସ୍ୟମାନେ ନବ ଦମ୍ପତିଙ୍କୁ ଏହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ଆୟୋଜିତ ଏହି କାର୍ଯ୍ୟକ୍ରମରେ ଟ୍ରଷ୍ଟର ସଭାପତି ଦମନ ମହାନ୍ତି, ନଳିନୀକାନ୍ତ ବେହେରା, କାଳନ୍ଦୀ ମଳିକ, ମନୋଜ ରାଉତ, ବାସନ୍ତୀ ମହାପାତ୍ର, ମମତା ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ।

# ଶୃଙ୍ଖଳିତ ନିର୍ବାଚନ ପାଇଁ ପ୍ରାର୍ଥୀ ଓ ପ୍ରତିନିଧିଙ୍କୁ ପର୍ଯ୍ୟବେକ୍ଷକ ଓ ପ୍ରଶାସନର ଅନୁରୋଧ

ପୁରୀ, ୨୨/୫ (ନି.ପ୍ର): ପୁରୀ ଜିଲ୍ଲାର ୬ ଗୋଟି ବିଧାନସଭା ନିର୍ବାଚନ ମଣ୍ଡଳୀ ମଧ୍ୟରୁ ପୁରୀ, ବ୍ରହ୍ମଗିରି, ସତ୍ୟବାଦୀ ଓ ପିପିଲି ନିର୍ବାଚନ ମଣ୍ଡଳୀରେ ଚଳିତ ମାସ ୨୫ ତାରିଖରେ ଓ ନିମାପଡା, କାକଟପୁର ନିର୍ବାଚନ ମଣ୍ଡଳୀରେ ଜୁନ ୧ ତାରିଖରେ ମତଦାନ ଅନୁଷ୍ଠିତ ହେବ। ସକାଳ ୭ଟାରୁ ସଂଧ୍ୟା ୬ଟା ପର୍ଯ୍ୟନ୍ତ ଭୋଟର ମାନେ ସେମାନଙ୍କ ନିର୍ଦ୍ଧାରିତ ବୁଥ ମାନଙ୍କରେ ମତଦାନ କରିବେ। ନିର୍ବାଚନକୁ ଶାନ୍ତି ଶୃଙ୍ଖଳାର ସହ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେଣୁ ସମସ୍ତ ରାଜନୈତିକ ଦଳ, ପ୍ରାର୍ଥୀ ଓ ସେମାନଙ୍କ ପ୍ରତିନିଧି ମାନେ ଏଥିରେ ସହଯୋଗ କରିବାକୁ ଜିଲ୍ଲା ନିର୍ବାଚନ ଅଧିକାରୀ ତଥା ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ସାଧାରଣ ପର୍ଯ୍ୟବେକ୍ଷକ କୁନାଲ ପ୍ରକାଶ ଖେମନର, ଖର୍ଚ୍ଚ ପର୍ଯ୍ୟବେକ୍ଷକ ସୁଧାଂଶୁ ଧର ମିଶ୍ର ଓ ଏସପି ପିନାକ ମିଶ୍ର ଅନୁରୋଧ କରିଛନ୍ତି। ଆଜି ପୂର୍ବାହ୍ନରେ ସର୍କିଟ ହାଉସ ଠାରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧି ମାନଙ୍କ ସହ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଅଧ୍ୟକ୍ଷତା କରି ଜିଲ୍ଲାପାଳ ଶ୍ରୀ ସ୍ୱାଇଁ ଜିଲ୍ଲାରେ ନିର୍ବାଚନକୁ ଶୃଙ୍ଖଳିତ ଭାବେ ପରିଚାଳନା ପାଇଁ ସମସ୍ତ ବ୍ୟବସ୍ଥା ପ୍ରାର୍ଥୀ ଓ ପ୍ରତିନିଧିଙ୍କ ଉପସ୍ଥିତି, ସହଯୋଗ ଓ ସହମତିରେ ଗ୍ରହଣ କରାଯାଇଛି। ତେଣୁ ପ୍ରାର୍ଥୀ ଓ ପ୍ରତିନିଧି ମାନେ ନିର୍ବାଚନ ପୂର୍ବ, ନିର୍ବାଚନ ଦିନ ଓ ନିର୍ବାଚନ ପରବର୍ତୀ ସମୟରେ ଶୃଙ୍ଖଳା ଓ ଭାଇଚାରା ବଜାୟ ରଖିବାରେ ସହଯୋଗ କରିବାକୁ ଅନୁରୋଧ କରିଥିଲେ। ପର୍ଯ୍ୟବେକ୍ଷକ ମାନେ ପ୍ରାର୍ଥୀ ଓ ପ୍ରତିନିଧି ମାନଙ୍କୁ କୌଣସି ଠାରେ ଯଦି ନିର୍ବାଚନ ସମ୍ପର୍କୀୟ ସମସ୍ୟା ବା ଅଭିଯୋଗ ରହୁଛି ତେବେ ସେମାନଙ୍କୁ ସେମାନଙ୍କ ପ୍ରଦତ ନମ୍ବର, ଅଭିଯୋଗ ପ୍ରକୋଷ୍ଠ, ଏଫଏସଟି, ଏସଏସଟି କୁ ଅବଗତ କରାଇବା ସହ ସମ୍ପୂର୍ଣ୍ଣ ପ୍ରକ୍ରିୟାରେ ସହଯୋଗର ସହ କାମ କରିବାକୁ ପରାମର୍ଶ ଦେଇଥିଲେ। ଅଭିଯୋଗ ପ୍ରକୋଷ୍ଠ ନମ୍ବର ୧୯୫୦, ସାଧାରଣ ପର୍ଯ୍ୟବେକ୍ଷକ କୁନାଲ ଖେମନରଙ୍କ ନମ୍ବର ୭୭୫୨୦୪୮୧୯୬ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଶ୍ରୀ ମିଶ୍ରଙ୍କ ନମ୍ବର ୮୪୮୦୮୬୯୨୦୫, ଖର୍ଚ୍ଚ ପର୍ଯ୍ୟବେକ୍ଷକ ମଦନପାଲ ସିଂଙ୍କ ନମ୍ବର ୮୪୮୦୮୬୯୩୫୨ ରହିଛି। ସେହିପରି ପୁରୀ ଲୋକସଭା ନିର୍ବାଚନ ପାଇଁ ନିଯୁକ୍ତ ଏଆରଓ ବା ସହକାରୀ ରିଟର୍ଣ୍ଣିଂ ଅଫିସର ପୁରୀ ସଦର ନିର୍ବାଚନ ମଣ୍ଡଳୀ ପାଇଁ ପୁରୀ ଉପ ଜିଲ୍ଲାପାଳଙ୍କୁ ୭୬୮୨୯୯୧୬୪୬, ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଓ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ୯୪୩୯୭୦୫୭୯୦, ସତ୍ୟବାଦୀ ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନଙ୍କୁ ୯୪୩୭୭୧୩୩୮, ପିପିଲି ନିର୍ବାଚନ ମଣ୍ଡଳୀ ପାଇଁ ଅତିରିକ୍ତ ଉପ ଜିଲ୍ଲାପାଳଙ୍କୁ ୭୨୦୫୦୪୬୯୦୮, ଚିଲିକା ନିର୍ବାଚନ ମଣ୍ଡଳୀ ପାଇଁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଙ୍କୁ ୯୪୩୭୪୬୧୯୪୭, ରଣପୁର ନିର୍ବାଚନ ମଣ୍ଡଳୀ ପାଇଁ ନୟାଗଡ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ)ଙ୍କୁ ୯୪୩୮୧୭୧୪୦୬ ଓ ନୟାଗଡ଼ ନିର୍ବାଚନ ମଣ୍ଡଳୀ ପାଇଁ ଉପଜିଲ୍ଲାପାଳ ନୟାଗଡ଼ଙ୍କୁ ୮୨୪୯୧୨୯୩୯୩ ନମ୍ବରରେ ଅଭିଯୋଗ କରାଯାଇ ପାରିବ। ଏସପି ଶ୍ରୀ ମିଶ୍ର ସୁରକ୍ଷା ପାଇଁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ତେବେ ପ୍ରାର୍ଥୀ, ପ୍ରତିନିଧି ଓ କର୍ମୀ ମାନେ ଶୃଙ୍ଖଳିତ ଭାବେ ନିର୍ବାଚନରେ ସାମିଲ ହୋଇ ଜିଲ୍ଲାର ସମ୍ମାନ ରଖିବା ପାଇଁ ଅନୁରୋଧ କରିଥିଲେ। ସମସ୍ତ ମତଦାନ କେନ୍ଦ୍ର ଓ ଗଣତି କେନ୍ଦ୍ର ପାଇଁ ଏଜେଂଟ ଦେବା, ଇଭିଏମ ଷ୍ଟ୍ରଙ୍ଗ ରୁମ ଖୋଲା ସମୟରେ ପ୍ରାର୍ଥୀ ବା ପ୍ରତିନିଧି ଉପସ୍ଥିତ ରହିବାକୁ ଅବଗତ କରାଯାଇଥିଲା। ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପାଇଁ ଚଳିତ ମାସ ୨୩ ତାରିଖରେ ପୁଲିଂ ପାର୍ଟି କୁ ବୁଥ ମାନଙ୍କୁ ପ୍ରେରଣ କରାଯିବ।

# କେନ୍ଦ୍ରାପଡ଼ା ଲୋକସଭା କଂଗ୍ରେସ ପ୍ରଚାର କମିଟି ଗଠନ

କେନ୍ଦ୍ରାପଡ଼ା, ୨୨/୫ (ନି.ପ୍ର): କେନ୍ଦ୍ରାପଡା ଲୋକସଭା ନିର୍ବାଚନର ପ୍ରଚାର ଓ ପ୍ରସାରକୁ ତ୍ୱରାନ୍ୱିତ କରିବା ନେଇ ଓଡିଶା ପ୍ରଦେଶ ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡା ଲୋକସଭା ପ୍ରଚାର କମିଟି ଗଠନ କରାଯାଇଛି। ଏହାର ଅଧ୍ୟକ୍ଷ ସେକ ଜାହିର ମହମ୍ମଦ ନାମ ତାଲିକା ଘୋଷଣା କରିଛନ୍ତି। ଉକ୍ତ କମିଟିରେ ଉଦୟଭାନୁ ପଢ଼ିହାରୀ ଉପାଧ୍ୟକ୍ଷ ଭାବେ ନିଯୁକ୍ତି ପାଇଥିବା ବେଳେ ଆବାହକ ଭାବେ ସତ୍ୟପ୍ରିୟ ସାମଲଙ୍କୁ ନିଯୁକ୍ତ ପ୍ରଦାନ କରାଯାଇଛି। ଅନୁରୂପ ଭାବେ କେନ୍ଦ୍ରାପଡା ଲୋକସଭା ଅନ୍ତର୍ଗତ ୧୪ଟି ବ୍ଲକର ୧୪ ଜଣଙ୍କୁ ବ୍ଲକ ସଂଯୋଜକ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଆଳିର ବିଶ୍ୱଜିତ ତରାଇ, ରାଜକନିକାର ସତ୍ୟ ପରିଡା, ରାଜନଗରର ପ୍ରଶାନ୍ତ ପାତ୍ର, ପଟ୍ଟାମୁଣ୍ଡାଇର ଅକ୍ଷୟ କୁମାର ସେଠି, କେନ୍ଦ୍ରାପଡା(୧)ର ରାଜେଶ କୁମାର ନାୟକ, କେନ୍ଦ୍ରାପଡା(୨)ର ସେକ ନିୟାଜୁଦ୍ଦିନ, ମହାକାଳପଡ଼ାର ଚି ରଞ୍ଜନ ତରାଇ, ମାର୍ଶାଘାଇର ରାଜୁ ମଣ୍ଡଳ, ଗରଦପୁରର ସୋମ୍ୟାଜିତ ସାମଲ, ଡେରାବିସର ପ୍ରଭୁଦତ ପଣ୍ଡା, ମାହାଙ୍ଗାର ଦେବେନ୍ଦ୍ର ପରିଡା, ନିଶ୍ଚିତକୋଇଲିର ଯତୀନ୍ଦ୍ର କୁମାର ଲେଙ୍କା, ସାଲେପୁରର ଆକିବୁଲ ବାରି ଓ ଟାଙ୍ଗିର ବଳରାମ ତରାଇ ପ୍ରମୁଖ ବ୍ଲକ ସଂଯୋଜକ ଭାବେ ନିଯୁକ୍ତି ପାଇଛନ୍ତି ବୋଲି କେନ୍ଦ୍ରାପଡା ଲୋକସଭା ପ୍ରଚାର କମିଟି ଅଧ୍ୟକ୍ଷ ସେକ ଜାହିର ମହମ୍ମଦ ଏକ ପ୍ରେସ ବିଜ୍ଞପ୍ତିରେ ପ୍ରକାଶ କରିଛନ୍ତି।

# ଘରେ ଘରେ ଅନସୂୟାଙ୍କ ନିର୍ବାଚନୀ ପ୍ରଚାର: ମିଶ୍ରଣ ପର୍ବରେ ସାମିଲ ହେଲେ ଶତାଧିକ ଯୁବଛାତ୍ର



ବଡସାହି, ୨୨/୫ (ନି.ପ୍ର): ବଡସାହି ନିର୍ବାଚନକୁ ମାତ୍ର ଆଉ ରହିଲା ୯ଦିନ। ଫଳରେ ସବୁ ଦଳ ପକ୍ଷରୁ ପ୍ରଚାର ମଧ୍ୟ ଜମିଛି । ପ୍ରଚାରରେ ବିଜେଡି ଅଗରେ ଥିବାର ଜଣାଯାଇଛି । ବଡସାହି ବିଧାୟିକା ପ୍ରାର୍ଥୀନୀ ଅନସୂୟା ପାତ୍ର ଓ ଓ ସଂାସଦ ପ୍ରାର୍ଥୀନୀ ଲେଖାଶ୍ରୀ ସାମନ୍ତସିଂହାର ବଡସାହି ନିର୍ବାଚନମଣ୍ଡଳୀ ଅଧିନ ୪୫ଟି ପଂଚାୟତରେ ବାଇକ୍ ର୍‍ୟାଲି ମାଧ୍ୟମରେ ଗାଁକୁ ଗାଁ ଓ ଘରକୁ ଘର ବୁଲି ବିଭିନ୍ନ କାର୍ଯ୍ୟକ୍ରମ ସହିତ ଭୋଟ ଭିକ୍ଷା କରୁଥବାର ଦେଖିବାକୁ ମିଳିଛି । ବିଭିନ୍ନ ସ୍ଥାନରେ ଶତାଧିକ ମହିଳା ମାନେ ସେମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଛନ୍ତି । ନିର୍ବାଚନ ଯେତେ ପାଖଉଛି ପ୍ରଚାର ମଇଦାନ ସେତେ ସରଗରମ ହେଉଛି । ଏହି ପ୍ରଚାରର ମଙ୍ଗ ଧରିଛନ୍ତି ପୂର୍ବତନ ବିଧାୟକ ଗଣେଶ୍ୱର ପାତ୍ର ଓ ମନୋରଂଜନ ସେଠୀ, ନିର୍ବାଚନ ମଣ୍ଡଳୀ ସଂଯୋଜିକା ସବିତା ହାଁସଦା, ଜିଲ୍ଲା ପରିଷଦ ସଦସ୍ୟା ସୁବାସିନୀ ନାଏକ, ବିଶ୍ୱନାଥ ହେମ୍ରମ୍ବ, ସବିତା ଦାସ ଓ ଧାନୀ କିସ୍କୁ, ବଡସାହି ବ୍ଲକ୍ ଅଧକ୍ଷ୍ୟା ମିନତୀ ସିଂ, ଉପାଧକ୍ଷ୍ୟ କାଂଚନ ପ୍ରଧାନ, ବେତନଟୀ ବ୍ଲକ୍ ଅଧକ୍ଷ୍ୟା କୌଶଲ୍ୟା ମାଝୀ, ବେତନଟୀ ମହିଳା ସଭାପତି ସେହ୍ନଲତା ପାଣି, ଫେଡରେସନ ସଭାପତି ପୂର୍ଣ୍ଣିମା ମିଶ୍ର ଓ ଭାରତୀ ଦାସ, ବେତନଟୀ ବ୍ଲକ୍ ସଭାପତି ସନ୍ତକ ଲେଙ୍କା, ଜିଲ୍ଲା ସଂପାଦକ ପ୍ରକାଶ ଚନ୍ଦ୍ର ଦଳେଇ, ଅଭିନ୍ନ ସୁନ୍ଦର ପାତ୍ର, ବଡସାହି ବ୍ଲକ୍ ସଂଯୋଜକ ସନ୍ତୋଷ କୁମାର ଜେନା, ଜୋନ ସଂଯୋଜକ ରାଜେନ୍ଦ୍ର ବେହେରା, ଜ୍ଞାନରଂଜନ ଦାଶ, ରବି ଧଳ ଓ ଚିନ୍ମୟ ପଣ୍ଡା, ବରିଷ୍ଠ ନେତା ରଣଜିତ ପାତ୍ର, ସାଧାରଣ ସଂପାଦକ ବୃନ୍ଦାବନ ଦାସ, ଯୁବ ସଭାପତି ନିହାର ରଂଜନ ମହାପାତ୍ର ଓ ମାନସ ଜେନା, ଯୁବ ନିର୍ବାଚନଣ୍ଡଳୀ ସଭାପତି ରାକେଶ ମହାପାତ୍ର, ଛାତ୍ର ସଭାପତି ବାଇଧର ବିନ୍ଧାଣୀ, ମନିଷ ଗିରି । ପ୍ରାର୍ଥୀନୀମାନଙ୍କ ସହିତ ସେମାନେ ମଧ୍ୟ ଘରକୁ ଘର ବୁଲି ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠ ଥର ପାଇଁ ମୁଖ୍ୟମନ୍ତ୍ରୀ କରିବା ପାଇଁ ବିଜେଡି ପାଇଁ ଭୋଟ ମାଗୁଛନ୍ତି । ସେ ସମୟରେ ନବୀନ ପଟ୍ଟନାୟକଙ୍କର ଜନ କଲ୍ୟାଣକାରୀ ଯୋଜନା, ବିକାଶ ମୂଳକ କାର୍ଯ୍ୟକ୍ରମ ଓ ରୂପାନ୍ତରିତ ଓଡିଶାରେ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମକୁ ଲୋକଙ୍କ ସାମ୍ନାକୁ ଆଣୁଛନ୍ତି । ସେହିପରି ବଡସାହି ନିର୍ବାଚନମଣ୍ଡଳର ସ୍ତରୀୟ କାର୍ଯ୍ୟାଳୟରେ ନିର୍ବାଚନମଣ୍ଡଳୀ ସଂଯୋଜକ ସୁବ୍ରମଣ୍ୟମ ମହାନ୍ତ, ବ୍ଲକ୍ ସଭାପତି ତପନ କୁମାର ପତି, ଯୁବ ସଭାପତି ନିହାର ରଂଜନ ମହାପାତ୍ର, ନିର୍ବାଚନ ମଣ୍ଡଳୀ ଯୁବ ସଭାପତି ରାକେଶ ମହାପାତ୍ର ଓ ଛାତ୍ର ସଭାପତି ବାଇଧର ବିନ୍ଧାଣୀଙ୍କ ଉପସ୍ଥିତିରେ ବିଭିନ୍ନ ପଂଚାୟତର ଶତାଧିକ ଯୁବଛାତ୍ର ନେତା ବିଜେପି ଓ କଂଗ୍ରେସ ଦଳ ଛାଡି ବିଜେଡିରେ ସାମିଲ ହାଇଛନ୍ତି । ସେମାନେ ଗତ ୫ବର୍ଷ ଧରି ପ୍ରତାରିତ ହୋଇଥିବା ବେଳେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେଡିରେ ସାମିଲ ହୋଇଥିବାର ପ୍ରକାଶ କରିଛନ୍ତି । ସେମାନେ ଏକ ବିରାଟ ବାଇକ୍ ର୍‍ୟାଲିରେ ଆସି ଦଳୀୟ କାର୍ଯ୍ୟାଳୟରେ ପଂହଚିବା ପରେ ସେମାନଙ୍କ ଦଳ ପକ୍ଷରୁ ସ୍ୱାଗତ କରାଯାଇଥିବାର ଦେଖିବାକୁ ମିଳିଥିଲା ।

# କଂଗ୍ରେସ ଦଳ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ସମାବେଶ




ବାସୁଦେବପୁର, ୨୨/୫ (ନି.ପ୍ର): ବାସୁଦେବପୁର ନିର୍ବାଚନ ମଣ୍ଡଳୀର ଆର୍ଡୁଂ ପଞ୍ଚାୟତର ବାରା ପୁର ପଡିଆରେ ବାସୁଦେବପୁର ଭାରତୀୟ ଜାତୀୟ କଂଗ୍ରେସ ପକ୍ଷରୁ ପରିବର୍ତ୍ତନ ସଂକଳ୍ପ ସମାବେଶ ଅନୁଷ୍ଠିତ ହୋଇ ଯାଇଛି । ଏହି ସମାବେଶରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକ। ଶ୍ରୀ ପଟ୍ଟନାୟକ ଏହି ସମାବେଶରେ ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ର ବିଧାୟକ ପ୍ରାର୍ଥୀ ଅଶୋକ କୁମାର ଦାସ ଙ୍କ ପାଇଁ ନିର୍ବାଚନ ପ୍ରଚାରରେ ଆସି ସମସ୍ତ ଙ୍କୁ କଂଗ୍ରେସ ଦଳ ର ଆଦର୍ଶ ଓ ବିଭିନ୍ନ ଯୋଜନା ସମ୍ପର୍କରେ କହିଥିଲେ । ଏହି ସମାବେଶରେ ସାଂସଦ ପ୍ରାର୍ଥୀ ଅନନ୍ତ ପ୍ରସାଦ ସେଠୀ ଯୋଗ ଦେଇଥିଲେ । ଏହି ସମାବେଶରେ ଏକ ବିଶାଳ ବାଇକ୍ ଶୋଭାଯାତ୍ରା ଅନୁଷ୍ଠିତ ହୋଇ ଥିଲା । ହଜାର ହଜାର ଜନ ସାଧାରଣ ଏହି ସମାବେଶରେ ଯୋଗ ଦେଇଥିଲେ । ବାସୁଦେବପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ଦଳର ବିଧାନ ସଭା ପ୍ରାର୍ଥୀ ଅଶୋକ କୁମାର ଦାସ ଭୋଟର ଭାଇ ଭଉଣୀ ମାନଙ୍କୁ ଅଭିନନ୍ଦନ ଜଣାଇଥିଲେ ଏବଂ ସମସ୍ତ ଙ୍କୁ ହାତ ଚିହ୍ନରେ ଭୋଟ ଦେବା ପାଇଁ ଅନୁରୋଧ କରିଥିଲେ। ଏହି ଅବସରରେ ସାଧାରଣ ସଭା ଅନୁଷ୍ଠିତ ହୋଇ ଥିଲା । ବରିଷ୍ଠ ନେତା ରମେଶ ଚନ୍ଦ୍ର ବଳ, ଭକ୍ତ ରଞ୍ଜନ ପଟ୍ଟନାୟକ, ନାରୀ ନେତ୍ରୀ ମଞ୍ଜୁ ଲତା ପଣ୍ଡା, ଛାତ୍ର କଂଗ୍ରେସ ସଭାପତି ମନୋରଂଜନ ପାଢ଼ୀ, ଆର୍ଡୁଙ୍ଗ ସରପଞ୍ଚ ସୁବାସ ଚନ୍ଦ୍ର ସନ୍ଧି ବିଗ୍ରହ ବକ୍ତବ୍ୟ ପ୍ରଦାନ କରିଥିଲେ । ଏହି ସମାବେଶରେ ଯୁବ ନେତା ସୁଶାନ୍ତ ମହାକୁଡ, ସିଦ୍ଧାନ୍ତ ଦାସ, ପ୍ରଭାତ ବାରିକ, ଅକ୍ଷୟ ବାରିକ, ହରି ଶଙ୍କର ପଟ୍ଟନାୟକ ପ୍ରମୁଖ ଯୋଗ ଦେଇଥିଲେ ।

# ରତାଇ ହାଟ ପଡ଼ିଆରେ ଭାଜପାର ବିଶାଳ ନିର୍ବାଚନୀ ସଭା ଅନୁଷ୍ଠିତ




ଲଙ୍ଗଳେଶ୍ୱର , ୨୨/୫ (ନି.ପ୍ର): ସାରା ରାଜ୍ୟରେ ରାଜନୈତିକ ବାତାବରଣ ସରଗରମ ଥିବାବେଳେ, ବସ୍ତା ନିର୍ବାଚନ ମଣ୍ଡଳୀରେ ରାଜନୀତିକ ଉଷ୍ମତା ଧୀରେ ଧିରେ ବଢିବାରେ ଲାଗିଛି। ତିନି ପ୍ରମୁଖ ଦଳ ମଧ୍ୟରୁ ବିଜେଡି ଓ ଭାଜପା ଲୋକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ପଞ୍ଚାୟତର ଜନ ସମାବେଶକୁ ଜୋର ଦେଇଛନ୍ତି। ସେହିପରି ଭାଜପା ପକ୍ଷରୁ ଆଜି ବସ୍ତା ନିର୍ବାଚନ ମଣ୍ଡଳୀ ଅଧୀନ ବାଲିଆପାଳ ବ୍ଲକର ରତାଇ ରାବଣପୁଡି ପଡିଆରେ ବିଜେପି ପକ୍ଷରୁ ଏକ ନିର୍ବାଚନୀ ସଭା ଅନୁଷ୍ଠିତ ହୋଇଯାଉଛି । ଏହି ସଭାରେ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦାନ କରି ବସ୍ତା ନିର୍ବାଚନ ମଣ୍ଡଳୀର ବିଧାୟକ ପ୍ରାର୍ଥୀ ରବୀନ୍ଦ୍ର ନାଥ ଆଣ୍ଡିଆ ତଥା ବାଲେଶ୍ୱର ସଂସଦୀୟ କ୍ଷେତ୍ରର ସାଂସଦ ପ୍ରତାପ ଚନ୍ଦ୍ର ଷଡଙ୍ଗୀ ଙ୍କୁ ପଦ୍ମ ଫୁଲ ଚିହ୍ନ ରେ ବିପୁଳ ସଂଖ୍ୟାରେ ଭୋଟ ଦେଇ ବିଜୟ ଯୁକ୍ତ କରିବା ପାଇଁ ନିବେଦନ କରିଥିଲେ। ତତ ସହିତ କେନ୍ଦ୍ରମନ୍ତ୍ରୀ ଶ୍ରୀ ବୈଷ୍ଣବ ବାଲିଆପାଳ ପର୍ଯ୍ୟନ୍ତ ମାଲବାହୀ ଟ୍ରେନ ଚାଲିବା ସହ ପେସେଞ୍ଜର ଟ୍ରେନ ଚାଲିବ ବୋଲି ଜନସାଧାରଣ ଙ୍କୁ ପ୍ରତିଶୃତି ଦେଇଛନ୍ତି। ଶ୍ରୀ ଷଡଙ୍ଗୀ ବିଜେପି ଦ୍ୱାରା କରାଯାଇ ଥିବା ଜନହିତକର କାର୍ଯ୍ୟ ଗୁଡିକ ବିଷୟରେ ସୂଚନା ଦେବାସହ ରାଜ୍ୟ ସରକାରଙ୍କ ଅପାରଗ ଓ ତାମିଲ୍ ହାତରେ ଓଡିଶା ରାଜନୀତି ଚାଲିଥିବାର ମତବ୍ୟକ୍ତ କରିଥିଲେ। ଏହି ସମାବେଶ ରେ ଆଜିର ହଜାର ହଜାର ହଜାର ପୁରୁଷ ମହିଳା ଯୋଗ ଦେଇ କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ, ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ତଥା ବିଧାୟକ ପ୍ରାର୍ଥୀ ରବିନ୍ଦ୍ର ନାଥ ଅଣ୍ଡିଆଙ୍କୁ ପଞ୍ଚୁପାଲି ଛକରୁ ଏକ ବାଇକ ଶୋଭାଯାତ୍ରାରେ ରତାଇ ରାବଣପୋଡ଼ି ପଡିଆସ୍ଥ ସଭା ସ୍ଥଳକୁ ପାଛୋଟି ଆଣିଥିଲେ।

# ଶ୍ରୀରାମପୁର ଏବଂ ମଇଁଷାମୁଣ୍ଡାରେ ବିଜେଡିର ବୁଥ୍ ସ୍ତରୀୟ କର୍ମୀ ସମ୍ମିଳନୀ



ଲଙ୍ଗଳେଶ୍ୱର, ୨୨/୫ (ନି.ପ୍ର): ବାଲିଆପାଳ ବ୍ଲକ ଶ୍ରୀରାମପୁର ପଞ୍ଚାୟତର ଶ୍ରୀରାମପୁର ଏବଂ ମଇଁଷାମୁଣ୍ଡା ଗ୍ରାମରେ ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ବିଜେଡିର ବୁଥ୍ ସ୍ତରୀୟ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମପୁରରେ ଆୟୋଜିତ ବୁଥ୍ ସ୍ତରୀୟ କର୍ମୀ ସମ୍ମିଳନୀରେ ପଞ୍ଚାୟତର ସଭାପତି ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଷଷ୍ଠଥର ମୁଖ୍ୟମନ୍ତ୍ରୀ କରାଇବା ପାଇଁ ସମସ୍ତଙ୍କ ସହଯୋଗ କାମନା କରି ଏକ ସମୃଦ୍ଧ ଏବଂ ବିକଶିତ ବସ୍ତା ଓ ବାଲିଆପାଳ ଗଠନ କରିବା ପାଇଁ ଶଙ୍ଖ ଚିହ୍ନରେ ଦୁଇଥର ବଟମ୍ ଦବାଇ ଜୟଯୁକ୍ତ କରିବାକୁ ସମସ୍ତଙ୍କୁ ଅନୁରୋଧ କରିଥିଲେ । ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନାଙ୍କ ଝିଅ ସୁମନ ସରିତା ଜେନା ଯୋଗଦେଇ ମା' ସୁବାସିନୀଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ,ବରିଷ୍ଠ ନେତା ଅମୂଲ୍ୟ କୁମାର ସେଠୀ,ପରମାନନ୍ଦ ଜେନା,ସୁକାନ୍ତ କୁମାର ସାହୁ,ପୂର୍ବତନ ପଞ୍ଚାୟତ ସମିତି ଉପାଧକ୍ଷ ମମତା ବିଶ୍ୱାଳ, ଯୁଗଳ କିଶୋର ପାତ୍ର,ନିତ୍ୟାନନ୍ଦ ଜେନା, ଯୁବନେତା ଜୟ ନାରାୟଣ ଜେନା,ପ୍ରମୁଖ ବହୁ ନେତୃବୃନ୍ଦ ଉପସ୍ଥିତ ଥିଲେ । ସେହିପରି ମଇଁଷାମୁଣ୍ଡା ଗ୍ରାମରେ ଅନୁଷ୍ଠିତ କର୍ମୀ ସମ୍ମିଳନୀରେ ଶ୍ରୀରାମପୁର ସରପଞ୍ଚ ଦେବ କୁମାର ଦେ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବେ ବସ୍ତା ନିର୍ବାଚନମଣ୍ଡଳୀର ବିଧାୟିକା ପ୍ରାର୍ଥିନୀ ସୁବାସିନୀ ଜେନା ଯୋଗଦେଇ ଆସନ୍ତା ଜୁନ୍ ୧ ତାରିଖ ବସ୍ତା ନିର୍ବାଚନମଣ୍ଡଳୀର ସର୍ବାଙ୍ଗୀନ ଉନ୍ନତି କରିବା ପାଇଁ ଶଙ୍ଖ ଚିହ୍ନରେ ଦୁଇଥର ଭୋଟ ଦେବାକୁ ଅନୁରୋଧ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠନେତା ରମାକାନ୍ତ ସାହୁ, ଶରତ କୁମାର ସାହୁ, ହୃଦାନନ୍ଦ ସାହୁ, ବଂଶୀଧର ସାହୁ, ବଂଶୀଧର ମାଣିକ, ସପନ କୁମାର ସାହୁ ପ୍ରମୁଖ ବହୁ ନେତୃବୃନ୍ଦ ଏବଂ ଶତାଧିକ ପୁରୁଷ ଏବଂ ମହିଳା କର୍ମୀ ଉପସ୍ଥିତ ଥିଲେ ।

# ବସନ୍ତ ଲତା ପଟ୍ଟନାୟକ ପ୍ରାର୍ଥୀ ପତ୍ର ଖାରଜ ପାଇଁ ଜିଲ୍ଲା ପ୍ରଶାସନକୁ ଦାୟୀ କଲେ ଏହା ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା



ବାଲେଶ୍ୱର, ୨୨/୫ (ନି.ପ୍ର): ବାଲେଶ୍ୱର ଜିଲ୍ଲାର ୨୧/୦୫/୨୦୨୪ ରିଖ ଅପରାହ୍ନ ୪.୩୦ ରେ ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ( ପ୍ରତିମା ସେବା ସଦନ ତେଲେଙ୍ଗା ସାହି , ମୋଃହତାବ୍ ରୋଡ ବାସଭବନ ରେ ନିର୍ବାଚନ ଓ ନାମାଙ୍କନ ଖାରଜ ବିଷୟ ସମ୍ବଧିତ ଆଲୋଚନା ପାଇଁ ଏକ ସାମ୍ବାଦିକ ସମ୍ମିଳନୀ ଆୟଜନ କରିଥିଲେ। ଏପରିକି ସମାଜ ସେବୀ ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ବାଲେଶ୍ୱର ଜିଲ୍ଲାର ସଦର ନିର୍ବାଚନ ମଣ୍ଡଳୀରୁ ରାଷ୍ଟ୍ରୀୟ ସମାଜ ଦଳର ଲୋକସଭା ପ୍ରାର୍ଥୀନୀ ଭାବେ ନାମାଙ୍କନ ଦାଖଲ କରିଥିଲେ କିନ୍ତୁ ଲୋକୋସଭା ପ୍ରାର୍ଥୀନୀ ଶ୍ରୀମତୀ ବସନ୍ତ ଲତା ପଟ୍ଟନାୟକ ପ୍ରାର୍ଥୀ ପତ୍ର ନାକଚ ଅସନ୍ତୋଷ ବ୍ୟକ୍ତ କରିଥିଲେ, ଏଥିପାଇଁ ସେନେଇ ଜିଲ୍ଲା ପ୍ରଶାସନ ଏବଂ ଯାଞ୍ଚ ଦାୟିତ୍ୱ ରେ ଥିବା ଅଧିକାରୀଙ୍କୁ ଦାୟୀ କରିଛନ୍ତି । ସେ କହିଥିଲେ ଯେ ନାମାଙ୍କନ ପତ୍ର ଦାଖଲ ବେଳେ ସେଠାରେ ଥିବା ଅଧିକାରୀ ତାହାକୁ ଯାଞ୍ଚ କରିଥିଲେ ସବୁ ଠିକ୍ ଅଛି ବୋଲି ମଧ କହିଥିଲେ । ନାମାଙ୍କନ ପତ୍ର ପ୍ରଥମ ପୃଷ୍ଠା ରେ ଥିବା ଦୁଇଟି ସ୍ଥାନରେ ରିଟର୍ଣ୍ଣିଂ ଅଫିସର ଙ୍କ ସମ୍ମୁଖରେ ପୂରଣ କରିବାର ଉଲ୍ଲେଖ ଥିବା ସତ୍ତ୍ୱେ ସେମାନେ କରାଇଥିଲେ ରିଟର୍ଣ୍ଣିଂ ଅଫିସର ଏବଂ ତାଙ୍କ ସହଯୋଗୀ ତାଙ୍କ ପ୍ରାର୍ଥୀ ପତ୍ର କୁ ଦେଖି ଠିକ୍ ଅଛି ବୋଲି କହିଥିଲେ କିନ୍ତୁ ୧୫ ତାରିଖ ଯାଞ୍ଚ ବେଳେ ପ୍ରାର୍ଥୀ ପତ୍ର ରେ ଭୁଲ ଥିବା କହି ନାକାଚ କରିଥିଲେ ବୋଲି କହିଥିଲେ। ଦାୟିତ୍ୱ ରେ ଥିବା ଅଧିକାରୀଙ୍କ ଏଭଳି କାର୍ଯ୍ୟ ପାଇଁ ସେ ବଦନାମ ହେବା କହିଥିଲେ । ପ୍ରଶାସନ ଅଧିକାରୀ ଅନ୍ୟ ରାଜନୈତିକ ଦଳ ଠାରୁ ଟଙ୍କା ନେଇ ଏପରି କରିଛନ୍ତି ବୋଲି ସେ କହିଥିଲେ । ଏହା ଦ୍ୱାରା ସମ୍ମାନ ଓ ସ୍ୱାଭିମାନ ଉପରେ ଆଞ୍ଚ ଆସିଚି ବୋଲି ଶ୍ରୀମତୀ ପଟ୍ଟନାୟକ ଅଭିଯୋଗ କରିଥିଲେ । ଏହି ସାମ୍ବାଦିକ ସମ୍ମିଳନୀରେ ଚନ୍ଦ୍ରାୟ ହେମ୍ବ୍ରମ, ଅନୁରାଧା ବେହେରା , ଗୀତା ରାଓ , ସସ୍ମିତା ବିଶ୍ୱାଳ , ପୁଷ୍ପାଞ୍ଜଳି ପାଢ଼ୀ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିଲେ।

# ନିର୍ବାଚନ ପାଇଁ କଡାକଡି ସୁରକ୍ଷା ବ୍ୟବସ୍ଥା

ପୁରୀ , ୨୨/୫ (ନି.ପ୍ର): ଆଗାମୀ ନିର୍ବାଚନ ପାଇଁ ଜିଲ୍ଲା ପୋଲିସ ସମ୍ପୂର୍ଣ୍ଣ ସଜାଗ ରହିଛି ।ନିର୍ବାଚନ ପୂର୍ବ, ନିର୍ବାଚନ ଦିନ ,ନିର୍ବାଚନ ପରବର୍ତୀ ଦିନ ସହ ଭୋଟ ଗଣତି ପାଇଁ ସୁରକ୍ଷା ବ୍ୟବସ୍ଥା କୁ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ପିନାକ ମିଶ୍ର ଙ୍କ ନେତୃତ୍ୱରେ କଡାକଡି କରାଯାଇଛି ।ଜିଲ୍ଲାର ମୋଟ ୧୫୯୮ ଟି ବୁଥ ୧୨୨୨ ଟି ଲୋକେସନ ରେ ରହିଛି। ସେଥି ମଧ୍ୟରୁ ୧୮୨ ଟି ବୁଥ କୁ କ୍ରିଟିକାଲ ବା ସମ୍ବେଦନଶୀଳ ଭାବେ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ସୁରକ୍ଷା ପଦକ୍ଷେପ ନିଆ ଯାଇଛି ।୨୪୬ ଟି ସଖି ବୁଥ କରାଯାଇଛି। ୧୭୬ ଟି ସେକ୍ଟର ଓ ୧୦୨ ଟି ମୋବାଇଲ ଲୋକେସନ ହୋଇଛି ।୩୬ ଟି ଫ୍ଲାଇଙ୍ଗ ସ୍କ୍ୱାର୍ଡ,୩୬ ଷ୍ଟାଟିକ ସର୍ଭିଲାନ୍ସ ଟିମ,୮ଟି ଚେକପୋଷ୍ଟ ଓ ୬ ଟି କୁଇକ ରେସପନ୍ସ ଟିମ କାର୍ଯ୍ୟ କରୁଛି ।ନିୟମିତ ଧରପଗଡ଼ ସହ ଅବକାରୀ ଚଢ଼ାଉ ଜାରି ରହିଛି ଓ ୫୪୨ ଜଣ ଙ୍କୁ ଗିରଫ କରାଯାଇ ମାଦକ ଦ୍ରବ୍ୟ ମଧ ଜବତ ହୋଇଛି। ଲାଇସେନ୍ସ ପ୍ରାପ୍ତ ୬୬୮ ବନ୍ଧୁକକୁ ଫେରେଇ ଅଣା ଯାଉଛି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ....

### ବିଜେପି ଓ କଂଗ୍ରେସକୁ କଡ଼ା...

ସେନା ବାହିନୀର ଆର୍ଥିକ ଓ ସାମାଜିକ ସ୍ଥିତିକୁ ନେଇ ମଧ ବୟାନବାଜୀ ନ କରିବାକୁ କହିଛନ୍ତି। କମିଶନ କହିଛନ୍ତି, "ଭାରତର ସମ୍ବିଧାନକୁ ବଦଳାଇ ଦିଆଯିବ ବୋଲି ଗୋଟିଏ ଭ୍ରାନ୍ତ ଚିନ୍ତାଧାରା ସୃଷ୍ଟି କରିବା ଭଳି ବୟାନ ଠାରୁ ଷ୍ଟାର ପ୍ରଚାରକମାନେ ଯେମିତି ଦୂରେଇ ରହିବେ, ତାକୁ କଂଗ୍ରେସ ନିଶ୍ଚିତ କରୁ। କୌଣସି ଦଳ କିମ୍ବା ପ୍ରାର୍ଥୀ ଏମିତି କିଛି କାର୍ଯ୍ୟକ୍ରମ କରିପାରିବେ ନାହିଁ, ଯାହା ବିଭିନ୍ନ ଜାତି, ସଂପ୍ରଦାୟ, ଧାର୍ମିକ ଓ ଲିଙ୍ଗଗତ ଲୋକଙ୍କ ମଧ୍ୟରେ ବିଦ୍ୱେଷ ସୃଷ୍ଟି କରିବ।" ବିଜେପି ଓ କଂଗ୍ରେସ ପରସ୍ପର ବିରୋଧରେ ଆଣିଥିବା ଅଭିଯୋଗ ଉପରେ ରଖିଥିବା ମତକୁ ଅଗ୍ରାହ୍ୟ କରି ଦେଇଛନ୍ତି। ଏଥିସହ ନିର୍ବାଚନ ସମୟରେ ଅଧିକ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି।

### କାରରୁ ମିଳିଲା ୫ ଲକ୍ଷ:...

ଦେଇ ପାରି ନଥିଲେ। ଏହା ପରେ ପୁଲିସ୍ ଟଙ୍କା ଜବତ କରିଥିଲା। ଟଙ୍କା ଫେରସ୍ତ ପାଇବା ପାଇଁ ଖୋର୍ଦ୍ଧା ସ୍ଥିତ ଡିଷ୍ଟ୍ରିକ ଗ୍ରୀଭାନ୍ସ କମିଟି ନିକଟରୁ ଅନୁମତି ପତ୍ର ଆଣିବାକୁ ସେମାନଙ୍କୁ କୁହାଯାଇଥିବା ଭୁବନେଶ୍ୱର ଡିସିପି ଅଫିସ ପକ୍ଷରୁ ଜାରି ପ୍ରେସ୍ ରିଲିଜ୍‌ରେ କୁହାଯାଇଛି। ସୂଚନାଯୋଗ୍ୟ, ଗତକାଲି ରାଜଧାନୀର ଲକ୍ଷ୍ମୀସାଗର ଥାନା ପୁଲିସ୍ ଯାଞ୍ଚ ବେଳେ ଏକ କାରରୁ ଦେଢ଼ ଲକ୍ଷ ଟଙ୍କା ଜବତ କରିଥିଲା। ନିର୍ବାଚନ ଯୋଗୁ ଏବେ ଭୁବନେଶ୍ୱରରେ ପୁଲିସ୍ ପକ୍ଷରୁ ଗାଡ଼ିଗୁଡ଼ିକୁ ଯାଞ୍ଚ କରାଯାଉଛି।

### ନବୀନ ଓ ଅପରାଜିତ...

ତାଙ୍କ ସାଙ୍ଗରେ ମୋର ବିତର୍କ ହେବ। ଭୁବନେଶ୍ୱରର ବିଜେଡି ଲୋକସଭା ପ୍ରାର୍ଥୀ ମନ୍ମଥ ରାଉତରାୟଙ୍କୁ ଭୋଟ୍ ଦେବାକୁ ଅପିଲ୍ କରି ମଙ୍ଗଳବାର (ଗତକାଲି) ସକାଳେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏକ ଭିଡିଓ ଜାରି କରିଥିଲେ। ଏଥିରେ ସେ କହିଥିଲେ ଯେ ବର୍ତ୍ତମାନର ଭୁବନେଶ୍ୱର ସାଂସଦ ଗତ ୫ ବର୍ଷରେ ସେମିତି କିଛି ବଡ଼ କାମ କରି ନାହାନ୍ତି। ସେହିଭଳି ସେ ଏକାମ୍ର ଓ ଲିଙ୍ଗରାଜ ମନ୍ଦିରର ରୂପାନ୍ତରୀକରଣ କାର୍ଯ୍ୟକୁ ବନ୍ଦ କରିବାକୁ ଉଦ୍ୟମ କରିଥିଲେ। ଏହାର ଜବାବରେ ଅପରାଜିତା କହିଥିଲେ, ଲିଙ୍ଗରାଜ ମନ୍ଦିରର କାମ ମୁଁ ବନ୍ଦ କରିବାକୁ ଚେଷ୍ଟା କରିଥିଲି ବୋଲି ମୁଖ୍ୟମନ୍ତ୍ରୀ ଯେଉଁ ଅଭିଯୋଗ କରିଛନ୍ତି, ତା'ର କିଛି ପ୍ରମାଣ ତାଙ୍କ ପାଖରେ ଅଛି କି? ଏନେଇ ତାଙ୍କ ପାଖରେ କିଛି ଲିଖିତ ପ୍ରମାଣ ଅଛି କି? ଏ ନେଇ ମୁଁ କେବେ କୌଣସି ବକ୍ତବ୍ୟ ଦେଇଥିବାର ପ୍ରମାଣ ତାଙ୍କ ପାଖରେ ଅଛି ? ତାଙ୍କ ପାଖରେ ପ୍ରମାଣ ନାହିଁ। ଲିଙ୍ଗରାଜ ମନ୍ଦିରର କାମ ବିଷୟରେ ମୁଁ କେବେ ଆଲୋଚନା ହିଁ କରି ନାହିଁ। ଏଏସ୍ ?ଆଇ ତରଫରୁ ବହୁତ ଟଙ୍କା ଅଣାଯାଇ ବିଭିନ୍ନ ଦିଗରେ କାର୍ଯ୍ୟ କରାଯାଇଛି। ଯେତିକି ଲେଖିକି ଦିଆଯାଉଛି, ମୁଖ୍ୟମନ୍ତ୍ରୀ କେବଳ ସେତିକି କହି ଦେଉଛନ୍ତି। ପ୍ରମାଣ ଦେଖାଇବା କଥା। ତେଣୁ ସେ ଯେଉଁ ଅଭିଯୋଗ କରିଛନ୍ତି, ତାହା ଭିତ୍ତିହୀନ, ଆଧାରହୀନ ଓ ପୂରା ଭୁଲ୍।

### ସୃଷ୍ଟି ହେଲା ଲଘୁଚାପ ...

ବେଳକୁ ପବନର ବେଗ ସମୁଦ୍ରରେ ଅଧିକ ରହିବ। ଏହାକୁ ଦୃଷ୍ଟିରେ ରଖି ୨୩ ତାରିଖରୁ ସମୁଦ୍ର ମଧ୍ୟକୁ ଯିବାକୁ ମତ୍ସ୍ୟଜୀବୀଙ୍କୁ ବାରଣ କରାଯାଇଛି। ଯେଉଁମାନେ ସମୁଦ୍ରରେ ଅଛନ୍ତି ଫେରି ଆସିବାକୁ ସତର୍କ କରାଯାଇଛି। ଆଜିଠୁ ୨୫ ତାରିଖ ପର୍ଯ୍ୟନ୍ତ କେତେକ ସ୍ଥାନରେ କାଳବୈଶାଖୀ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହୋଇପାରେ। ୨୫ ତାରିଖରେ ପ୍ରବଳ ବର୍ଷା ନେଇ ବାଲେଶ୍ୱର ଜିଲ୍ଲାକୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ଏନେଇ ଆଇଏମଡି ଡିଜି ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି, ସୃଷ୍ଟି ହୋଇଥିବା ଲଘୁଚାପଟି ଓଡ଼ିଶା ଉପକୂଳ ଦେଇ ଅତିକ୍ରମ କରିବନି। ଓଡ଼ିଶା ଉପରେ ଏହାର କୌଣସି ସିଧାସଳଖ ପ୍ରଭାବ ରହିବ ନାହିଁ। କେବଳ ୨୫ ଓ ୨୬ ତାରିଖରେ ବାଲେଶ୍ୱର ଓ ଭଦ୍ରକ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଆଲର୍ଟ ଜାରି କରାଯାଇଛି। ୨ ଜିଲ୍ଲାର କିଛି ସ୍ଥାନରେ ପ୍ରବଳ ବର୍ଷା ହୋଇପାରେ।

### ଗିରିରାଜଙ୍କ ସିଧା...

କରିବା ଦରକାର। ହେଲେ ବିଜେପି ଓଡ଼ିଆର ପୁଅକୁ ହିଁ ମୁଖ୍ୟମନ୍ତ୍ରୀ କରିବ। ଏଥର ଓଡ଼ିଶାରେ ସରକାର ବଦଳିବ। ଓଡ଼ିଆ ଅସ୍ମିତାକୁ ବଞ୍ଚାଇବା ପାଇଁ ବିଜେପି ନୂତନ ସରକାର ଗଢ଼ିବ। ଗିରିରାଜ ସିଂହଙ୍କ ରୋଡ ଶୋ' ଭୂତାପଡ଼ାରୁ ଆରମ୍ଭ ହୋଇ ସୁନାପାଲି ଯାଏ ଯାଇଥିଲା। ଶୋଭାଯାତ୍ରାରେ ବିଜେପିର ବହୁ କର୍ମୀ ଓ ସମର୍ଥକ ସାମିଲ ହୋଇଥିଲେ। ଦୀର୍ଘ ସମୟ ଧରି ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହୋଇଥିବା ହଜାର ହଜାର ସଂଖ୍ୟାକ ସାଧାରଣ ଜନତା ଓ ବିଜେପି କର୍ମକର୍ତ୍ତାଙ୍କ ଅଭିବାଦନକୁ ହାତ ହଲାଇ ଶ୍ରୀ ସିଂହ ଗ୍ରହଣ କରିଥିଲେ।

### ପୁଣି ବିଜେଡିକୁ ଝଟକା: ଦଳକୁ ...

ନିକଟକୁ ପଠାଇ ଦେଇଛନ୍ତି। ଚଳିତ ନିର୍ବାଚନରେ ବିଧାୟକ ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପରିବର୍ତ୍ତେ ବିଜେଡି ସୁବାସିନୀ ସାହୁଙ୍କୁ ସିମୁଳିଆ ଆସନ ପାଇଁ ଟିକେଟ ଦେଇଛି। ଏହାକୁ ଖୋଦ ଜ୍ୟୋତିପ୍ରକାଶଙ୍କ ସମେତ ତାଙ୍କ ସମର୍ଥକମାନେ ସହଜେ ଗ୍ରହଣ କରି ପାରୁ ନ ଥିଲେ। ଫଳରେ ଗତ କିଛି ଦିନ ଧରି ଦଳୀୟ କାର୍ଯ୍ୟକ୍ରମରୁ ଦୂରେଇ ରହୁଥିବା ଜ୍ୟୋତିପ୍ରକାଶ ଆଜି ବିଜେଡି ପ୍ରାଥମିକ ସଦସ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ନିଜ ଅଞ୍ଚଳରେ ତାଙ୍କର ଭଲ ଦବଦବା ଥିବା ବେଳେ କ'ଣ ପାଇଁ ଏଥର ତାଙ୍କ ଟିକେଟ କଟିଛି ସେ ନେଇ କିଛି ସ୍ପଷ୍ଟ ଉତ୍ତର ମିଳି ପାରିନି। ତେବେ ଏବେ ତାଙ୍କ ରାଜନୈତିକ ଭବିଷ୍ୟତ କ'ଣ ହେବ, ସେ ଆଗାମୀ ଦିନରେ କେଉଁ ରାଜନୈତିକ ଦଳରେ ଯୋଗ ଦେବେ, ତାହା ଉପରୁ ପରଦା ହଟାଇ ନାହାନ୍ତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ । ଜ୍ୟୋତିପ୍ରକାଶ ପାଣିଗ୍ରାହୀଙ୍କ ପୂର୍ବରୁ ଗତ ୧୯ ତାରିଖରେ ନିମାପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ବିଜେଡି ଛାଡ଼ିଥିଲେ। ଟିକେଟ ନ ମିଳିବାରୁ ସେ ବି ବିଜେଡିର ପ୍ରାଥମିକ ସଦସ୍ୟ ପଦରୁ ସେ ଇସ୍ତଫା ଦେଇଥିଲେ। ୨୦୦୯, ୨୦୧୪ ଓ ୨୦୧୯ରେ ବିଜେଡି ଟିକେଟରେ ନିମାପଡ଼ାରୁ ବିଧାନସଭାକୁ ନିର୍ବାଚିତ ହୋଇଥିଲେ ସମୀର। ମାତ୍ର ଏଥର ଟିକେଟ କଟିବାରୁ ସେ ଅସନ୍ତୁଷ୍ଟ ଥିଲେ। ବାରମ୍ବାର ଶକ୍ତି ପ୍ରଦର୍ଶନ ସତ୍ତ୍ୱେ ଦଳ ତାଙ୍କୁ ଅଣଦେଖା କରିବାରୁ ଶେଷରେ ସେ ଦଳ ଛାଡ଼ି ବିଜେପିରେ ଯୋଗ ଦେଇଛନ୍ତି।

### ହେମନ୍ତ ସୋରେନ୍‌ଙ୍କୁ ....

ଏହାପୂର୍ବରୁ ଇଡି ସୁପ୍ରିମକୋର୍ଟଙ୍କୁ କହିଥିଲା ଯେ ଝାଡଖଣ୍ଡ ହାଇକୋର୍ଟଙ୍କ ଦ୍ୱାର ସୋରେନଙ୍କ ଗିରଫଦାରୀକୁ ସଠିକ୍ ବୋଲି ଦର୍ଶାଯାଇଛି। ତାଙ୍କର ନିୟମିତ ଜାମିନ ଆବେଦନକୁ ମେ ୧୩ ରେ ଟ୍ରାଏଲ କୋର୍ଟ ଖାରଜ କରିଛନ୍ତି। କହିରଖୁ ଯେ, ଜମି ଦୁର୍ନୀତି ମାମଲାରେ ଗିରଫ ହୋଇଥିବା ହେମନ୍ତ ସୋରେନ୍ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଦିଆଯାଇଥିବା ମଧବର୍ତ୍ତୀକାଳୀନ ଜାମିନ ବିଷୟରେ ଉଲ୍ଲେଖ କରି ନିଜ ପାଇଁ ସୁପ୍ରିମକୋର୍ଟରେ ବେଲ୍ ମାଗିଥିଲେ।

### ସ୍ୱାତୀ ମାଲିୱାଲ ...

ଦୁଇଟି ଦିଗ ରହିଛି। ପୁଲିସ୍ ଉଭୟ ଦିଗକୁ ଭଲ ଭାବେ ଯାଞ୍ଚ କରିବା ଉଚିତ। ନ୍ୟାୟ ହେବା ଦରକାର।"ମେ' ୧୩ରେ ସ୍ୱାତୀଙ୍କୁ ବୈଭବ କୁମାର ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ସେ ପରିୟଡରେ ଥିବା କହିଥିଲେ ହେଁ ବୈଭବ କୁମାର କିଛି ବି ଶୁଣି ନଥିଲେ। ଆକ୍ରମଣ ପରେ ତାଙ୍କ ହାତ ଫୁଲି ଯାଇଥିଲା ଓ ସେ ଠିକ ଭାବେ ଚାଲି ବି ପାରୁ ନଥିଲେ ବୋଲି କହିଥିଲେ। ଏହାର ତଦନ୍ତ ଏବେ ଦିଲ୍ଲୀ ପୁଲିସ୍ କରୁଛି। ଅନ୍ୟପକ୍ଷରେ ସ୍ୱାତୀ ମାଲିୱାଲ କହିଛନ୍ତି, "ଗତକାଲି ଦଳର ଜଣେ ବଡ଼ ନେତାଙ୍କ ଫୋନ ଆସିଥିଲା। ଦଳରେ ଥିବା ସମସ୍ତଙ୍କୁ ସ୍ୱାତୀଙ୍କ ବିରୋଧରେ କହିବାକୁ କେମିତି ଚାପ ପକା ଯାଉଛି, ସେକଥା ସେ ମୋତେ କହିଥିଲେ। ବ୍ୟକ୍ତିଗତ ଫଟୋ ଶେୟାର କରି ମୋତେ ଦୁର୍ବଳ କରିବାକୁ ସମସ୍ତଙ୍କୁ କୁହାଯାଇଛି। ଯଦି କେହି ମୋତେ ସମର୍ଥନ କରିବେ, ତା'ହେଲେ ତାଙ୍କୁ ଦଳରୁ ମଧ ବହିଷ୍କାର କରି ଦିଆଯିବାର ଚେତାବନୀ ଦିଆଯାଇଛି। କିଛି ଜଣଙ୍କୁ ସାମ୍ବାଦିକ ସମ୍ମିଳନୀ ଓ ଆଉ କିଛି ଜଣଙ୍କ ସୋଶାଲ ମିଡିଆରେ ପୋଷ୍ଟ କରିବା କାମ ଦିଆଯାଇଛି। ଆମେରିକାରେ ଥିବା ସ୍ୱେଚ୍ଛାସେବୀଙ୍କୁ ମଧ କଲ କରାଯାଉଛି ଓ ମୋ ବିରୋଧରେ କେଉଁଠି କ'ଣ ଅଛି, ସେସବୁ ଯୋଗାଡ଼ କରାଯାଉଛି।"

# କାଳବୈଶାଖୀରେ ବ୍ୟାପକ କ୍ଷୟକ୍ଷତି: ବଜ୍ରପାତରେ ଜଣଙ୍କ ମୃତ୍ୟୁ

ମାଲକାନଗିରି, ୨୨/୫ (ନି.ପ୍ର): ବାତ୍ୟା ଭଳି ମାଡ଼ିଆସିଲା କାଳବୈଶାଖୀ। ଯେତିକି ଡାକିଲା ତା ଠାରୁ ଅଧିକ ଉଜାଡ଼ିଲା। କିଛି ମିନିଟ୍ ମଧ୍ୟରେ ଶତାଧିକ ଘରକୁ ମାଟିରେ ମିଶାଇଦେଲା। ଗତକାଲି ସନ୍ଧ୍ୟାରେ ମାଲକାନଗିରି ଜିଲ୍ଲା କାଲିମେଳା ବ୍ଲକ୍ ରେ କାଳବୈଶାଖୀ ଭୀଷଣ ଆକାର ଧାରଣ କରି ବ୍ୟାପକ କ୍ଷୟକ୍ଷତି ଘଟାଇଛି କିଛି ଦିନ ହେଲା ଗରମ ହନ୍ତସନ୍ତ କରୁଥିଲା। ଗତକାଲି ସଂଧ୍ୟାରେ ହଠାତ୍ ପାଗ ପରିବର୍ତନ ହୋଇଥିଲା। ପବନ ବହିବା ସହ ତୁହାକୁତୁହା ବଜ୍ରପାତରେ ପ୍ରକମ୍ପିତ ହୋଇଥିଲା ଖଣ୍ଡମଣ୍ଡଳ। ରାତି ହେବା ବେଳକୁ ଘଡ଼ିଘଡ଼ି ସହ ବର୍ଷା ପରିବେଶକୁ ସଂପୂର୍ଣ୍ଣ ଶୀତଳ କରିଛି। କିନ୍ତୁ ବେଜାଙ୍ଗିବାଡ଼ା ଓ ଚିନ୍ତଲବାଡା ପଞ୍ଚାୟତରେ ବିପୁଳ କ୍ଷୟକ୍ଷତି ଘଟାଇଛି। କିଛି ଘଣ୍ଟାର ବର୍ଷା ଓ ପବନରେ ଶତାଧିକ ଘର ଭାଙ୍ଗିଯାଇଛି। ଚିନ୍ତାଳବାଡା ପଞ୍ଚାୟତ ରେ ପ୍ରାୟ ୧ ୫ ଟି ଘର ଭାଙ୍ଗି ଥିବା ବେଳେ ବେଜାଙ୍ଗିବାଡା ପଞ୍ଚାୟତରେ ୧ ୦ଟି ଘର ଭାଙ୍ଗି ଥିବା ଜଣାପଡ଼ିଛି। ସିନ୍ଧିଗୁଡା ଗ୍ରାମ ରେ ଅଙ୍ଗନବାଡି କେନ୍ଦ୍ର କୁ ଏମପିଭି ୨ ୧ ଗ୍ରାମ ରେ ଥିବା ଉଚ୍ଚ ମାଧମିକ ବିଦ୍ୟାଳୟ ରେ କାଳବୈଶାଖୀଯୋଗୁଁ ବ୍ୟାପକ କ୍ଷୟ କ୍ଷତି ହୋଇଥିବା ସୂଚନା ମିଳିଛି। ଏହାବ୍ୟତୀତ ଅନ୍ୟ କେତେକ ଅଞ୍ଚଳରେ ଘର ଭାଙ୍ଗିବା ନେଇ ଖବର ମିଳୁଛି। ବ୍ଲକର ଅନ୍ୟ ପଞ୍ଚାୟତରେ ବି କ୍ଷୟକ୍ଷତି ହୋଇଥିବା କୁହାଯାଉଛି। ଯାହାର ସବିଶେଷ ତଥ୍ୟ ହସ୍ତଗତ ହୋଇପାରିନି। କାଳବୈଶାଖୀ ଜନିତ ବଜ୍ରପାତ ରେ ଚିନ୍ତଲବାଡା ପଞ୍ଚାୟତ ସିନ୍ଧିଗୁଡା ଗ୍ରାମର ଗଙ୍ଗା ମାଡକାମୀଙ୍କ ସ୍ତ୍ରୀ ଶୁକ୍ରୀ ଙ୍କ ମୃତ୍ୟୁ ହୋଇଥିବା ଜଣାପଡିଛି। ମିଳିଥିବା ସୂଚନା ଅନୁଯାଇ ଶୁକ୍ରୀ ନିଜ ଜମିକୁ ବାଦାମ ତୋଳିବାକୁ ଯାଇଥିବାବେଳେ ବଜ୍ରପାତ ହୋଇଥିଲା । ବଜ୍ରପାତ ଯୋଗୁଁ ସେ ଅଚେତ ହୋଇ ପଡିଥିଲା। ତୁରନ୍ତ ନିକଟରେ ଥିବା ଗ୍ରାମବାସୀ ଓ ପରିବାର ଲୋକ ଘରକୁ ଆଣିଥିଲେ ହେଲେ ସେତେ ବେଳକୁ ଶୁକ୍ରୀ ମୃତ୍ୟୁ ବରଣ କରିସାରିଥିଲା ।

ଗୁରୁବାର, ମଇ ୨୩, ୨୦୨୪

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ବିଧାୟକ ପ୍ରାର୍ଥୀମାନଙ୍କ ସହିତ ଉପଜିଲ୍ଲାପାଳ କଲେ ଆଲୋଚନା



ରେମୁଣା , ୨୨/୫ (ନି.ପ୍ର): ବୁଧବାର ସକାଳେ ରେମୁଣା ବିଜେପି ବିଧାୟକ ପ୍ରାର୍ଥୀ ଶ୍ରୀ ଗୋବିନ୍ଦ ଚନ୍ଦ୍ର ଦାସ ତାଙ୍କ ନିଜ ପଞ୍ଚାୟତ ବାଲିଆରେ ଘର ଘର ବୁଲି ଭୋଟ ଭିକ୍ଷା କରିଥିଲେ। ମଣ୍ଡଳ ସଭାପତି କୃଷ୍ଣ ଚନ୍ଦ୍ର ସାହା,ପଞ୍ଚାୟତ ସଭାପତି ବିନାୟକ ପଡ଼ିଆରୀ,ଉପସଭାପତି ରତିକାନ୍ତ ରାଉତ,ପ୍ରଭାରୀ ସଞ୍ଜୟ ପ୍ରଧାନ ଏବଂ ପଞ୍ଚାୟତର ସମସ୍ତ ବରିଷ୍ଠ କାର୍ଯ୍ୟକର୍ତ୍ତା ଏହି ପ୍ରଚାରରେ ସାମିଲ ହୋଇଥିଲେ। ଦୀର୍ଘ ୨୫ ବର୍ଷ ଧରି ରାଜ୍ୟରେ ଏ ଅପାରଗ ସରକାର ଓଡ଼ିଶାର ଲୋକଙ୍କୁ ହନ୍ତସନ୍ତ କରିସାରିଲାଣି ।ଆଜି ଯାଏଁ ଏ ସରକାର ଓଡ଼ିଶାକୁ କେବଳ ଦୁର୍ନୀତି,ଭ୍ରଷ୍ଟାଚାର,ବେକାରୀ,ନାରୀଙ୍କୁ ଅସମ୍ମାନ,କେନ୍ଦ୍ର ଯୋଜନାର ବାଟମାରଣା,ଦଳୀୟ ଭିତ୍ତିରେ ହିତାଧିକାରୀଙ୍କୁ ଯୋଜନା ଭୁକ୍ତ କରିବା ,ଅଣ ଓଡିଆଙ୍କ ହାତରେ ଓଡ଼ିଶାର ଶାସନ ଭାର ,ସରକାରୀ ବାବୁଙ୍କ ମନଇଚ୍ଛା ଶାସନ,ଖଣି ଲୋଟ ପରି ଅନେକ ଘୋଟାଲା ମିଳିଛି। ଓଡ଼ିଶାର ଲୋକେ ସବୁ ବୁଝିସରିଲେନି। ଏଥର ପରିବର୍ତ୍ତନ ଦରକାର। ଏଣୁ ଦୁଇଥର ପଦ୍ମ ଫୁଲକୁ ଆଶୀର୍ବାଦ କରି ଏଥର ଓଡ଼ିଶାରେ ବିଜେପି ସରକାର କରିବା ସହ ଉଭୟ ବିଧାୟକ ଏବଂ ସାଂସଦ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଆଶୀର୍ବାଦ କରିବା ପାଇଁ ସମସ୍ତେ ଅନୁରୋଧ କରିଥିଲେ। ଓଡ଼ିଶାରେ ବିଜେପି ସରକାର ହେଲେ ଓଡ଼ିଆ ପୁଅ ମାନେ ଦାଦନ ଖଟିବା ପାଇଁ ନଯାଇ ଓଡ଼ିଶାରେ କାମ କରିବେ, ଓଡ଼ିଶାରେ ନୂତନ ଶିଳ୍ପ ମାନ ପ୍ରତିଷ୍ଠା କରାଯିବ,ମହିଳା ମାନଙ୍କୁ ଉଚିତ ସମ୍ମାନ ମିଳିବ,ଓଡ଼ିଶା ବିକାଶ ପଥରେ ଆଗେଇବ। ଏଥିପାଇଁ ଆପଣ ମାନଙ୍କ ଆଶୀର୍ବାଦ ଏକାନ୍ତ କାମ୍ୟ ବୋଲି କାର୍ଯ୍ୟକର୍ତ୍ତା ଲୋକଙ୍କୁ କହିଥିଲେ।

# ବିଶିଷ୍ଟ କବି ତଥା ସଂପାଦକ ସୁନୀଲ ପୃଷ୍ଟିଙ୍କ ପରଲୋକ: ସାରସ୍ୱତ ମହଲରେ ଶୋକର ଛାୟା



ଭୁବନେଶ୍ୱର, ୨୨/୫ (ନି.ପ୍ର): ସମକାଳର ବିଶିଷ୍ଟ କବି ତଥା ସଂପାଦକ ସୁନୀଲ କୁମାର ପୃଷ୍ଟିଙ୍କର ଆଜି ସକାଳେ ପରଲୋକ ଘଟିଛି। ଆଜି ସକାଳେ ସେ ହଠାତ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ କ୍ୟାପିଟାଲ୍ ହସ୍‌ପିଟାଲ ଅଣାଯାଇଥିଲା ଓ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ହୃଦଘାତରେ ତାଙ୍କର ବିୟୋଗ ଘଟିବା ବେଳଙ୍କୁ ତାଙ୍କୁ ୬୨ ବର୍ଷ ବୟସ ହୋଇଥିଲା। ମୃତ୍ୟୁବେଳକୁ ତାଙ୍କ ନିକଟରେ ପତ୍ନୀ ଅଧ୍ୟାପିକା ଗୀତା ଦୀକ୍ଷିତ ଓ ଏକମାତ୍ର ପୁତ୍ର ସୃଜନ ସାରସ୍ୱତ ଉପସ୍ଥିତ ଥିଲେ । ଆମ ସମୟର ଅନ୍ୟତମ ଆଦୃତ କବି ଭାବରେ ଜଣାଶୁଣା ସୁନୀଲ ପୃଷ୍ଟି ୧୯୬୩ ମସିହାରେ ବରଗଡ଼ ଜିଲ୍ଲାରେ ଜନ୍ମଗ୍ରହଣ କରିଥିଲେ। ପରେ ରାୟଗଡ଼ାରେ ଶିକ୍ଷା ସମାପ୍ତି ପରେ ସେ କିଛିଦିନ ଅଧ୍ୟାପନାରେ ଯୋଗ ଦେଇଥିଲେ । ଅଧ୍ୟାପନାରୁ ବିଦାୟ ନେଇ ସେ ପରେ ପୂର୍ଣ୍ଣ ଭାବରେ ସାହିତ୍ୟ ଓ ସଂପାଦନାରେ ମନୋନିବେଶ କରିଥିଲେ । କବିତା ରଚନାରେ ସ୍ୱକୀୟ ବିଶେଷତ୍ୱ ପାଇଁ ସ୍ୱୀକୃତ ସୁନୀଲ ପୃଷ୍ଟିଙ୍କ ରଚିତ କବିତା ଗ୍ରନ୍ଥଗୁଡ଼ିକ ହେଉଛି 'ଚିହ୍ନା ଚିହ୍ନା ନିର୍ଜନତା', 'ଦେହଦେଉଳ', 'ପୁଅ ପାଇଁ ପ୍ରାର୍ଥନା', 'ତନୁଲତାର କବିତା' ଓ 'ଅସଫଳ କବିତା' । ପରେ ତାଙ୍କର ନିର୍ବାଚିତ କବିତା ସଂକଳନ 'ପାଞ୍ଚଟି ପୃଥିବୀ' ମଧ୍ୟ ପ୍ରକାଶିତ ହୋଇଛି । କବି ସୁନୀଲ ପୃଷ୍ଟି ପତ୍ରିକା ସଂପାଦନା କ୍ଷେତ୍ରରେ ଅତ୍ୟନ୍ତ ଲୋକପ୍ରିୟ ଥିଲେ । ଗୁଣବତ୍ତା ଓ ମନନଶୀଳତା ତାଙ୍କ ସଂପାଦନାର ମୂଳକଥା ଥିଲା । ସେ ପ୍ରଥମେ 'ନବଲିପି' ସାହିତ୍ୟ ପତ୍ରିକା ସଂପାଦନା ସହ ସଂପୃକ୍ତ ହୋଇଥିଲେ। 'ଅନୁପମ ଭାରତ' ଦୈନିକ ଓ 'ସଚିତ୍ର ବିଜୟା'ରେ ଯୋଗଦେଇ ସୁନୀଲ 'ସଚିତ୍ର ବିଜୟା' ସଂପାଦନାରେ ୧୧ ବର୍ଷରୁ ଊର୍ଦ୍ଧ୍ୱକାଳ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ । ଏହି ସମୟରେ ସେ 'ଜହ୍ନମାମୁଁ' ପତ୍ରିକା ପାଇଁ ମଧ୍ୟ କାର୍ଯ୍ୟ କରିଥିଲେ। ପରେ ସେ 'ସାହିତ୍ୟ ପୃଥିବୀ'ର ସଂପାଦନା ଦାୟିତ୍ୱ ନେଇଥିଲେ । ଶେଷକୁ ଶ୍ରୀ ପୃଷ୍ଟି 'ଶିଶିର' ମାସିକ ପତ୍ରିକା ସହିତ ଯୋଡ଼ି ହୋଇଥିଲେ । ନିଜର ସାହିତ୍ୟକୃତି ପାଇଁ ଶ୍ରୀ ପୃଷ୍ଟି ଏକାଧିକ ପୁରସ୍କାର ଓ ସମ୍ବର୍ଦ୍ଧନା ପାଇଥିଲେ । ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର, ବସନ୍ତ ମୁଦୁଲି କବିତା ପୁରସ୍କାର, ଧ୍ୱନି ପ୍ରତିଧ୍ୱନି କବିତା ସମ୍ମାନ, ଭୁବନେଶ୍ୱର ପୁସ୍ତକମେଳା ପୁରସ୍କାର, ଝଙ୍କାର ବିଷୁବ ପୁରସ୍କାର, ଗଙ୍ଗାଧର ରଥ ଫାଉଣ୍ଡେସନ ପ୍ରଦତ୍ତ 'ସୁବ୍ରତ ସ୍ମାରକୀ' ପୁରସ୍କାର ସମେତ ସେ ଏକାଧିକ ଆନୁଷ୍ଠାନିକ ସ୍ୱୀକୃତି ଲାଭ କରିଥିଲେ । ଅଜସ୍ର ପାଠକୀୟ ଶ୍ରଦ୍ଧା ତାଙ୍କ ରଚନାକୁ ସ୍ମରଣୀୟ ରଖିଛି। ଶ୍ରୀ ପୃଷ୍ଟିଙ୍କ ମୃତ୍ୟୁ ସମ୍ବାଦ ପ୍ରଚାରିତ ହେବା ମାତ୍ରେ କ୍ୟାପିଟାଲ୍ ହସ୍‌ପିଟାଲରେ କବି, ଲେଖକ ଓ ଶୁଭେଚ୍ଛୁମାନେ ସମବେତ ହୋଇ ତାଙ୍କର ଶେଷ ଦର୍ଶନ କରିଥିଲେ । ଅପରାହ୍ନରେ ସତ୍ୟନଗର ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମାପନ ହୋଇଥିଲା । ପୁତ୍ର ସୃଜନ ମୁଖାଗ୍ନି ଦେଇଥିଲେ । ଶ୍ମଶାନ ଘାଟରେ ମଧ୍ୟ ସୁନୀଲଙ୍କ ପ୍ରିୟବନ୍ଧୁ, କବି, ଲେଖକ, ସଂପାଦକ, ସାରସ୍ୱତ ସଂଗଠକମାନେ ଉପସ୍ଥିତ ରହି ଶ୍ରଦ୍ଧାନିବେଦନ କରିଥିଲେ ।

# ସେକ୍ଟର ଅଫିସର, ମାଇକ୍ରୋଅବ୍‌ଜରଭର ଓ ଗଣତି ପାଇଁ ନିଯୁକ୍ତ ଅଧିକାରୀମାନଙ୍କୁ ତାଲିମ୍




ଭଦ୍ରକ, ୨୨/୫ (ନି.ପ୍ର): ଶାନ୍ତି ଶୃଙ୍ଖଳାର ସହିତ ସୁରୁଖୁରୁ ରୂପେ ନିର୍ବାଚନ କାର୍ଯ୍ୟ ପରିଚାଳନାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଉଥିବା ସେକ୍ଟର ଅଫିସର ଏବଂ ମାଇକ୍ରୋଅବଜରଭର ମାନଙ୍କ ପାଇଁ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ତାଲିମ୍ ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶହୀଦ ସ୍ମୃତି ଭବନରେ ଆୟୋଜିତ ଜିଲ୍ଲା ନିର୍ବାଚନ ଅଧିକାରୀ-ତଥା-ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧକ୍ଷତାରେ ସେକ୍ଟର ଅଫିସର ମାନଙ୍କ ସହ ବାର୍ତ୍ତାଳାପ ଜରିଆରେ ସେମାନଙ୍କର କାର୍ଯ୍ୟ ଓ ଦାୟୀତ୍ୱ ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ରିଟର୍ଣ୍ଣିଂ ଅଧିକାରୀ ଭାବେ ଦୁଇ ଅତିରିକ୍ତ ଜିଲ୍ଲାପାଳ ଶାନ୍ତନୁ କୁମାର ମହାନ୍ତି ଏବଂ ସମ୍ବିତ କୁମାର ଗଡ଼ନାୟକ, ସି.ଡ଼ି.ଓ. ସରୋଜ କୁମାର ଦତ୍ତ ଏବଂ ଅତିରିକ୍ତ ଉପଜିଲ୍ଲାପାଳ ଶ୍ୟାମଳ ରାୟ ଯୋଗ ଦେଇଥିଲେ। ମତଦାନ କାର୍ଯ୍ୟ ପରିଚାଳନାରେ ବୁଥ୍‌ର ପ୍ରିଜାଇଡ଼ିଂ ଅଧିକାରୀ ଓ ରିଟର୍ଣ୍ଣିଂ ଅଧିକାରୀଙ୍କ ମଧ୍ୟରେ ସେତୁଭଳି କାର୍ଯ୍ୟ କରିବାରେ ସେକ୍ଟର ଅଫିସରମାନଙ୍କ ମହତ୍ତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଜିଲ୍ଲାପାଳ ସେମାନଙ୍କୁ ଅବଗତ କରାଇଥିଲେ। ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମହାନ୍ତି ସେକ୍ଟର ଅଫିସର ମାନଙ୍କ କାର୍ଯ୍ୟ ଓ ଦାୟୀତ୍ୱ ସମ୍ବନ୍ଧରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରିଥିଲେ। ପ୍ରତି ସେକ୍ଟର ଅଫିସର ମାନଙ୍କ ଅଧୀନରେ ଥିବା ନିର୍ଦ୍ଧାରିତ ବୁଥ ଗୁଡ଼ିକର ପୋଲିଂ ଦଳ ଡ଼ିସବରସାଲ କେନ୍ଦ୍ରରୁ ଇଭିଏମ୍, ଭିଭିପାଟ୍ ଓ ଆନୁସଙ୍ଗିକ ଫର୍ମ ଆଦି ଗ୍ରହଣ କରିବା, ନିଜ ନିଜ ବୁଥରେ ପହଞ୍ଚିବା, ନିର୍ଦ୍ଧାରିତ ସମୟରେ ମକ୍‌ପୋଲ, ସୁରୁଖୁରୁରୂପେ ମତଦାନ କାର୍ଯ୍ୟ ପରିଚାଳନା, ଘଣ୍ଟାକୁ ଘଣ୍ଟା ମତଦାନ ହାର ଓ ବୁଥ୍‌ର ସୁବିଧା ଅସୁବିଧା ସମ୍ବନ୍ଧରେ ସଂପୃକ୍ତ ଆର୍.ଓ.ଙ୍କୁ ତଥ୍ୟ ପ୍ରଦାନ, ପୋଲିଂ ଦଳର ପ୍ରତ୍ୟାବର୍ତ୍ତନ ଆଦି କ୍ଷେତ୍ରରେ ସେକ୍ଟର ଅଫିସରମାନଙ୍କ ଦାୟୀତ୍ୱ ସମ୍ବନ୍ଧରେ ସେମାନଙ୍କୁ ବୁଝାଇ ଦିଆଯାଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ଦିଗରେ ମାଜିଷ୍ଟ୍ରେଟ୍‌ଙ୍କ ସହ ସମନ୍ୱୟ ରକ୍ଷା କରିବା ନେଇ ମଧ୍ୟ ସେମାନଙ୍କୁ କୁହାଯାଇଥିଲା। ସେହିପରି ମାଷ୍ଟର ଟ୍ରେନର ଭାବେ ଡ଼େପୁଟୀ କଲେକ୍ଟର କାର୍ତ୍ତିକନାଥ ମଣ୍ଡଳ ଏବଂ ଶିକ୍ଷ ଅଧିକାରୀ ଶଶୀ ଶେଖର ବେହେରା ମାଇକ୍ରୋ ଅବଜରଭର ମାନଙ୍କୁ ଜୁନ୍ ୪ ରେ ହେବାକୁ ଥିବା ଗଣତି ପ୍ରକ୍ରିୟାରେ ସେମାନଙ୍କ କାର୍ଯ୍ୟ ସମ୍ବନ୍ଧରେ ତାଲିମ୍ ପ୍ରଦାନ କରିଥିଲେ। ସାଧାରଣ ପର୍ଯ୍ୟବେକ୍ଷକ ମାନଙ୍କ ପ୍ରତିନିଧି ରୂପେ ସେମାନେ ନିର୍ବାଚନ ମଣ୍ଡଳୀ ୱାରୀ ପ୍ରତି ରାଉଣ୍ଡ ର ଫଳାଫଳ ସମ୍ବନ୍ଧରେ ପର୍ଯ୍ୟବେକ୍ଷକ ମାନଙ୍କୁ ଅବଗତ କରାଇବେ। ଡାକ ଭୋଟ୍, ଡାକ ଦ୍ୱାରା ଆସିଥିବା ସର୍ଭିସ୍ ଭୋଟ, ହୋମ୍‌ଭୋଟିଂ ଆଦିର ଫଳାଫଳ ସମ୍ବନ୍ଧରେ ଅବଗତ କରାଇବା, ପର୍ଯ୍ୟବେକ୍ଷକ ମାନଙ୍କ ନିର୍ଦ୍ଦେଶ କ୍ରମେ ୨ଟି ଲେଖାଏଁ ସାମ୍ପଲ ମେସିନ ର ମେଳ କରାଇବା, ବାଧ୍ୟତା ମୂଳକ ୫ ଟି ଭିଭିପାଟ୍‌ର ସ୍ଲିପ୍ ଗଣତି କରିବାରେ ସେମାନଙ୍କ ଭୂମିକା ସମ୍ବନ୍ଧରେ ମଧ୍ୟ ତାଲିମ୍ ପ୍ରଦାନ କରାଯାଇଥିଲା ନିର୍ବାଚନର ଫଳାଫଳ ପାଇଁ ଜୁନ୍ ୪ ତାରିଖରେ ଗଣତି କାର୍ଯ୍ୟ ଅନୁଷ୍ଠିତ ହେବ। ଏଥିପାଇଁ ଧାମନଗର ନିର୍ବାଚନ ମଣ୍ଡଳୀ ପାଇଁ ଜଲ୍ଲା ସଂସ୍କୃତି ଭବନରେ ଓ ଅନ୍ୟ ୪ଟି ବିଧାନ ସଭା ପାଇଁ ଭଦ୍ରକ ସ୍ୱୟଂ ଶାସିତ ମହାବିଦ୍ୟାଳୟର ଗଣତି କାର୍ଯ୍ୟ ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ପ୍ରସ୍ତୁତି କରାଯାଇଛି।

# ଅଶୋଧିତ ତୈଳଦର ବ୍ୟାରେଲ ପିଛା ୮୩ ଡଲାର ଛୁଇଁଲା

ନୂଆଦିଲ୍ଲୀ, ୨୨/୫ (ନି.ପ୍ର): ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳଦର ପରିବର୍ତ୍ତନ ହେବାରେ ଲାଗିଛି । ଅଶୋଧିତ ବ୍ରେଣ୍ଟ ମୂଲ୍ୟ ବ୍ୟାରେଲ ପିଛା ୮୩ ଡଲାର ହୋଇଥିବା ବେଳେ ଅଶୋଧିତ ଡବ୍ଲୁଟିଆଇ ୮୦ ଡଲାର ରହିଛି । ତେବେ ସାର୍ବଜନୀନ କ୍ଷେତ୍ରରେ ତୈଳ ଓ ଗ୍ୟାସ ବିପଣନ କମ୍ପାନୀ ପେଟ୍ରୋଲ-ଡିଜେଲ ମୂଲ୍ୟରେ କୌଣସି ପରିବର୍ତ୍ତନ କରିନାହିଁ । ଇଣ୍ଡିଆନ ଅଏଲର ୱେବସାଇଟ୍ ମୁତାବକ ରାଜଧାନୀ ଦିଲ୍ଲୀରେ ପେଟ୍ରୋଲ ମୂଲ୍ୟ ୯୪.୭୨ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୮୯.୬୨ ଟଙ୍କା ରହିଛି । ମୁମ୍ବାଇରେ ପେଟ୍ରୋଲ ମୂଲ୍ୟ ଲିଟର ପିଛା ୧୦୪.୨୧ଟଙ୍କା ଥିବା ବେଳେ ଡିଜେଲ ୯୨.୨୭ଟଙ୍କା ରହିଛି । କୋଲକାତାରେ ପେଟ୍ରୋଲ ମୂଲ୍ୟ ୧୦୩.୯୪ ଟଙ୍କା ରହିଥିବା ବେଳେ ଡିଜେଲ ମୂଲ୍ୟ ୯୦.୭୬ ଟଙ୍କା, ଚେନ୍ନାଇରେ ପେଟ୍ରୋଲ ମୂଲ୍ୟ ୧୦୦.୭୫ଟଙ୍କା ଥିବା ବେଳେ ଡିଜେଲ ମୂଲ୍ୟ ୯୪.୩୪ଟଙ୍କା ରହିଛି ।

# ନୀଳଗିରି ଟ୍ରକ ମାଲିକ ସଂଘ ବିଜେପି ପ୍ରାର୍ଥୀ ସନ୍ତୋଷ ଖଟୁଆଙ୍କୁ କଲା ପୂର୍ଣ୍ଣ ସମର୍ଥନ



ନୀଳଗିରି, ୨୨/୫ (ନି.ପ୍ର): ଆଜି ପୂର୍ବାହ୍ନରେ, ନୀଳଗିରି ଏନ୍ ଏ ସି କଲ୍ୟାଣ ମଣ୍ଡପ ପରିସରରେ ନୀଳଗିରି ଟ୍ରକ ମାଲିକ ସଂଘର ସଭାପତି ଶିଶିର ରାଉତଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକ ନିମନ୍ତେ ଆୟୋଜିତ ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ମୁଖ୍ୟ କାର୍ଯ୍ୟକାରୀ ସମ୍ପାଦକ ମାନସ ରଞ୍ଜନ ବାରିକ, ସହ-ସମ୍ପାଦକ ଅଶୋକ କୁମାର ଦାସ, ଉପ-ସଭାପତି ନିହାର ରଞ୍ଜନ ମହାପାତ୍ର, କୋଷାଧକ୍ଷ ବିରେନ୍ଦ୍ର କୁମାର ଆଚାର୍ଯ୍ୟ, ଆଇନଗତ ବରିଷ୍ଠ ଉପଦେଷ୍ଟା ଚିତ୍ତରଞ୍ଜନ ଷଡ଼ଙ୍ଗୀ, ପୂର୍ବତନ ସଭାପତି ସୁରଞ୍ଜନ ମହାପାତ୍ର ଏବଂ ବିଜେପି ବିଧାୟକ ପ୍ରାର୍ଥୀଙ୍କ ଧର୍ମପତ୍ନୀ ସ୍ନେହଲତା ଖଟୁଆ ପ୍ରମୁଖ ଉପସ୍ଥିତ ଥିଲେ। ସଭାପତି ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଥିଲେ କି ୨୦୧୪ ମସିହାରୁ ଟ୍ରକ ମାଲିକ ସଂଘର ସଦସ୍ୟ ମାନେ ଅତ୍ୟନ୍ତ ଦୁର୍ଦ୍ଦିନ ମଧ୍ୟରେରେ ଜୀବନ ନିର୍ବାହ କରୁଛନ୍ତି। ୨୦୧୪ ମସିହା ତତ୍କାଳୀନ ବିଜେଡ଼ି ବିଧାୟକ ସୁକାନ୍ତ ନାୟକ, ଖଣି ଖାଦାନ କୁ ତୀବ୍ର ବିରୋଧ କରିଥିଲେ। ପୁଣି ୨୦୧୯ ରେ, ବିଜେପି ବିଧାୟକ ଭାବେ ନିଜ ସ୍ୱାର୍ଥ ହାସଲ ପାଇଁ, ଖଣି ଖାଦାନ କୁ ବିରୋଧ କରିବାରୁ, ଖଣି ଖାଦାନ ବନ୍ଦ ହୋଇଯିବା ଦ୍ୱାରା, ଟ୍ରକ ମାଲିକ ମାନେ ଭଡ଼ା ନପାଇ ଅତ୍ୟନ୍ତ କଷ୍ଟରେ ସମୟ କାଟୁଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ସନ୍ତୋଷ ଖଟୁଆ, ଉପଦେଷ୍ଟା ଭାବେ ତାଙ୍କ ଦାୟୀତ୍ୱ ନିର୍ବାହ କରିବା ସହିତ,ଆମ ର ପ୍ରତ୍ୟେକ ସୁଖ ଦୁଃଖରେ ସାଥ ଦେଇଛନ୍ତି। ଆଗାମୀ ନିର୍ବାଚନ ପରିପ୍ରେକ୍ଷୀରେ ଯିଏ ଆମ ଦୁଃଖରେ ଅଛି ସହଯୋଗ କରୁଛି ଯାହାର ଦରଦୀ ମଣିଷ ପଣିଆ ଅଛି ସେଭଳି ପ୍ରାର୍ଥୀ ବିଜେପି ର ସନ୍ତୋଷ ଖଟୁଆ ଙ୍କୁ ମତ ଦାନ କରିବାକୁ ମଞ୍ଚ ଉପରୁ ସମସ୍ତ ସଦସ୍ୟଙ୍କୁ ଆହ୍ୱାନ ଦେଇଥିଲେ। ଯାହାକୁ ସଂଘର ପ୍ରାୟ ସଦସ୍ୟ ପୂର୍ଣ୍ଣ ପ୍ରାଣ ରେ ସମର୍ଥନ କରିବା ସହିତ ହାତତାଳି ମାରି ସମର୍ଥନ ବ୍ୟକ୍ତ କରି ଥିବା ଦେଖାଯାଇଛି । ଅନ୍ୟ ପକ୍ଷରେ, ବୈଠକ ଶେଷରେ ଶ୍ରୀ ଖଟୁଆଙ୍କ ଧର୍ମପତ୍ନୀ ଶ୍ରୀମତୀ ଖଟୁଆ, ଆଗାମୀ ନିର୍ବାଚନରେ, ତାଙ୍କ ସ୍ୱାମୀଙ୍କୁ ବିପୁଳ ସଂଖ୍ୟାରେ ପଦ୍ମଫୁଲ ଚିହ୍ନରେ ଭୋଟ ଦେଇ ଜିତାଇବା ସହିତ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କୁ ମଧ୍ୟ ପଦ୍ମଫୁଲ ଚିହ୍ନରେ ଭୋଟଦେଇ ଜିତାଇବାକୁ ନିବେଦନ କରିଥିଲେ। ବୈଠକ ଶେଷରେ, ଏକ ସମ୍ବାଦଦାତା ସମ୍ମିଳନୀ ରେ ଉପସ୍ଥିତ ସାମ୍ବାଦିକ ମାନଙ୍କୁ, ସଭାପତି ଶ୍ରୀ ରାଉତ କହିଥିଲେ ଯିଏ ଦୀର୍ଘ ୮/୯ ବର୍ଷ ଧରି,ଆମ ଦାନା ରେ ବାଲି ପକାଇଛି ସେଭଳି ଲୋକକୁ ଆମେ ସମର୍ଥନ ଦେବୁ ନାହିଁ। ଯିଏ ଆମ ଦୁଃଖରେ ଅଛି,ସେହି ପ୍ରାର୍ଥୀ ସନ୍ତୋଷ କୁମାର ଖଟୁଆ ଓ ସାଂସଦ ପ୍ରାର୍ଥୀ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଙ୍କୁ ବିପୁଳ ସଂଖ୍ୟାରେ ଜିତାଇ ବାକୁ ଆପ୍ରାଣ ଉଦ୍ୟମ କରିବୁ।ଆମ ସଂଘ ର ୧୪୦ ଜଣ ମାଲିକ ମଧ୍ୟରୁ ପ୍ରାୟ ୧୩୫ ଜଣ ଟ୍ରକ ମାଲିକ ମାନେ ସ୍ୱଇଚ୍ଛାରେ ନିଜର ସମର୍ଥନ ବ୍ୟକ୍ତ କରିଥିବା କହିଥିଲେ।

# ସୀତାମଢିରେ ସଡକ ଦୁର୍ଘଟଣାରେ ୩ ମୃତ, ୬ ଆହତ

ପାଟଣା, ୨୨/୫ ସୀତାମଢି ଜିଲ୍ଲାରେ ବିଳମ୍ବିତ ରାତିରେ ଦୁର୍ଘଟଣାରେ ୩ଜଣଙ୍କ ମୃତ୍ୟୁ ହୋଇଛି । ଦୁର୍ଘଟଣାରେ ୬ଜଣ ଆହତ ହୋଇଛନ୍ତି । ସହର ଠାରୁ ତିନି କିଲୋମିଟର ଦୂର ସୀତାମଢି-ବରିୟାରପୁର ରାସ୍ତାରେ ମୋହନପୁରରେ ଏହି ଦୁର୍ଘଟଣା ଘଟିଛି । ପୋଲିସ ମୁତାବକ ଏକ ଟ୍ରକ ଭାରସାମ୍ୟ ହରାଇ ଅଟୋକୁ ଧକ୍କା ଦେଇଥିଲା । ଅଟୋରେ ଥିବା ତିନିଜଣ ଲୋକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଅନ୍ୟ ୬ଜଣ ଗୁରୁତର ଆହତ ହୋଇଛନ୍ତି । ସ୍ଥାନୀୟ ଲୋକଙ୍କ ସହାୟତାରେ ପୋଲିସ ଆହତଙ୍କୁ ଉଦ୍ଧାର କରି ସଦର ହସ୍ପିଟାଲରେ ଭର୍ତ୍ତି କରିଛି ।

# ଦୁର୍ଯ୍ୟୋ - ସରସ୍ୱତୀ ସାଂସ୍କୃତକ ପରିଷଦ ଉଦ୍‌ଘାଟିତ



ବାରିପଦା , ୨୨/୫ (ନି.ପ୍ର): ବାରିପଦା ମ୍ୟୁନିସିପାଲିଟି ଅନ୍ତର୍ଗତ ୧୭ ନଂ ୱାର୍ଡର ବଳରାମପୁର ଠାରେ ଦୁର୍ଯ୍ୟୋ - ସରସ୍ୱତୀ ସାଂସ୍କୃତିକ ପରିଷଦର ନୂତନ କାର୍ଯ୍ୟାଳୟ ଉଦଘାଟିତ ହୋଇଯାଇଛି ଓ ବିଶିଷ୍ଟ ନାଟ୍ୟକାର, ଅଭିନେତା ଓ ନିର୍ଦ୍ଦେଶକ କ୍ଷୀରୋଦ କୁମାର ଶିଟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉଦଘାଟନୀ ଉତ୍ସବରେ ରାସ ବିହାରୀ ଶିଟ ଓ ସୁମତୀରାଣୀ ଯୋଗ ଦେଇ ଏହି କାର୍ଯ୍ୟାଳୟର ଉଦଘାଟନ କରିଥିଲେ । ଅନ୍ୟ ମାନଙ୍କ ମଧ୍ୟରେ ସମ୍ମାନିତ ଅତିଥି ଭାବେ ସନ୍ତୋଷ କୁମାର ମହାନ୍ତି, ବରେନ୍ଦ୍ର କୁମାର ମହାନ୍ତି, ଗଦାଧର ବେହେରା ଓ ଅନ୍ନଦା ଶଙ୍କର ଦାଶ ପ୍ରମୁଖ ଉପସ୍ଥିତ ଥିଲେ । ପ୍ରକାଶ ଥାଉକି କୁନିକୁନି ପିଲା ତଥା ଆଜିର ଯୁବ ପିଢୀଙ୍କୁ ଓଡିଶାର ଲୋକକଳା ସହିତ ପରିଚିତ କରାଇବା ଏବଂ ନିଜ ମାତୃଭାଷା, ନିଜ ସଂସ୍କୃତିର ପ୍ରଚାର ପ୍ରସାର କିପରି ହୋଇପାରିବ ତାର ପ୍ରୟାସ କରିବା ଏହି ସଂସ୍ଥାର ମୁଖ୍ୟ ଉଦ୍ଦେଶ୍ୟ ଅଟେ । ଏହି ଅବସରରେ ସଂସ୍ଥାର ପ୍ରତିଷ୍ଠାତା ଶ୍ରୀ ଶିଟଙ୍କ ରଚିତ ୬ ଟି ନାଟ୍ୟ ପୁସ୍ତକ ଲୋକାର୍ପିତ ହୋଇସାରିଛି ।

# ନିର୍ବାଚନ ଆୟୋଗ ବଶିରହାଟ ମାଜିଷ୍ଟ୍ରେଟଙ୍କ ସମେତ ଦୁଇଜଣ ଅଧିକାରୀଙ୍କୁ ହଟାଇଲେ

କଲିକତା, ୨୨/୫ (ନି.ପ୍ର): ନିର୍ବାଚନ ଆୟୋଗ ବଶିରହାଟର ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ ଏବଂ କୋଲକାତା ଦକ୍ଷିଣର ଜିଲ୍ଲା ନିର୍ବାଚନ ଅଧିକାରୀଙ୍କୁ ହଟାଇ ଦେଇଛନ୍ତି। ବୁଧବାର ଆୟୋଗ ଏହା ମଧ୍ୟ କହିଛନ୍ତି ଯେ ଦୁଇ ଜଣଙ୍କ ମଧ୍ୟରୁ କେହି ନିର୍ବାଚନ କାର୍ଯ୍ୟରେ ଭାଗ ନେଇ ପାରିବେ ନାହିଁ। ଆୟୋଗ ସୂତ୍ର ଅନୁଯାୟୀ, ଆଇଏଏସ୍ ଅଧିକାରୀ ଦିବ୍ୟା ଲୋଗାନାଥନ୍ ଉତର ୨୪ ପରଗଣାର ବସିରହାଟ ଅତିରିକ୍ତ ଜିଲ୍ଲା ମାଜିଷ୍ଟ୍ରେଟ୍ ଭାବରେ କାର୍ଯ୍ୟ କରୁଥିବାବେଳେ ଆଇଏଏସ୍ ଅଧିକାରୀ ରଶ୍ମି କମଲ ଦକ୍ଷିଣ କୋଲକାତାର ଜିଲ୍ଲା ନିର୍ବାଚନ ଅଧିକାରୀ ଥିଲେ। ଆୟୋଗ ଏହି ଉଭୟ ଆଇଏଏସକୁ ଏହି ପଦବୀରୁ ହଟାଇ ଦେଇଛନ୍ତି। ଆୟୋଗ ଏହା ମଧ୍ୟ କହିଛନ୍ତି ଯେ ଉଭୟ ନିର୍ବାଚନ ସମ୍ବନ୍ଧୀୟ କାର୍ଯ୍ୟକଳାପରେ ଭାଗ ନେବେ ନାହିଁ।

# ଆଗାମୀ ନିର୍ବାଚନ ପାଇଁ ଯୁବ ବିଜେଡ଼ିର ବିଶାଳ ସମାବେଶ



ନୀଳଗିରି, ୨୨/୫ (ନି.ପ୍ର): ରାଜ୍ୟରେ ନିର୍ବାଚନ ହାୱା ବେଶ୍ ସରଗରମ ହୋଇଛି ।ଏହି ପରିପ୍ରେକ୍ଷୀରେ ନୀଳଗିରି ଯୁବବିଜେଡ଼ି ତରଫରୁ ପଞ୍ଚଲିଙ୍ଗେଶ୍ୱର ଠାରେ ଜିଲ୍ଲା ଯୁବବିଜେଡ଼ି ସଭାପତି ତାପସ ପରିଡ଼ାଙ୍କ ସଭାପତିତ୍ୱରେ ଏକ ଯୁବ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସମାବେଶରେ ନୀଳଗିରି ବିଧାୟକ ତଥା ବିଜେଡ଼ି ବିଧାୟକ ପ୍ରାର୍ଥୀ ସୁକାନ୍ତ କୁମାର ନାୟକ, ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ବରିଷ୍ଠ ଆଇନଜୀବି ଅମରେନ୍ଦ୍ର ପଟ୍ଟନାୟକ, ବରିଷ୍ଠ ବିଜେଡି ନେତା ତଥା ରାଜ୍ୟ ବିଜେଡ଼ି ଯୁଗ୍ମ ସମ୍ପାଦକ ଗତିକୃଷ୍ଣ ନନ୍ଦ, ରାଜ୍ୟ ଯୁବ ବିଜେଡ଼ି ସାଧାରଣ ସମ୍ପାଦକ ଉଦୟଜ୍ୟୋତି ମହାନ୍ତି, ଏସ ସି ସେଲ ସଭାପତି ଶରତ ଦାସ,୧୧ ନମ୍ବର ଜିଲ୍ଲା ପରିଷଦ ସଭ୍ୟା ସୁବର୍ଣ୍ଣ ମଞ୍ଜରୀ ସିଂ ପ୍ରମୁଖ ମଞ୍ଚାସୀନ ରହି ଉପସ୍ଥିତ ଦୁଇ ଶହରୁ ଊର୍ଦ୍ଧ୍ୱ ଯୁବବିଜେଡ଼ିର କର୍ମୀ ଓ ନେତାଙ୍କୁ ଆଗାମୀ ନିର୍ବାଚନ ରେ ବିଜୟ ଲାଭ କରିବା ପାଇଁ ଗୁରୁମନ୍ତ୍ର ଦେଇଥିଲେ ।ଶ୍ରୀ ପରିଡ଼ା ଉପସ୍ଥିତ ଯୁବକ ମାନଙ୍କୁ ପ୍ରତି ମୁହୂର୍ତ୍ତରେ ସଜାଗ ରହି, ଆଗାମୀ ନିର୍ବାଚନରେ ବିଧାୟକ ପ୍ରାର୍ଥୀ ସୁକାନ୍ତ ନାୟକ ଓ ସାଂସଦ ପ୍ରାର୍ଥୀନୀ ଡ. ଲେଖାଶ୍ରୀ ସାମନ୍ତ ସିଂହାରଙ୍କୁ ଯୋଡ଼ି ଶଙ୍ଖ ଚିହ୍ନରେ ମୋହର ମାରି ବିପୁଳ ସଂଖ୍ୟାରେ ଜିତାଇବାକୁ ନିବେଦନ କରିଥିଲେ। ମଞ୍ଚାସୀନ ଅତିଥିମାନେ ଷଷ୍ଠ ଥର ପାଇଁ ନବୀନ ପଟ୍ଟନାୟକଙ୍କୁ ମୁଖ୍ୟମନ୍ତ୍ରୀ କରିବା ସହିତ ତାଙ୍କ ହାତ ମୁଠାକୁ ଟାଣ କରିବାକୁ ବଜ୍ରଶପଥ ନେବାକୁ ଉପସ୍ଥିତ ଯୁବ ବିଜେଡି କର୍ମୀ ଙ୍କୁ ଆହ୍ୱାନ ଦେଇଥିଲେ।

# ଅଙ୍ଗଦାନ କଥା ସ୍ଥାନ ପାଇଲା ନାହିଁ ଇସ୍ତାହାରରେ: ଅସନ୍ତୋଷ ବ୍ୟକ୍ତ କଲେ ବହୁ ସାମାଜିକ କର୍ମି




ଉଦଳା , ୨୨/୫ (ନି.ପ୍ର): ଆଗକୁ ଆସୁଛି ନିର୍ବାଚନ । ଏଥିପାଇଁ ଉଦଳା ବିଧାନସଭା ନିର୍ବାଚନ ମଣ୍ଡଳିରେ ମୋଟ ୧୫ ଜଣ ପ୍ରାର୍ଥି ରଣାଙ୍ଗନରେ ଅବତିର୍ଣ୍ଣ ହୋଇଥିବା ବେଳେ, ବର୍ତମାନ ପ୍ରଚାର କାର୍ଯ୍ୟ ବେଶ ଯୋରଦାର ଚାଲିଛି । ପ୍ରଚାର ସମୟରେ ପ୍ରାର୍ଥି ବିଭିନ୍ନ ପ୍ରକାର ପ୍ରତିଶୃତି ଦେବା ସହିତ କ୍ଷମତାକୁ ଆସିଲେ କିପ୍ରକାର କାର୍ଯ୍ୟ କରିବେ ସେ ସମ୍ପର୍କରେ ଅବଗତ କରାଉଛନ୍ତି । କିନ୍ତୁ କୌଣସି ପ୍ରାର୍ଥି ନିଜେ ଅଙ୍ଗଦାନ କରିବେ ଓ ଏହାର ପ୍ରଚାର ପ୍ରସାର ବ୍ୟାପକ କରିବା ସହ ସଚେତନତାର ବାର୍ତା ବାଂଟିବେ ଏବଂ ଅଙ୍ଗ ପ୍ରତ୍ୟାରୋପଣ କ୍ଷେତ୍ରରେ ମେଡ଼ିକାଲ କଲେଜ ଗୁଡ଼ିକର ଭିତିଭୂମିକୁ ସଜାଡ଼ିବା ସକାଶେ ବିଧାନସଭାରେ ଦାବି ଉଠାଇବେ ଇତ୍ୟାଦି କଥା ଆଦୌ କୌଣସି ଇସ୍ତାହାରରେ ସ୍ଥାନ ପାଇନାହିଁ । ଫଳରେ ବହୁ ସ୍ୱେଚ୍ଛାସେବି ସଂଗଠନ ଓ ସାମାଜିକ କର୍ମି ଗଭିର ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ସେମାନେ କହିଛନ୍ତି, ଯେଉଁ ପ୍ରାର୍ଥି ବିଧାନସଭାରେ ଅଙ୍ଗଦାନ ସଂପର୍କିତ ଦାବି ଉଠାଇବେ ସେହିଭଳି ପ୍ରାର୍ଥିଙ୍କୁ ଆମେ ଭୋଟ ଦେବୁ ବୋଲି ମନସ୍ଥ କରିଥିଲୁ । କିନ୍ତୁ କୌଣସି ପ୍ରାର୍ଥି ଏ ସଂପର୍କରେ ନିର୍ବାଚନ ପ୍ରଚାର ସମୟରେ ତାଙ୍କର ଇସ୍ତାହାରରେ କିଛି ରଖିନାହାଁନ୍ତି । ଫଳରେ ଆମେ କାହାକୁ ଭୋଟ ଦେବୁ ସେ ବିଷୟରେ କିଛି ନିଷ୍ପତି ନେଇ ପାରୁ ନାହୁଁ ବୋଲି ଅତି ଦୁଃଖର ସହକାରେ ଜଣାଇଛନ୍ତି । ଅଙ୍ଗଦାନର ମାନସିକତା ଏକ ଉନ୍ନତ ମାନସିକତା ଅଟେ ବୋଲି କେତେକ କହିବା ସହିତ ଏହିଭଳି ମାନସିକତା ଥିବା ବ୍ୟକ୍ତି ମାନେ ଜାତି, ଧର୍ମ, ବର୍ଣ୍ଣକୁ ନେଇ ସମାଜରେ ଦେଖା ଯାଉଥିବା ସଂକିର୍ଣ୍ଣତା ଠାରୁ ବହୁ ଉର୍ଦ୍ଧରେ ଥାଆନ୍ତି ବୋଲି କହିଛନ୍ତି ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା
❐ ସଂପାଦିକା : ସୈରିନ୍ଧ୍ରୀ ସାହୁ

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo